ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ◆ISSUE-23 ◆THURSDAY ◆17 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୩ ◆ଗୁରୁବାର ◆୧୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

## ସାମିଲ ହେବେ ୮ ଟି ରାଜନୈତିକ ଦଳ

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**

■ **ଭୁବନେଶ୍ୱର, ୧୬।୭ (ସମିସ):** ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ▶ପୃଷ୍ଠା-୭

## ବିଜେଡିର ଲୋକସେବା ଭବନ ଘେରାଉ

# ବର୍ବରତାର ସୀମା ଟପିଲା ପୁଲିସ

**ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ୍, ରବର ବୁଲେଟ୍ ମାଡ଼**

**ପ୍ରଣବ ପ୍ରକାଶ, ପ୍ରୀତିରଞ୍ଜନ ଓ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ**

**ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି**



■ **ଭୁବନେଶ୍ୱର, ୧୬।୭ (ସମିସ):** ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡ଼ି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ପୁଲିସ ବର୍ବରତାର ସୀମା ଅତିକ୍ରମ ଟପିଛି। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡ଼ରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ▶ପୃଷ୍ଠା-୭

## ୮ ଘଣ୍ଟା ଅଟକିଲା ବାଲେଶ୍ୱର

**ଗଡ଼ିଲାନି ଚକ-ଅଖ**

■ **ବାଲେଶ୍ୱର, ୧୬।୭ (ସମିସ):** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବା ବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୂରି ▶ପୃଷ୍ଠା-୭

# ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

## ସ୍ପଷ୍ଟୀକରଣ ରଖନ୍ତୁ ସରକାର



"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"

■ **ଭୁବନେଶ୍ୱର, ୧୬।୭ (ସମିସ):** ଲାୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

# ସଂସଦ ଘେରିବ କଂଗ୍ରେସ




**ମହିଳାଙ୍କ ପାଇଁ ଓଡ଼ିଶା ମୃତ୍ୟୁକୂପ: ଅଲକା ଲାମ୍ବା**

■ **ଭୁବନେଶ୍ୱର, ୧୬।୭ (ସମିସ):** ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ; ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ▶ପୃଷ୍ଠା-୭







## ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାର୍‌ର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି। ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର୍ ବୋଲି କୁହାଯାଉଛି। ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ। ଏହି ମଡେଲର ନାଁ ପାଣ୍ଡା ରଖାଯାଇଛି। ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ ୨ଡି କାର୍ଟୁନ ଭଳି। ଏହାର ସାମ୍ନାରେ ଗୋଟିଏ ହେଡ୍‌ଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି। କାର୍‌ଟିର ଚାରିଟି ଚକ ରହିଛି। ଏହାର ଚକ ମଧ୍ୟ ଖୁବ୍ ପତଳା। ଏହି କାର୍‌ରେ ଗୋଟିଏ ଫ୍ରଣ୍ଟ ସିଟ୍ ଅଛି। ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି। ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି। ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାର୍‌ର ଗୋଟିଏ ଡୋର୍ ଅଛି। ଯିଏ ବି ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ। ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ। କାର୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ କାର୍‌ଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି।

## ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳନ କରାଯାଇ ଆସୁଛି। ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମିଳନୀର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି। ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ। ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଘଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି।

## ସୂର୍ଯ୍ୟାଲୋକରୁ ସୁରକ୍ଷା ଦେଉଛି ପଦ୍ମପତ୍ର



ଚୀନ୍‌ରେ ନିୟମିତ ନୂଆ ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏଠାରେ ଏବେ ଏକ ଅଜବ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି। ଏଠାକାର ଲୋକେ ସନ୍‌ବର୍ଣ୍ଣରୁ ରକ୍ଷା ପାଇବା ପାଇଁ ପଦ୍ମପତ୍ରକୁ ଫେସ୍‌କଭର୍ ଭଳି ବ୍ୟବହାର କରୁଥିବାର ଦେଖାଯାଇଛି। ବିଶେଷକରି ଦକ୍ଷିଣ ଚୀନ୍‌ର ଝୋଜିଆଙ୍ଗ, ସିଚୁଆନ୍, ଏବଂ ଫୁଜିୟାନ ପ୍ରାନ୍ତର ଲୋକେ ଖରା ଏବଂ ଗରମରୁ ମୁହଁକୁ ସୁରକ୍ଷା ଦେବା ପାଇଁ ଏହି ନିଆରା ଉପାୟ ବାହାର କରିଛନ୍ତି। ଏବେ ସେମାନେ ବଜାରରୁ ସନ୍‌ସ୍କ୍ରିନ୍ ନ କିଣି, ପୋଖରୀରୁ ପଦ୍ମପତ୍ର ଛିଡ଼ାଇ ନିଜ ମୁହଁ ଘୋଡ଼ାଉ ଥିବା ଦେଖିବାକୁ ମିଳୁଛି। ସେହିପରି ବଡ଼ ବଡ଼ ପଦ୍ମପତ୍ରକୁ ହେଲ୍‌ମେଟ୍ କିମ୍ବା ଟୋପିରେ ସେଟ୍ କରି ମୁହଁରେ ବାନ୍ଧୁଥିବାର ଦେଖାଯାଉଛି। ଏହାସହ ଆଖି, ନାକ ଏବଂ ପାଟି ପାଖରେ ଛୋଟ ଛୋଟ ଛିଦ୍ର କରିଥାନ୍ତି। ଏନେଇ ଫୁଜିୟାନ ଅଞ୍ଚଳର ଜଣେ ଯୁବକଙ୍କ କହିବା କଥା, ସେ ପ୍ରଥମେ ବିୟୁଟି ମାସ୍କ ଲଗାଇବାକୁ ଭାବୁଥିଲେ। କିନ୍ତୁ ଘର ପାଖ ପୋଖରୀରେ ଥିବା ପଦ୍ମପତ୍ର ଦେଖି ତାଙ୍କ ମନ ବଦଳି ଯାଇଥିଲା। ତେବେ ଏହା ଏକ ପ୍ରାକୃତିକ ଉପଚାର ହେବା ସହ ମାଗଣାରେ ମିଳୁଥିବାରୁ ଲୋକେ ଏହି ଟ୍ରେଣ୍ଡକୁ ବେଶ୍ ପସନ୍ଦ କରୁଛନ୍ତି। କିଛି ଲୋକେ ଏହି ଟ୍ରେଣ୍ଡ ବେଶ୍ ମଜାଦାର କହୁଥିବାବେଳେ କିଛି ଏହାକୁ କ୍ଷତିକାରକ ବୋଲି କହିଛନ୍ତି। ଏଭଳି ପତ୍ର ପିନ୍ଧି ବାଇକ୍ ଚଲାଇବା ସମୟରେ ଦୁର୍ଘଟଣା ଘଟିପାରେ ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି। ତେବେ ୧୦ ବର୍ଷ ପୂର୍ବେ ଚୀନ୍‌ର ସେଡୋଙ୍ଗ ପ୍ରାନ୍ତରେ ଫେସ୍‌କିନି ନାମକ ଏକ ଜିନିଷ ଭାଇରାଲ ହୋଇଥିଲା। ସମୁଦ୍ରକୂଳକୁ ଯାଉଥିବା ମହିଳାମାନେ ମୁହଁକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ଏହାକୁ ପିନ୍ଧୁଥିଲେ।

## 'ଦ ରାଜା ସାବ୍'

## ପ୍ରଭାସ ନେଇଛନ୍ତି ୧୫୦ କୋଟି


ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ୍' ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି। କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି। ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି। ତେବେ 'ଦ ରାଜା ସାବ୍'କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ। ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ। ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି। 'ଦ ରାଜା ସାବ୍'ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଳବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି। ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ।




## ଆଜିର ଇତିହାସ

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା।
- ୨୦୧୪- ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି।


## ୫୨ ବର୍ଷ ଧରି ପେଟ ଭିତରେ ଥିଲା ଟୁଥ୍‌ବ୍ରଶ





ପୂର୍ବ ଚୀନ୍‌ର ଅନହୁଇ ଅଞ୍ଚଳରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଏଠାରେ ୬୪ ବର୍ଷ ବୟସ୍କ ୟାଙ୍ଗଙ୍କ ଅନ୍ତନଳୀରୁ ୧୭ ସେଣ୍ଟିମିଟର ଲମ୍ବା ଟୁଥ୍‌ବ୍ରଶ ବାହାର କରାଯାଇଛି। ବିଡମ୍ବନାର ବିଷୟ ହେଉଛି, ଟୁଥ୍‌ବ୍ରଶଟି ୫୨ ବର୍ଷ ଧରି ତାଙ୍କ ଅନ୍ତନଳୀରେ ରହି ଆସିଥିଲା। ଏହି ଘଟଣା କେବଳ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟଚକିତ କରି ନାହିଁ, ସାଧାରଣ ଲୋକେ ବି ଏଥିରେ ବିସ୍ମିତ ହୋଇଛନ୍ତି। ୟାଙ୍ଗ ଦୀର୍ଘ ଦିନ ହେବ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହାପରେ ସେ ହସ୍‌ପିଟାଲରେ ପରୀକ୍ଷା କଲେ। ତାଙ୍କ ପେଟରେ ଟୁଥ୍‌ବ୍ରଶ ଥିବା ଜଣାପଡ଼ିଥିଲା। ତେବେ ୧୨ ବର୍ଷ ବୟସରେ ସେ ଏହି ଟୁଥ୍‌ବ୍ରଶକୁ ଭୁଲବଶତଃ ଗିଳି ଦେଇଥିଲେ ବୋଲି ୟାଙ୍ଗ ଡାକ୍ତରଙ୍କୁ କହିଛନ୍ତି। ବାପାମାଆ ଗାଳି କରିବେ ବୋଲି ଭୟରେ ଏହି ଘଟଣାକୁ ସେ ସେତେବେଳେ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ। ଅବଶ୍ୟ ସେ ଭାବିଥିଲେ ପରବର୍ତ୍ତୀ ସମୟରେ ଆପେ ଆପେ ଏହା ପେଟରୁ ବାହାରି ଯିବ, କିନ୍ତୁ ସେମିତି କିଛି ହେଲା ନାହିଁ। ତେବେ ସେବେଠୁ ସେ ସ୍ୱାଭାବିକ ଜୀବନ ଅତିବାହିତ କରି ଆସୁଥିଲେ। ଅଚାନକ ପେଟରେ ଯନ୍ତ୍ରଣା ବଢ଼ିବାରୁ ସେ ହସ୍‌ପିଟାଲ ଯାଇଥିଲେ ଓ ପେଟରେ ଟୁଥ୍‌ବ୍ରଶ୍ ଥିବା କଥା ଜାଣିବାକୁ ପାଇଥିଲେ। ୮୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କ ଅପରେସନ୍ ଚାଲିଲା ଏବଂ ଡାକ୍ତର ତାଙ୍କ ପେଟରୁ ଟୁଥ୍‌ବ୍ରଶ ବାହାର କରିଥିଲେ। ଡାକ୍ତରଙ୍କ ମତରେ, ସାଧାରଣତଃ ଏତେ ବର୍ଷ ଧରି ଶରୀରରେ କୌଣସି ତୀକ୍ଷ୍ଣ କିମ୍ବା ସୂକ୍ଷ୍ମ ଜିନିଷ ଅନ୍ତନଳୀରେ ରହିଲେ ଛିଦ୍ର କିମ୍ବା ସଂକ୍ରମଣ ହୋଇପାରେ। ଯାହାକି ଜୀବନ ପାଇଁ ମାରାତ୍ମକ ହୋଇଥାଏ। ହେଲେ ୟାଙ୍ଗ ଭାଗ୍ୟବାନ ଯେ, ଟୁଥ୍‌ବ୍ରଶ ଅନ୍ତନଳୀରେ ଏଭଳି ଭାବେ ଅଟକି ରହିଥିଲା ଯେ, ତାଙ୍କୁ ଏ ଲାଗି କୌଣସି ଗୁରୁତର କ୍ଷତି ପହଞ୍ଚି ନାହିଁ। ଅନ୍ୟପଟେ ୨୦୧୯ ମସିହାରେ ଗୁଆଙ୍ଗଡୋଙ୍ଗ ଅଞ୍ଚଳର ୫୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଅନ୍ତନଳୀରୁ ୧୪ ସେଣ୍ଟିମିଟରର ଟୁଥ୍‌ବ୍ରଶ ବାହାର କରାଯାଇଥିଲା। ଏହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏହାକୁ ଗିଳି ଦେଇଥିଲେ।

## ଭିନ୍ନ ଏକ ଗଛ



ବିଶ୍ୱରେ ଅନେକ ପ୍ରଜାତିର ଗଛଲତା ରହିଛି। ତନ୍ମଧ୍ୟରୁ କିଛି ଗଛଲତା ତା'ର ବିଶେଷତା ତଥା ସ୍ୱତନ୍ତତା ପାଇଁ ଜଣାଯାଏ। ସେମିତି ଏକ ଗଛ ହେଉଛି ପୁୟା ରାଇମୋଣ୍ଡି। ଏହି ଗଛରେ ୧୦୦ ବର୍ଷରେ ମାତ୍ର ଥରେ ଫୁଲ ଫୁଟିଥାଏ। ତେଣୁ ଜଣେ ଲୋକ ତା'ର ଜୀବନକାଳରେ ଥରୁଟିଏ ଏହାର ଫୁଲକୁ ଦେଖିବାର ସୁଯୋଗ ପାଇଥାଏ। ଏହାକୁ ଆଣ୍ଡିଜ୍‌ର ରାଣୀ ମଧ୍ୟ କୁହାଯାଏ। ଗଛର ବୟସ ୮୦ରୁ ୧୦୦ ବର୍ଷ ହେଲେ ହିଁ ଏଥିରେ ଫୁଲ ଦେଖାଯାଏ। ଏହା କାକଟସ୍ ପ୍ରଜାତିର। ଦକ୍ଷିଣ ଆମେରିକାରେ ୧୨,୦୦୦ ଫୁଟ ଉଚ୍ଚରେ ପୁୟା ରାଇମୋଣ୍ଡି ଦେଖିବାକୁ ମିଳିଥାଏ। ଏହି ଗଛଟି ଅତି ଅନୁନ୍ନତ ମାଟି ସହିତ ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ବଢ଼ିଥାଏ। ପୁୟା ରାଇମୋଣ୍ଡି ହେଉଛି ବିଶ୍ୱର ସବୁଠାରୁ ବଡ଼ ବ୍ରୋମେଲିଆଡ ପ୍ଲାଣ୍ଟ। ତେବେ ଏହାର ଫୁଲ ଫୁଟିବାକୁ କେତେ ସମୟ ଲାଗେ ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି। ପୁୟା ରାଇମୋଣ୍ଡି ୩୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ଯେତେବେଳେ ଏଥିରେ ଫୁଲ ଫୁଟେ ଏହା ବହୁତ ସୁନ୍ଦର ଦେଖାଯାଏ। କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଧଳା ଫୁଲ ଫୁଟେ ଏବଂ ସମ୍ପୂର୍ଣ୍ଣ ଗଛ ଫୁଲରେ ପରିପୂର୍ଣ୍ଣ ହୋଇଯାଏ। କିନ୍ତୁ ଫୁଲ ଫୁଟିବା ପରେ ହିଁ ଗଛଟି ମରିଯାଏ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ଲୋକ ସମ୍ପର୍କ ବଢ଼ିବ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ମାନ ସମ୍ମାନ ବୃଦ୍ଧି ହେବ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାନଧର୍ମ କରନ୍ତୁ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଦାନ ଧର୍ମ କରିବେ।






ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ଲୋକସେବା ଭବନ ଘେରଉ ବେଳେ ପୁଲିସ ଆକ୍ରମଣରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଏବଂ ସୁଲତା ଦେଓ ଆହତ

# ହସ୍ପିଟାଲରେ ଆହତ ବିଜେଡି ନେତାଙ୍କୁ ଭେଟିଲେ ପାଣ୍ଡିଆନ ଦମ୍ପତି

ଭୁବନେଶ୍ୱର,୧୬।୭(ସମିସ): ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ସମୟରେ ପୁଲିସ ଆକ୍ରମଣରେ ଆହତ ବିଜେଡି ନେତାମାନଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ଏହି ଅବସରରେ ସେ ଚିକିତ୍ସାଧୀନ ବିଜେଡି ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟ ଦାବି କରି ବିଜେଡି ପକ୍ଷରୁ ଆଜି ଲୋକସେବା ଭବନ ଘେରଉ କରାଯାଇଥିଲା। ଏହି ସମୟରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମାତ୍ର ପୁଲିସର ପାଣିମାଡ଼, ଲୁହାବୁହା ଗ୍ୟାସ ଓ ରବର ଗୁଳି ମାଡ଼ରେ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇଥିଲେ। ଏହା ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ସୂଚନା ପାଇବା ପରେ ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆପୋଲୋ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ପ୍ରୀତିରଞ୍ଜନ ଘଡ଼ାଇ ଓ ସୁଲତା ଦେଓଙ୍କୁ ଭେଟିଛନ୍ତି। ଏହି ସମୟରେ ପାଣ୍ଡିଆନ ଦମ୍ପତି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

# ସରକାରଙ୍କ ସବୁ ଗୁଳି ସରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ: ସଂତୃପ୍ତ

ଭୁବନେଶ୍ୱର,୧୬।୭(ସମିସ): ବୁଧବାର ଲୋକସେବା ଭବନ ଘେରଉ ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ରାଜ୍ୟ ସରକାର ନିଜର ଅପାରଗତା ଓ ଦୋଷକୁ ଘୋଡ଼ାଇବା ପାଇଁ ବିଜେଡ଼ି ନେତା ଓ କର୍ମୀମାନଙ୍କ ଉପରେ ବର୍ବର ଆକ୍ରମଣ କରିଛନ୍ତି। ଯଦି ସରକାର ଶାନ୍ତି ପୂର୍ବକ ଗଣତନ୍ତ୍ର ପ୍ରକ୍ରିୟାକୁ ସମ୍ମାନ ଦେଇପାରିବେ ନାହିଁ ଓ ପୁଲିସ ଶକ୍ତି ଦ୍ୱାରା ଲୋକଙ୍କର ସ୍ୱରକୁ ଚାପିବା ପାଇଁ ଚେଷ୍ଟା କରିବେ,ତେବେ ସେମାନେ ଗାଦି ଛାଡ଼ି ଦେବା ଉଚିତ୍। ଏପରି ଏକ ଭଣ୍ଡ ଓ ଭ୍ରଷ୍ଟ ସରକାର ଓଡ଼ିଶାରେ ଚାଲିବ ନାହିଁ। ରାଜ୍ୟବାସୀ ଏହାକୁ ସହିବେ ନାହିଁ। ଓଡ଼ିଶା ସରକାରଙ୍କର ସମସ୍ତ ଗୁଳି ସରିବା ପର୍ଯ୍ୟନ୍ତ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ବିରୋଧୀଙ୍କ ସ୍ୱର ବନ୍ଦ ଲାଗି ଘୃଣ୍ୟ ରାଜନୀତି: ମାନସ

ଭୁବନେଶ୍ୱର,୧୬।୭(ସମିସ): ବିଜେଡ଼ି ନେତା ଓ କର୍ମୀଙ୍କ ଉପରେ ପୁଲିସର ରବର ବୁଲେଟ ମାଡକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ' ସେ କହିଛନ୍ତି ଯେ ରବର ବୁଲେଟ ଗୁରୁତର ଆଘାତ ଦେଇପାରେ ଏହା ଓଡ଼ିଶା ପୁଲିସ ଜାଣିଛି। ଏହାର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାସତ୍ତ୍ୱେ ପୁଲିସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏହାକୁ କେମିତି ପୁଲିସ ପ୍ରୟୋଗ କଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ଶାନ୍ତିପୂର୍ଣ୍ଣ ଉପାୟ ଯେତେବେଳେ ବିଫଳ ହୁଏ, ସେତେବେଳେ ରବର ବୁଲେଟ ବ୍ୟବହାର ବ୍ୟବହାର କରିବାର ନିୟମ ରହିଛି। ଏହାର ଅପବ୍ୟବହାର କାରଣରୁ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମେ ଆତଙ୍କବାଦୀ ନୋହୁଁ। ଘୃଣ୍ୟ ରାଜନୀତି ଦ୍ୱାରା ବିରୋଧୀଙ୍କ ମୁହଁ ବନ୍ଦ ବନ୍ଦ କରିବାର ଏପରି ଉଦ୍ୟମ ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ମାନସ କହିଛନ୍ତି।

## ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

# ୮ ବିରୋଧୀ ଦଳର ନିନ୍ଦା

ଭୁବନେଶ୍ୱର,୧୬।୭(ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ଲୋକଙ୍କ ଧନଜୀବନ ବିପନ୍ନ ହୋଇଛି। ଆଇନର ଶାସନ ଭୁଶୁଡ଼ି ପଡିଛି। ଏହି ପ୍ରସଙ୍ଗରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ରବର ବୁଲେଟ୍ ଚାଳନା, ପାଣି ମାଡ଼ ଭଳି ଅମାନୁଷିକ ଆକ୍ରମଣକୁ କଂଗ୍ରେସ ସମେତ ୮ଟି ରାଜନୈତିକ ଦଳ ତୀବ୍ର ନିନ୍ଦା କରିଛନ୍ତି। ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ଯେ ଲାଠି, ଗୁଳି, ପାଣି ମାଡ଼ ଏବଂ ଟିୟର ଗ୍ୟାସ୍ ପ୍ରୟୋଗରେ ଶାସନ ଚାଲେ ନାହିଁ। ବୁଧବାର ସରକାର ଓ ପୁଲିସ ପକ୍ଷରୁ ହୋଇଥିବା ମାତ୍ରାଧିକ



କାର୍ଯ୍ୟାନୁଷ୍ଠାନ ଉପରେ ବିରୋଧୀ ଦଳ ନେତାମାନେ ଉଦ୍‌ବେଗ ପ୍ରକାଶ କରି ଏହା କହିଛନ୍ତି। ଏହି ଘଟଣା ପରେ ରାଜ୍ୟରେ ମୋହନ ମାଝୀ ସରକାର ଶାସନ କରିବା ପାଇଁ ତାଙ୍କର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ବିରୋଧୀ ଦଳ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ଏବଂ ଆଇନର ଶାସନ ପ୍ରତିଷ୍ଠା ପାଇଁ ମିଳିତ ବିରୋଧୀ ଦଳ ପ୍ରସଙ୍ଗଭିତ୍ତିକ ଆନ୍ଦୋଳନ ଜାରି ରଖିବ ବୋଲି ଘୋଷଣା କରାଯାଇଛି।

# ସରକାରଙ୍କ ନିର୍ଦ୍ଦେଶରେ ପୁଲିସର ଆକ୍ରମଣ: ବିଜେଡି

ଭୁବନେଶ୍ୱର,୧୬।୭(ସମିସ): ଲୋକସଭା ଭବନ ଘେରାଉ ସମୟରେ ବିଜେଡି କର୍ମୀଙ୍କ ଉପରେ ପୁଲିସ ଆକ୍ରମଣକୁ କଟୁ ଶବ୍ଦରେ ନିନ୍ଦା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ ସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳକାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ସୌମ୍ୟାଶ୍ରୀକୁ ନ୍ୟାୟ ଦେବାରେ ବିଫଳ ସରକାର ଭୟଭୀତ ହୋଇ ବିରୋଧୀଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇଛନ୍ତି। ପୁଲିସକୁ ସରକାରୀ ଗୁଣ୍ଡା ସଜାଇ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।



**ବ୍ୟବସ୍ଥାଗତ ବିଫଳତା ପାଇଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଛି**

ପ୍ରତାପ ଜେନା କହିଛନ୍ତି ଯେ ବିଜେଡି ଦ୍ୱାରା ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବା ପାଇଁ ହଜାର ହଜାର କର୍ମୀ ମାଷ୍ଟରକ୍ୟାଣ୍ଟିନରୁ ପିଏମଜି ଛକ ମଧ୍ୟରେ ଏକତ୍ରିତ ହୋଇଥିଲେ; ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ ଚାଲିଥିଲା। ମାତ୍ର ପୁଲିସ ଆନ୍ଦୋଳକାରୀଙ୍କ ଉପରେ ଅଚାନକ ବର୍ବରୋଚିତ ଆକ୍ରମଣ କରିଥିଲା, ପାଣି ମାଡ଼ କରାଗଲା। ମହିଳାମାନେ ବି ଏଥିରୁ ବାଦ୍ ପଡ଼ି ନ ଥିଲେ। ଯାହାଦ୍ୱାରା ବହୁ ସଂଖ୍ୟାରେ ମହିଳା ଆହତ ହୋଇଥିଲେ। ଦୁଇ ରାଉଣ୍ଡ ପାଣି ମାଡ ପରେ ଅନ୍ଧାଧୁନିଆ ଭାବେ ରବର ବୁଲେଟ୍ ମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରାଗଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ କରିଛି ବୋଲି ଶ୍ରୀ ଜେନା କହିଛନ୍ତି।

ସେହିପରି ସୁଦାମ ମାରାଣ୍ଡି କହିଥିଲେ ଯେ ସରକାରଙ୍କ ବ୍ୟବସ୍ଥାଗତ ବିଫଳତା ଯୋଗୁଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଛି; କିନ୍ତୁ ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ପୁଲିସ୍ ଦ୍ୱାରା ସରକାର ପ୍ରତିବାଦର ସ୍ୱରକୁ ଚପାଇ ଦେବା ପାଇଁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ। ପୁଲିସର ଦମନଲୀଳା ଦ୍ୱାରା ଶତାଧିକ ବିଜେଡି କର୍ମୀ ଓ ନେତା ଆହତ ହୋଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡାଇ, ସାଂସଦ ସୁଲତା ଦେଓ, ଛବି ମାହାଲି, ନୀଳ ମାଧବ ମହାନ୍ତି ଓ ସଙ୍କେତ ରାୟଙ୍କ ସମେତ ଅନେକ ବିଜେଡି କର୍ମୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଶର୍ମିଷ୍ଠା ସେଠୀ କହିଥିଲେ ଆନ୍ଦୋଳନ ବେଳେ ପୁରୁଷ ପୁଲିସମାନେ ମହିଳା ନେତ୍ରୀମାନଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୁଲିସ ଆକ୍ରମଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜିର ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରତିବାଦ କରୁଥିବା ବିଜେଡି କର୍ମୀଙ୍କ ଉପରେ ବିନା ଉତ୍ତେଜନାରେ ସରକାର କାହିଁକି ଦମନଲୀଳା ରଚିଲେ, ତାର ସ୍ପଷ୍ଟୀକରଣ ରଖିବା ଦରକାର। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ନିର୍ଯ୍ୟାତନା ନିୟନ୍ତ୍ରଣରେ ନ ଆସିବା ଯାଏ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶର୍ମିଷ୍ଠା କହିଛନ୍ତି ।

# ସୌମ୍ୟାଶ୍ରୀଙ୍କ ବାପାଙ୍କୁ ରାହୁଲଙ୍କ ସାନ୍ତ୍ୱନା

ଭୁବନେଶ୍ୱର,୧୬।୭(ସମିସ): ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଛି ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା। ଏହି ପ୍ରସଙ୍ଗରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଆଜି ପୀଡ଼ିତାଙ୍କ ବାପାଙ୍କ ସହ ଫୋନ ଯୋଗେ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ତାଙ୍କ ଦୁଃଖକୁ ସେ ଅନୁଭବ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ଏହି ଲଢ଼େଇରେ ତାଙ୍କ ସହ କଂଗ୍ରେସ ଠିଆ ହୋଇଛି ବୋଲି ରାହୁଲ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆଜି ରାହୁଲ ଗାନ୍ଧୀ ଓ ମୃତ ଛାତ୍ରୀଙ୍କ ପିତା ସହ କଥାବାର୍ତ୍ତାର ସଂଯୋଜନା କରାଇଥିଲେ। ରାହୁଲ ତାଙ୍କ ଟ୍ୱିଟର ହାଣ୍ଡେଲରେ ଲେଖିଛନ୍ତି, "ଓଡିଶାର ବାଲେଶ୍ୱର ଜିଲ୍ଲାରେ ନ୍ୟାୟ ପାଇଁ ଲଢେଇ କରି ଜୀବନ ଦେଇଥିବା ସାହସୀ ଝିଅର ବାପାଙ୍କ ସହ କଥା ହୋଇଥିଲି। ତାଙ୍କ ସ୍ୱରରେ ଝିଅକୁ ହରାଇଥିବାର ଦୁଃଖ, ସ୍ୱପ୍ନ ଏବଂ ସଂଘର୍ଷ ଅନୁଭବ କରିପାରିଲି। ତାଙ୍କ ସହ ଯାହା ହେଲା, ତାହା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ। ପୂରା ସମାଜ ପାଇଁ ଏହା ଏକ ଆଘାତ। ଯେ କୌଣସି ପରିସ୍ଥିତିରେ ଆମେ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବୁ ବୋଲି ରାହୁଲ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ଆସିପାରନ୍ତି ପ୍ରିୟଙ୍କା

ଭୁବନେଶ୍ୱର,୧୬।୭(ସମିସ): କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଖୁବ୍‌ଶୀଘ୍ର ଓଡ଼ିଶା ଆସି ବାଲେଶ୍ୱର ଗସ୍ତ କରିବା ସହ ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କ ପରିବାରକୁ ସାକ୍ଷାତ କରିପାରନ୍ତି। ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଗସ୍ତ ନେଇ ତାରିଖ ଧାର୍ଯ୍ୟ ହୋଇ ନଥିଲେ ହେଁ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବା ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ୧୩ ପ୍ରସ୍ତାବକୁ କ୍ୟାବିନେଟ ମୋହର

## ସମୃଦ୍ଧ ସହର ଯୋଜନାରେ ଖର୍ଚ୍ଚ ହେବ ୪୮ ୭ ୯ କୋଟି

ଭୁବନେଶ୍ୱର,୧୬।୭(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ରାଜ୍ୟରେ ଯୋଜନାବଦ୍ଧ ସହରୀକରଣ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ସମୃଦ୍ଧ ସହର ଯୋଜନା ଆରମ୍ଭ କରିବେ। ଏଥିପାଇଁ ୪୮ ୭ ୯ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ ୨୦୨୫କୁ କ୍ୟାବିନେଟ୍ ଅନୁମୋଦନ ଦେଇଛି ଓ ଏହାଦ୍ୱାରା କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ପାଇବ ବୋଲି କୁହାଯାଇଛି।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁଯାୟୀ ରାଜ୍ୟ ସରକାର ସହର ପରିକଳ୍ପନା ଯୋଜନା ଅଧିନରେ ୪୧୧୪ କୋଟି ଟଙ୍କା ଖର୍ଚ୍ଚ କରିବେ ଓ ଏହା ରାସ୍ତା, ଜଳଯୋଗାଣ, ସ୍ୱରେଜ ଏବଂ କଠିନ ବର୍ଜ୍ୟ ପରିଚାଳନାରେ ବ୍ୟୟ କରାଯିବ। ପୁନଶ୍ଚ ୭୬୫.୩୦ କୋଟି ଟଙ୍କାରେ ସହରୀ ଅଞ୍ଚଳଗୁଡ଼ିକୁ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯିବ। ସେହିପରି ରାଜ୍ୟର ୪୫୫ଟି ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ର ଛାତ୍ରୀ ହଷ୍ଟେଲ ଫି ବାବଦକୁ ପ୍ରତି ମାସରେ ପ୍ରଦାନ କରୁଥିବା ୨୦୦୦ ଟଙ୍କା ଛାଡ଼ କରାଯିବ। ଏହାଦ୍ୱାରା ୪୫୦୦୦ ଛାତ୍ରଛାତ୍ରୀ ଉପକୃତ ହେବେ। ପାଞ୍ଚ ବର୍ଷରେ ସରକାର ଏବାବଦକୁ ମୋଟ ୩୪୯ କୋଟି ୨୦ ଲକ୍ଷ ଟଙ୍କା ବହନ କରିବେ। କ୍ୟାବିନେଟ ବୈଠକରେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱ ବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା କୁଳପତିଙ୍କର କ୍ଷମତା ପରିସର ବୃଦ୍ଧି ପାଇବ। ଏହା ସହିତ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ୨ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହ ଏକ ନୂତନ ପୁଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ରାଇରଙ୍ଗପୁର ଜିଲ୍ଲା ଅଧିନରେ ୨ଟି ପୁଲିସ ସବ୍-ଡିଭିଜନ(ରାଇରଙ୍ଗପୁର, କରଞ୍ଜିଆ), ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଏବଂ ୨ଟି ବିଟ ହାଉସ ରହିବ।

- ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଞ୍ଜୁରୀ
- ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି' ଛାଡ଼
- ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ ସଂଶୋଧନକୁ ମଞ୍ଜୁରୀ
- ମୟୂରଭଞ୍ଜ ପୁଲିସ ଜିଲ୍ଲା ବିଭାଜିତ; ରାଇରଙ୍ଗପୁର ନୂଆ ପୁଲିସ ଜିଲ୍ଲା

ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସଂଶୋଧନ ଅନୁଯାୟୀ ଓଡ଼ିଶା ରାଜସ୍ୱ ସେବା(ନିଯୁକ୍ତି) ନିୟମାବଳୀ ୨୦୧୧ର ନିୟମ୪(ସି) ଅନୁଯାୟୀ ଚୟନ ମାଧ୍ୟମରେ ଥିବା ଓଆରଏସ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯିବ। ପଦବୀର ଦୁଇ ତୃତୀୟାଂଶ ଓସିଏସ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ଏହାସହ ଏକ ତୃତୀୟାଂଶ ପଦବୀ ରାଜସ୍ୱ କ୍ଷେତ୍ର କର୍ମଚାରୀ/ରାଜସ୍ୱ ମନ୍ତ୍ରୀସ୍ତରୀୟ ଅମଲାମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା-ଡାଏଲ-୧୧୨ ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ଅର୍ଥାତ୍ ୫ ବର୍ଷ ଯାଏଁ ବୃଦ୍ଧି କରାଯାଇଛି। ଏଥିପାଇଁ ୨୨୬୦.୮୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନାରେ ୪୧୯୫ ନୂଆ ପଦବୀ ସୃଷ୍ଟି ଏବଂ ୬୪୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ଓଡ଼ିଶା ଆୟୁଷ ସହାୟକ(ନିଯୁକ୍ତି ଓ ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ଗୋଟି ବରିଷ୍ଠ ଆୟୁଷ ସହାୟକ ପଦବୀ ଏବଂ ୧୨ଟି ମୁଖ୍ୟ ଆୟୁଷ ସହାୟକ ପଦବୀ ସୃଷ୍ଟି କରାଯାଇଛି।

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି-୨୦୨୩ର ଦ୍ୱିତୀୟ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାବ୍ୟତୀତ ଓଡ଼ିଶା ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ନୀତି, ଓଡ଼ିଶା କାରଖାନା ଓ ବାଷ୍ପିତ ନିରୀକ୍ଷଣ ସେବା(ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୧୯୮୪ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ବିଧି ଆୟୋଗ ସଂକଳ୍ପ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

# କ୍ରାଇମବ୍ରାଞ୍ଚ କରିବ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ତଦନ୍ତ

ଭୁବନେଶ୍ୱର,୧୬।୭(ସମିସ): ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏହି ମାମଲାର ତଦନ୍ତ କରିବ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପୁଲିସ ମାନୁଆଲ ରୁଲ୍ (ପିଏମ୍‌ଆର୍) ଧାରା ୪୧୦(ଏ) ଅନୁଯାୟୀ କ୍ରାଇମବ୍ରାଞ୍ଚ ନିଜ ଆଡୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଥାନା କେସ୍ ନଂ - ୫/୨୫ ରେ ମାମଲା ରୁଜୁ କରିଛି। ଦଫା ୭୫(୧)(୩), ୭୮, ୭୯, ୧୦୮, ୩୫୧(୨) ଓ ୩(୫) ବିଏନ୍‌ଏସରେ ଏହି ମାମଲା ରୁଜୁ ହୋଇଛି। କ୍ରାଇମବ୍ରାଞ୍ଚ କେବଳ ଏହି ମାମଲା ନୁହଁ, ବରଂ ଏହି ମାମଲାର ଲିଙ୍କରେ ଥିବା ଅନ୍ୟ ମାମଲାର ମଧ୍ୟ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହିତ ଶ୍ରୀମତୀ ନାୟକଙ୍କୁ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଅଧିକାରୀ (ତଦନ୍ତ ସମ୍ବନ୍ଧିତ) ଭାବେ ଦାୟିତ୍ୱ ଦିଆଯାଇଛି। ତଦନ୍ତକାରୀ ଅଧିକାରିଣୀଙ୍କୁ ସହଯୋଗ କରିବା ପାଇଁ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,୧୬।୭(ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବ କଂଗ୍ରେସ। ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟାଏ ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଡ଼ ଅତିକ୍ରମ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ବହୁ ତତ୍‌ପରତା ଦେଖାଉଛନ୍ତି। ମାତ୍ର ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା। ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା। ଏଣୁ ଛାତ୍ରୀଙ୍କୁ ସୁରକ୍ଷା ଦେବାର ଅକ୍ଷମ ଓ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେସ୍କ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧୀ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ତେଣୁ ଦିବଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡ଼ିତା ଏବିଭିପିର, ଅପରାଧୀ ଏବିଭିପିର ଓ ରାଜ୍ୟରେ ବିଜେପିର ସରକାର। ତେଣୁ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା ? ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ? ଦିଆସିଲି ପାଇଲେ କେଉଁଠୁ? ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ବେଆଇନ ଚାଉଳ ଚାଲାଣ ମାମଲା

# ସରକାରଙ୍କୁ ବାହାର ରାଜ୍ୟ ଚାଉଳ ହସ୍ତାନ୍ତର କରୁଛନ୍ତି ମିଲର୍ସ

**ବଲାଙ୍ଗିର/ଦେଓଗାଁ, ୧୬।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ଚାଉଳ ବୋଝେଇ ଗାଡି ଜବତ ଘଟଣା ଏବେ ଗତ ଖରିଫରେ ଜିଲ୍ଲାରେ ହୋଇଥିବା ଧାନକିଣା ଅନିୟମିତତାକୁ ପଦାରେ ପକାଇଛି। ସେତେବେଳେ ଜିଲ୍ଲାର ଏକ ମିଲ ବଡଟିକା ପେକ୍ସରେ ମିଥ୍ୟା ଏଣ୍ଟ୍ରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଓ ଆଜି ସେହି ମିଲକୁ ରାୟପୁରରୁ ବେଆଇନ ଭାବେ ଚାଉଳ ଆସୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି। ଯାହାକି ସ୍ପଷ୍ଟ କରୁଛି ଧାନକିଣା ସମୟରେ ଜିଲ୍ଲାରେ ଅନିୟମିତତା କରାଯାଇଥିଲା ଓ ସେହି ସମୟରେ ସମ୍ପୃକ୍ତ ମିଲର୍ସ ଜଣକ ଧାନକିଣା ଅନିୟମିତତା ମାମଲାକୁ ଚାପି ଦେବାରେ ସଫଳ ହୋଇଥିଲେ।

ଗତ ଖରିଫ ଧାନକିଣା ସମୟରେ ବଲାଙ୍ଗିର ଜିଲ୍ଲାରେ ଏକ ବଡ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଆଗଲପୁର ବ୍ଲକ ବଡଟିକା ପାକ୍ସରୁ ଧାନ ଉଠାଇବା ପାଇଁ ଟ୍ୟାଗିଂ ହୋଇଥିବା ବଡଗୋମୁଣ୍ଡା ନିକଟସ୍ଥ ଏକ ମିଲର୍ସ ମିଥ୍ୟା ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଥିଲା। ଶହେ କି ଦୁଇ ଶହ ନୁହଁ ପ୍ରାୟ ହଜାରେ କୁଇଣ୍ଟାଲ ଧାନ ମିଥ୍ୟା ଏଣ୍ଟ୍ରି କରିଥିବା ସେହି ସମୟରେ ଅଭିଯୋଗ ହୋଇଥିଲା। ଏହାର ସତ୍ୟତା ପାଇଁ ଯେତେବେଳେ ବଡଟିକା ପାକ୍ସ ସମ୍ପାଦକ ଜଗନ୍ନାଥ ପଧାନଙ୍କୁ ପଚରାଯାଇଥିଲା ସେ ଉତ୍ତର ରଖିବା ବଦଳରେ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି କହିଥିଲେ। ଏପରିକି ସିସିଟିଭି ଫୁଟେଜ ମଧ୍ୟ ଦେଖାଇନଥିଲେ। ଯାହାକୁ ନେଇ ପ୍ରଶ୍ନ ଉଠିବା ପରେ ଲୋକଦେଖାଣିଆ ଭାବେ ଲୋଇସିଂହା ତଥା ଆଗଲପୁର ବ୍ଲକ ଭାରାପ୍ରାପ୍ତ ଯୋଗାଣ ନିରୀକ୍ଷକ ସୌମ୍ୟ ମହାନନ୍ଦ ତଦନ୍ତ କରିଥିଲେ ଓ ସେହିଭଳି କୌଣସି ଅନିୟମିତତା ହୋଇନଥିବା ସୂଚନା ଦେଇଥିଲେ। ପରୋକ୍ଷରେ କିନ୍ତୁ ଅନ୍ୟମାନଙ୍କ ସାମ୍ନାରେ ସେ ସତ୍ୟତା ପ୍ରକାଶ କରିଥିଲେ। ବେଶ କୌଶଳର ସହ ସିସିଟିଭି ଫୁଟେଜ ଦେଇ ମାମଲାକୁ ଚାପିଦେଇଥିଲେ। ଏଥିପାଇଁ ଉକ୍ତ ମିଲର୍ସ ବହୁ ପରିମାଣର ଟଙ୍କା ଖର୍ଚ୍ଚ ମଧ୍ୟ କରିଥିବା ଜଣାପଡ଼ିଥିଲା। କୁହାଯାଏ ସତ୍ୟ କେବେ ଲୁଚି ରହେନା। ସେହି ସମୟରେ ହୋଇଥିବା ମିଥ୍ୟା ଏଣ୍ଟ୍ରିର ଚାଉଳ ସରକାରଙ୍କୁ ଦେବା ପାଇଁ ଭରଣା ବାବାଦକୁ ରାୟପୁରରୁ ଚାଉଳ ଆଣୁଥିବା ବେଳେ ପୁଲିସ ହାତରେ ଧରାପଡ଼ି ଜବତ ହୋଇଛି ଏକ ଚାଉଳ ବୋଝେଇ ଟ୍ରକ୍। ଉକ୍ତ ଟ୍ରକ୍ ଧରାପଡ଼ିବା ପରେ ଚାଉଳ ରାୟପୁରରୁ ଆସୁଥିବା ଓ ବଡଗୋମୁଣ୍ଡା ନିକଟରେ ଥିବା ଉକ୍ତ ମିଲକୁ ଯାଉଥିବା ଜଣାପଡ଼ିଥିଲା। ତେବେ ସମ୍ପୃକ୍ତ ମିଲ ମାଲିକ ଜଣକ ଚଳାଇଥିବା ଧାନକିଣା ଓ ଚାଉଳର ଗୋଲକ ଧନ୍ଦା ଧରାପଡ଼ିବା ପରେ ଏହି ମାମଲାକୁ ମଧ୍ୟ ରଫାଦଫା କରିବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି। ଫଳରେ ପୁଲିସ ରବିବାର ଦିନ ଠାରୁ ଉକ୍ତ ଟ୍ରକ କୁ ଲୁଚାଇ ରଖିଥିବା ବେଳେ ଖବର ପ୍ରଘଟ ହୋଇଯିବାରୁ ମଙ୍ଗଳବାର ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ମଧ୍ୟ ଏହାର ଖୋଲତାଡ କରୁଥିବା ବେଳେ ଉକ୍ତ ମିଲ ମାଲିକ ଯେମିତି ସେମିତି ଘଟଣା ଚପାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। କେବଳ ଏତିକି ନୁହଁ କିଛି ଦିନ ପୂର୍ବରୁ ହିଁ ଛତିଶଗଡ଼ରୁ ଏକ ଟ୍ରକ୍‌ରେ ଉକ୍ତ ମିଲକୁ ଚାଉଳ ଭର୍ତ୍ତି ହୋଇଆସିଥିବା ବେଳେ ଚାଉଳ ମିଲ ଗୋଦାମରେ ଅନଲୋଡ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଯଦି ଗତ ଖରିଫରେ ହୋଇଥିବା ଉକ୍ତ ଧାନ ଅନିୟମିତତା ର ତଦନ୍ତ କରିବା ସହ ସମ୍ପୃକ୍ତ ମିଲ ଓ ବଡଟିକା ପାକ୍ସ ସମ୍ପାଦକଙ୍କୁ ପଚରାଉଚୁରା କଲେ ଏହି ଗୋଲକ ଧନ୍ଦାର ଅସଲ ଚିତ୍ର ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

**ସେତେବେଳେ ଧାନକିଣା ଅନିୟମିତତା**
**ଏବେ ଚାଉଳ ହେରାଫେରୀ ଅଭିଯୋଗ**

ଅଡୁଆରେ ଦେଓଗାଁ ପୁଲିସ

## କୁଆଡେ ଗଲା ଜବତ ଟ୍ରକ୍ ଡ୍ରାଇଭର



ବେଆଇନ ଚାଉଳ ଚାଲାଣ ବେଳେ ଏକ ଟ୍ରକ୍‌କୁ ଅଟକ ରଖି ଲାଭଖୋର ମନୋବୃତ୍ତି ଯୋଗୁଁ ଏବେ ହରଡଘଣାରେ ପୁଲିସ। ଗତ ରବିବାର ଦେଓଗାଁ ପୁଲିସ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ଅଟକ ରଖିଥିଲା। ଉକ୍ତ ଟ୍ରକ୍‌ର ବାହାର ରାଜ୍ୟ ପଞ୍ଜିକୃତ ନମ୍ବର ହୋଇଥିବା ବେଳେ ତାହା ଏକ ମିଲକୁ ଯାଉଥିବା ଜାଣିବାକୁ ପାଇଥିଲା। ଫଳରେ ଦେଓଗାଁ ପୁଲିସ ଅଧିକାରୀଙ୍କ ଜାଣତରେ ଉକ୍ତ ଟ୍ରକ୍ ବିଷୟରେ କାହାକୁ କିଛି ସୂଚନା ନଦେଇ ଲୁଚାଇ ଦିଆଯାଇଥିଲା। କିଛି ସମୟ ବଙ୍ଗଳା ଛକ, ଆଉ କିଛି ସମୟ ଚିନିକଲ ସାମ୍ନାରେ ଅଟକାଇ ରଖିବା ପରେ ତାକୁ ନେଇ ସଇଁନ୍ତଲା ଅଞ୍ଚଳର କେରମେଲି ଠାରେ ଲୁଚାଇ ରଖାଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ତେବେ ଏନେଇ କୁଆଡେ ୩ ଲକ୍ଷ ଟଙ୍କା ଡିଲ ହୋଇଥିବା ବେଳେ ଖବର ପ୍ରକାଶ ପାଇବା ପରେ ବାଧ ହୋଇ ପୁଲିସ ମଙ୍ଗଳବାର ଉକ୍ତ ଟ୍ରକ୍‌କୁ ଥାନାକୁ ଆଣି ଯୋଗାଣ ବିଭାଗକୁ ସୂଚନା ଦେଇଥିବା ଜଣାପଡ଼ିଛି। ଏହାରି ଭିତରେ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରକୁ ଜାଣିଶୁଣି ଖସାଇ ଦେଇଥିବା ବେଳେ ଟ୍ରକ୍ ଥାନାକୁ ଆଣିବା ପାଇଁ ଅନ୍ୟ ଏକ ଡ୍ରାଇଭରର ସହାୟତା ନେଇଥିଲା ପୁଲିସ। ବର୍ତ୍ତମାନ ଉକ୍ତ ଡ୍ରାଇଭରକୁ ପୁଲିସ ଖୋଜି ଖୋଜି ହଇରାଣ ହୋଇଥିବା ଚର୍ଚ୍ଚା ହେଉଛି। ଏହି ଘଟଣା ଏବେ ଦେଓଗାଁ ପୁଲିସ ଓ ଥାନା ଅଧିକାରୀଙ୍କ ଅସଲ ଚେହେରାକୁ ପଦାରେ ପକାଇଛି।

ଛାତ୍ରଙ୍କ ଦ୍ୱାରା ବିଲେଇ ଫିଙ୍ଗାଯିବା ଘଟଣା

## ତଦନ୍ତ ଶେଷ; କାର୍ଯ୍ୟାନୁଷ୍ଠାନ ନେବେ ଡିଇଓ

**ପାଟଣାଗଡ଼, ୧୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୪ତାରିଖ ଦିନ ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ତଦନ୍ତ ଶେଷ ହୋଇଛି। ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ପଠାଯିବ ଓ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପାଟଣାଗଡ଼ ଶିକ୍ଷାଧିକାରୀ ଶଙ୍କର ପ୍ରସାଦ ମାଝୀ କହିଛନ୍ତି। ପ୍ରକାଶଯୋଗ୍ୟ ଯେ ଗତ ୪ ତାରିଖ ଦିନ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଗାଁର ଶେଷ ସୀମା ପଟକୁ ଏକ ଅଖା ବସ୍ତା ଧରି ଯାଉଥିଲେ।ସେଠାରେ ଉପସ୍ଥିତ ଥିବା ଅଭିଭାବକ ଜଣକ ସନ୍ଦେହ କରି ଉକ୍ତ ଛାତ୍ରଙ୍କୁ ବସ୍ତାରେ କଣ ଅଛି ପଚାରିବାରୁ ବସ୍ତାରେ ଜିଅନ୍ତା ବିଲେଇ ଅଛି ଓ ପ୍ରଧାଶିକ୍ଷକ ଆମକୁ ଫିଙ୍ଗିବାକୁ କହିଥିବା କହିଥିଲେ।ଉକ୍ତ ଘଟଣାକୁ ଅଭିଭାବକ ଜଣକ ଭିଡିଓ ଉତ୍ତୋଳନ କରିନେଇଥିଲେ। ତେବେ ପ୍ରଧାନଶିକ୍ଷକ ସୁଧାଂଶୁ ସେଠ ବେଆଇନ ଭାବେ କୋମଳ ମତି ଛାତ୍ରଙ୍କୁ ଶିକ୍ଷାଦାନ ବଦଳରେ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣା ଏକ ଦଣ୍ଡନୀୟ ଅପରାଧ ଅଟେ। ସମସ୍ତ ସ୍କୁଲ ଗୁଡିକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିଲେ ସୁଦ୍ଧା ପ୍ରଧାନଶିକ୍ଷକ ଜଣକ ସେହି ନିର୍ଦ୍ଦେଶକୁ ବେଖାତିର କରିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ଜଣକ ଗତ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓଡ଼ିଶା ସରକାର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓଡ଼ିଶା ସରକାର, ଜିଲ୍ଲାପାଳ ବଲାଙ୍ଗିର ଓ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏବିଇଓ ପାଟଣାଗଡ଼ ଘୁମେର ସ୍କୁଲକୁ ଆସି ତଦନ୍ତ କରିଥିଲେ। ତେବେ ପ୍ରଧାନଶିକ୍ଷକ ଜଣକ ଘଟଣାରୁ ବର୍ତ୍ତିବା ପାଇଁ ସ୍କୁଲ ରନ୍ଧାଣିଙ୍କ ଉପରେ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ତେବେ ବିଲେଇ ଫିଙ୍ଗା ଘଟଣାରେ ପ୍ରଧାନଶିକ୍ଷକ ସମ୍ପୂର୍ଣ୍ଣ ଭାବରେ ଦାୟୀ ଯେହେତୁ ତାଙ୍କ ଉପସ୍ଥିତିରେ ଛାତ୍ରମାନେ ବିଲେଇ ଫିଙ୍ଗି ଯାଇଛନ୍ତି ତେଣୁ ସେ ବର୍ତ୍ତିବା ପାଇଁ ଚେଷ୍ଟା କଲେ ବି ପାରିବେନି ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ କହିଛନ୍ତି। ଅପରପକ୍ଷରେ ଅବିଭାବକ ଜଣକ ଘଟଣା ପରେ ସିଆରସିସି ମୀନକେତନ ମେହେରଙ୍କୁ ଅବଗତ କରିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ବଦଳରେ ଓଲଟା ଘଟଣାକୁ ଚପାଇବାକୁ ଉଦ୍ୟମ ସହ ପ୍ରଧାନଶିକ୍ଷକଙ୍କୁ ଘଣ୍ଟଘୋଡାଇବାକୁ ଚେଷ୍ଟା ଜାରି ରଖିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ପୂର୍ବକ ପ୍ରଧାନଶିକ୍ଷକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିବା ସିଆରସିସି ମୀନକେତନ ମେହେରଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବିଭାବକ ଜଣକ ଦାବି କରିଛନ୍ତି।

ଖପ୍ରାଖୋଲ ଅଞ୍ଚଳରେ ମନରେଗା ଅନିୟମିତତା

## ଦୁର୍ନୀତିଗ୍ରସ୍ତଙ୍କୁ ଘଣ୍ଟ ଗୋଡ଼ାଉଛି ପ୍ରଶାସନ

**ଖପ୍ରାଖୋଲ, ୧୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ହେଉଥିବା ମନରେଗା ଯୋଜନାରେ ଅନିୟମିତତାକୁ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ନିରବ ରହି ଆସୁଥିବା ଦେଖିବାକୁ ମିଳୁଛି। ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବରଂ ସେମାନଙ୍କୁ ଘଣ୍ଟ ଘୋଡାଉଛି ପ୍ରଶାସନ। ମନରେଗାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରି ଉପରିସ୍ଥ ଅଧିକାରୀ ମାନଙ୍କୁ ଧରି ନିଜକୁ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଏକ ସଚ୍ଚୋଟ କର୍ମଚାରୀ ଭାବେ ନିଜକୁ ସଜାଉ ଥିବା ବେଳେ ଅନ୍ୟପଟରେ ହିତାଧୀକାରୀଙ୍କୁ ଭୂଆଁ ଯାଉଛି। ଖପ୍ରାଖୋଲ ବ୍ଲକ ମାଳପଡ଼ା ପଞ୍ଚାୟତର ଫୁଲଝର ଠାରୁ ଝଲିଆଲିଟି ମନରେଗା ଯୋଜନାରେ ହୋଇଥିବା କାମରେ ଲକ୍ଷାଧିକ ଟଙ୍କାର ହେରଫେର ହୋଇଥିବା ବେଳେ ଏହି ପଞ୍ଚାୟତର ଫୁଲଝର ଗୋଚର ଜମିରେ ହୋଇଥିବା ଟ୍ରେଞ୍ଚ ପରିବର୍ତ୍ତେ ଅନ୍ୟ କାମ କରି କରିତ କର୍ମା ଯନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ସେହିପରି ମହରାପଦର ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ଅନିୟମିତତା କାହାକୁ ଅଛପା ନାହିଁ। ଆହୁରି ମଧ୍ୟ ଯେ ତେଲେନପାଳି ପଞ୍ଚାୟତର ଦୁଡୁକିପଦରରେ ହୋଇଥିବା ମନରେଗା ଯୋଜନାରେ ଅନିୟମିତତା କରିଥିବା ଯନ୍ତ୍ରୀ ଜଣକ ଉପରେ ପ୍ରଶାସନର ତାଗିତ ବି କରୁନାହାଁନ୍ତି। ଏଥିରୁ ଜଣାପଡୁଛି ଯେ ପ୍ରଶାସନ କରିତକର୍ମା ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ କରୁଛି। ଯଦି ଅଧିକାରୀମାନେ ଦୁର୍ନୀତି ଗ୍ରସ୍ତ ହେବେ ତାହା ହେଲେ ସରକାରଙ୍କ ମନରେଗା ଭଳି ଯୋଜନାର ସଫଳ ରୂପାୟନ କିପରି ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ଉଠୁଛି।



## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପାଟଣାଗଡ଼ କଂଗ୍ରେସର ବନ୍ଦ ଡାକରା

**ପାଟଣାଗଡ଼, ୧୬।୭ (ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ ମୃତ୍ୟୁ ମାମଲାରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ସମେତ ପିସିଆଇ, ସିସିଆଇ(ଏମ), ସିସିଆଇ(ଏମଏଲଏ) ଲିବେରେସନ, ଅଲଇଣ୍ଡିଆଫରର୍ଡ ବ୍ଲକ, ଏମସିପି, ସମାଜବାଦୀ ପାର୍ଟି, ଆରଜେଡି ପ୍ରମୁଖ ଆଠଟି ରାଜନୈତିକ ଦଳ ବନ୍ଦ୍ ଡ଼ାକରାକୁ ସମର୍ଥନ କରିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ପାଟଣାଗଡ଼ରେ ମଧ୍ୟ ବନ୍ଦ ଡ଼ାକରା ଦିଆଯାଇଛି। ଏନେଇ କଂଗ୍ରେସ ଜିଲ୍ଲା କନଭେନର ଅନିଲ ମେହେରଙ୍କ ଦ୍ୱାରା ସ୍ଥାନୀୟ ଡ଼ାକ ବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ବିଶେଷତଃ ନାରୀ, ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଦୀର୍ଘ ଛଅ ମାସର ନ୍ୟାୟିକ ସଂଘର୍ଷ ପରେ ସୌମ୍ୟାଶ୍ରୀ ଗତ ୧୨ ତାରିଖ ମଧ୍ୟାହ୍ନରେ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ଆଜି ଓଡ଼ିଆକୁ କଳଙ୍କିତ କରିଛି। ରାଜ୍ୟ ସରକାରଙ୍କ ଚାପରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜୁଥିବା ଯୋଗୁଁ ଓଡ଼ିଶାରେ ଦିନକୁ ଦିନ ନାରୀମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବା ସହ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହାକି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଆଦ୍ୟ ଶୁଭଙ୍କର ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ସରକାରଙ୍କୁ ଜାଗ୍ରତ କରିବା ପାଇଁ ଆସନ୍ତାକାଲି (ଗୁରୁବାର)ବନ୍ଦ ଡ଼ାକରାକୁ ସମର୍ଥନ କରିବା ପାଇଁ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ସହ ବିଭିନ୍ନ ସଂଗଠନର ସହଯୋଗ ଲୋଡିବା ସହ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ କରି ବନ୍ଦଡାକରାକୁ ସଫଳ କରାଇବାକୁ ଅନୁରୋଧ କରିଛନ୍ତି।ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କନଭେନରଙ୍କ ସହ ପାଟଣାଗଡ଼ ବ୍ଲକ କଂଗ୍ରେସ ସଭାପତି ପତିତପାବନ ପ୍ରଧାନ ଉପସ୍ଥିତ ଥିଲେ।



## ଏଆଇଡିଏସଓ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୧୬।୭ (ସମିସ):** ଏଆଇଡିଏସଓ ରାଜ୍ୟ କମିଟି ଆହ୍ୱାନକ୍ରମେ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଫଏମ କଲେଜର ମୃତକ ଛାତ୍ରୀଙ୍କୁ ସେହି କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନା, ଅଶ୍ଳୀଳ ଇଙ୍ଗିତ କରିବା ଏବଂ ଏହି ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ କଲେଜ କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ ଓ ଜନ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୃପୃକ୍ତ ଅଧପକ ଓ ଅଧକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବା ପାଇଁ ବାଧହେଲେ। ଯାହା ଫଳରେ ଗୁରୁତର ଅବସ୍ଥାରେ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ମୃତ୍ୟୁବରଣ କରିଥିଲେ। ରାଜ୍ୟରେ ଛାତ୍ରୀ ନିରାପତ୍ତା ନାହିଁ ଏବଂ ବାରମ୍ବାର ଏହିଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ମୃତକ ଛାତ୍ରୀଙ୍କୁ ଆତ୍ମାହୁତି କରିବା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବାଧ କରିଥିବା ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରି ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ସହ ମୃତକ ପରିବାର ବର୍ଗଙ୍କୁ ଅନୁକମ୍ପା ମୂଳ ରାଶି ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।ସଭରେ ଏଆଇଡିଏସଓର ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲ୍ଲା ସଭାପତି ମଧୁସୁଦନ ବାଗ, ଜିଲ୍ଲା ସମ୍ପାଦିକା ଗୌରୀ ରାଉତ, ଜିଲ୍ଲା ଉପସଭାନେତ୍ରୀ ଅହଲ୍ୟା ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।




## ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ ସାହାରା ଜମାକାରୀଙ୍କ ଦାବିପତ୍ର



**ବଙ୍ଗୋମୁଣ୍ଡା, ୧୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ସାହାରା ଜମାକାରୀମାନେ ଦୀର୍ଘ ବର୍ଷ ହେବ ସେମାନେ ତାଙ୍କ ଜମାଟଙ୍କା ନପାଇ ନିରାଶ ହୋଇଛନ୍ତି। ଏ ନେଇ ବୁଧବାର ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନେକ ଥର ସାହାରା ଜମାକାରୀ ଟଙ୍କା ପାଇବା ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷରୁ ବହୁ କଷ୍ଟରେ ଆଶା ରଖି ସାହାରାରେ ସଞ୍ଚୟ କରିଥିଲେ ଜମାକାରୀ। କିନ୍ତୁ ବର୍ଷ ପରେ ବର୍ଷ ବିତୁଛି ହେଲେ ଜମାକାରୀଙ୍କୁ ଟଙ୍କା ମିଳୁନଥିବାରୁ କ୍ଷୋଭ ପ୍ରକାଶ ପାଉଛି। ବୁଧବାର ବଙ୍ଗୋମୁଣ୍ଡା ଅଞ୍ଚଳର ଜମାକାରୀମାନେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ କୁମାର ଯୋଶୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଆବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ପରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଦାବିପତ୍ର ଦେବା ସମୟରେ ବହୁ ଜମାକାରୀ ସାମିଲ ହୋଇଥିଲେ।


# ବିନା ବିକଳ୍ପରେ ରେଳ ଫାଟକ ବନ୍ଦ ଉଦ୍ୟମ

**ବଲାଙ୍ଗିର, ୧୬।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ରେଳ ବିଭାଗର ଦାଦାଗିରୀ। କୌଣସି ବିକଳ୍ପ ବ୍ୟବସ୍ଥା ନକରି ରେଳ ଫାଟକ ବନ୍ଦ କରିବାକୁ ବୁଧବାର ରେଳ ବିଭାଗ ଉଦ୍ୟମ କରିଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ଜୋରଦାର ପ୍ରତିବାଦ କରିଥିଲେ। ଶେଷରେ ରେଳ ବିଭାଗର ଅଧିକାରୀମାନେ ବିକଳ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହେବା ପରେ ଫାଟକ ବନ୍ଦ କରିବାକୁ କହିଥିବା ଜଣାପଡ଼ିଛି। ତେବେ ଫାଟକ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ସବୁଜ ସଙ୍କେତ ଦେଇଥିବା ବେଳେ ବିନା କୌଣସି ଲୋକଙ୍କ ସହ ଆଲୋଚନା ଓ ବିକଳ୍ପ ବ୍ୟବସ୍ଥା ନକରି ବନ୍ଦ କରିବା ପାଇଁ ରେଳ ବିଭାଗକୁ କିଭଳି ସମ୍ମତି ପ୍ରଦାନ କରିଥିଲେ ତାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଚାରିଛକ ଠାରୁ ବସ୍ତିକୁ ଯାଉଥିବା ରାସ୍ତାରେ ରହିଛି ରେଳ ଫାଟକ ନଂ ଜେଟି-୮୬। ଯାହାକୁ ବନ୍ଦ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ତେବେ ଲୋକଙ୍କ ସ୍ୱାର୍ଥ୍ୟକୁ ଗୁରୁତ୍ୱ ନଦେଇ କୌଣସି ବିକଳ୍ପ ବ୍ୟବସ୍ଥା ନକରି ତରବରିଆ ଭାବେ ବୁଧବାର ଏହାକୁ ବନ୍ଦ କରିବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ବୁଧବାର ସକାଳୁ ରେଳ ବିଭାଗ ଅଧିକାରୀ, ତହସିଲଦାର, ଆରପିଏଫ ଫୋର୍ସ ଓ ଲୋଇସିଂହା ପୁଲିସର ଉପସ୍ଥିତିରେ ଉକ୍ତ ଫାଟକକୁ ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦୀଲିପ କୁମାର ବେହେରା, ବିଜେପି ନେତା ଭୂତନାଥ ନାଏକ ପ୍ରମୁଖ ରେଳ ବିଭାଗର ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଗେଟ ବନ୍ଦ କରିବା ପୂର୍ବରୁ ଯାତାୟାତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ। ଏହି ରାସ୍ତାରେ ପ୍ରତିଦିନ ବସ୍ତି ବାସିନ୍ଦା ଯାତାୟାତ କରୁଥିବା ବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ଅଫିସ ଆସିବା ପାଇଁ ଏହି ରାସ୍ତା ହିଁ ବ୍ୟବହୃତ ହେଉଛି ବୋଲି ଲୋକେ କହିଥିଲେ। ଏପରିକି ସ୍ଥାନୀୟ ବସ୍ତିର ମହିଳା, କୁନି ଛାତ୍ରଛାତ୍ରୀମାନେ ମଧ୍ୟ ଆସି ତାଙ୍କ ଅସୁବିଧା ରେଳ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ଆଲୋଚନା କରିବା ପରେ ରେଳ ବିଭାଗର ଅଧିକାରୀ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଏନେଇ ଆସନ୍ତା ସପ୍ତାହେ ଭିତରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ଫାଟକ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଥିଲା। ତେବେ ବର୍ତ୍ତମାନ ସମୟରେ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରେଳ ବିଭାଗ ଅନୁସାରେ ଫାଟକ ବନ୍ଦ କରିବା ଓ ନିକଟରେ ଏକ ବିକଳ୍ପ ବ୍ୟବସ୍ଥା ଥିବା ରାଜସ୍ୱ ବିଭାଗ ଅଧିକାରୀ ରିପୋର୍ଟ ପ୍ରଦାନ କରିବା ପରେ ହିଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଏହି ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ସମାନ ରିପୋର୍ଟ ପ୍ରଦାନ କରିଛନ୍ତି। ଅସଲରେ କିନ୍ତୁ ଏନେଇ ନା କୌଣସି ତଦାରଖ କରାଯାଇଥିଲା ନା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ଯଦି ଆଲୋଚନା କରାଯାଇଥିଲା ତେବେ ଫାଟକ ବନ୍ଦ ପୂର୍ବରୁ କାହିଁକି ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା। ଓ ଠିକ ପ୍ରତିବାଦ ହେବା ପରେ ଲୋକଙ୍କ ସହ ଆଲୋଚନା କରିବାକୁ ପ୍ରଶାସନ କାହିଁକି ନିଷ୍ପତ୍ତି ନେଇଥିଲା ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହା ହିଁ ପ୍ରଶାସନର ଅଣଦେଖା ମନୋଭାବକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା ଦୀଲିପ ବେହେରା କହିଛନ୍ତି। ଲୋକଙ୍କ ସୁବିଧାକୁ ଅଣଦେଖା କରି ରେଳ ବିଭାଗ ଦାଦାଗିରୀ ଚଳାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ତେବେ ଏନେଇ କେବେ ବୈଠକ ହେବ ଓ ଉକ୍ତ ବୈଠକରେ କି ନିଷ୍ପତ୍ତି ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।





**ସପ୍ତାହେ ଭିତରେ ଆଲୋଚନା, ପରେ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି**
**ପ୍ରତିବାଦ ପରେ ସ୍ଥଗିତ**

# ମୃତ ଚାଷୀଙ୍କ ପରିବାରକୁ ଭେଟିଲା ପଣ୍ଡରା ମାଳି ସେବା ସଂଘ



**କୋକସରା, ୧୬।୭(ସମିସ):** କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମର ଚାଷୀ ଧନୁର୍ଯ୍ୟ ମଣ୍ଡା ଓ କଛାରପଡ଼ାର ଚାଷୀ ଅନିରୁଦ୍ଧ ନାଏକଙ୍କ ଗତ ୧୦ ତାରିଖ ବିଲରେ ପାଣି ମଡାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ବୁଧବାର କଳାହାଣ୍ଡି ଜିଲ୍ଲା ପାଣ୍ଡରା ମାଳି ସେବା ସଂଘର ଏକ ପ୍ରତିନିଧି ଦଳ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ସମବେଦନା ଜଣାଇ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ପାଣ୍ଡରା ମାଳି ସେବା ସଂଘ କଳାହାଣ୍ଡି ଜିଲ୍ଲା ସଭାପତି ଈଶ୍ୱର ପୁଝାରୀ, କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ପୂର୍ବତନ ଯୁବ ବାହିନୀ ସଭାପତି ତଥା ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ଯୁବ ବାହିନୀ ସମ୍ପାଦକ ଲୋକେଶ ନାଏକ, ଧର୍ମଗଡ଼ ନଗର ଯୁବ ବାହିନୀ ସଭାପତି ସୌମ୍ୟ ରଞ୍ଜନ ନାଏକ, କୋକସରା ବ୍ଲକ ସଭାପତି ବିତ୍ତୁ ନାଏକ, ରତନ ନାଏକ, ଧନଞ୍ଜୟ ମାଝୀ, ଧର୍ମାନନ୍ଦ ନାଏକ, ଚୌଧୁରୀ ନାଏକ, ସେତୁ ରାମ ଭକ୍ତ, ଶ୍ରିକାନ୍ତ ନାଏକ, ସୁବାସ ବୋଡକିଆ, ପରମାନନ୍ଦ ନାଏକ, କବିରାମ ଲିମଗୋଛିଆ ପ୍ରମୁଖ ଉପସ୍ଥିତ ଥିଲେ।

### କଳମପୁରରେ ଅଭାବନୀୟ ଘଟଣା

# କମେଣ୍ଟ ପାଇଁ ଯୁବକ ଯୁବତୀ ମିଶି ଯୁବକଙ୍କୁ ଛେଚିଲେ

**କଳମପୁର, ୧୬।୭(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ପଣ୍ଡିଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଥିବା ଏକ କଣ୍ଟେଣ୍ଟରେ କମେଣ୍ଟ ପାଇଁ ଜଣେ ଯୁବକକୁ ଲହୁଲୁହାଣ ହେବାକୁ ପଡ଼ିଛି। ସ୍ଥାନୀୟ ଯୁବକ ଯୁବତୀ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାର ଭିଡିଓ ରେକର୍ଡ କରି ଭାଇରାଲ ମଧ୍ୟ କରିଛନ୍ତି। ଏହି ଘଟଣାରେ ପୁଲିସ ୪ ଜଣ ଯୁବତୀ ଓ ୨ ଜଣ ଯୁବକଙ୍କୁ ଗିରଫ କରିଥିଲା। ତେବେ ଯୁବତୀମାନଙ୍କୁ ତୁରନ୍ତ ଜାମିନ ମିଳିଯିବା ପରେ ଘଟଣା ଆହୁରି ଅଧିକ ସମ୍ବେଦନଶୀଳ ହୋଇ ପଡ଼ିଥିଲା। ଏହାର ବିରୋଧ କରି କଳମପୁର-ମୁଖିଗୁଡା ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ପୁଲିସ ବୁଝାଇବା ପରେ ଆନ୍ଦୋଳନକାରୀ ହଟିଥିଲେ। ଗତ ସୋମବାର ତେନ୍ତୁଳିଖୁଣ୍ଟି ଗ୍ରାମର ନୃସିଂହ ନାଏକ (ବାବୁଲି) ନାମକ ଜଣେ ଯୁବକଙ୍କୁ ପଣ୍ଡିଗାଁର କେତେକ ଯୁବକ ଯୁବତୀ ଦଳଗତ ଆକ୍ରମଣ କରିଥିଲେ। ତାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଦ୍ଦୁମ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ରେକର୍ଡ କରି ଭାଇରାଲ କରିଥିଲେ। ତେବେ ଖବର ପାଇ ପରିବାର ଏବଂ ସମ୍ପର୍କୀୟ ଆସି ଯୁବକଙ୍କୁ ଉଦ୍ଧାର କରିଥିଲେ। ଏହାପରେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଯୁବକଙ୍କ ମା' କଳମପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪ ଜଣ ଯୁବତୀ ଓ ୨ ଯୁବକଙ୍କୁ ଗିରଫ କରିଥିଲା; କିନ୍ତୁ ୪ ଯୁବତୀ ଜାମିନରେ ଆସିଥିବା ଜାଣିବା ପରେ ପରିବାର ଏବଂ ସମ୍ପର୍କୀୟ ଉତ୍ତେଜିତ ହୋଇ ଉଠିଥିଲେ। ଏହାର ପ୍ରତିବାଦରେ ବୁଧବାର ଗାଁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବର ପାଇ କଳମପୁର ଥାନା ଆଇଆଇସି ନୀଳାମ୍ବର ଯାନୀ, ଏସଆଇ ଶିବ ଶଙ୍କର ମହାନ୍ତି, ଅସିତ ପଣ୍ଡା ପ୍ରମୁଖ ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏହି ଘଟଣାରେ ଜଡିତ ଅନ୍ୟମାନଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ଭିଡିଓ ଭାଇରାଲ, ୪ ଯୁବତୀ ଓ ୨ ଯୁବକ ଗିରଫ**

**ଯୁବତୀମାନେ ତୁରନ୍ତ ଜାମିନରେ ଖଲାସ**

**ଅସନ୍ତୋଷ ବ୍ୟକ୍ତ କରି ରାସ୍ତା ଅବରୋଧ**

**ପୁଲିସର ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ**

# ବେଲପଡ଼ା ଶିବ ମନ୍ଦିରରେ ସଂକ୍ରାନ୍ତି ପାଳନ



**ବେଲପଡ଼ା, ୧୬।୭(ସମିସ):** ବେଲପଡ଼ା ଶିବ ମନ୍ଦିରରେ ପବିତ୍ର ଶ୍ରାବଣ ମାସର ସଂକ୍ରାନ୍ତି ପାଳନ କରାଯାଇଛି। ସୀତାରାମ ପାର୍ଟି ତରଫରୁ ସକାଳୁ ଶତାଧିକ ଭକ୍ତ ନାମ ସଂକୀର୍ତ୍ତନ ପରିବେଷଣ କରି ସହର ପରିକ୍ରମା କରିଥିଲେ। ପରେ ମହାଦେବଙ୍କୁ ସଂକ୍ରାନ୍ତି ଭୋଗ ଲଗାଯାଇଥିଲା। ବହୁ ଭକ୍ତ ପ୍ରସାଦ ସେବନ କରିଥିବା ବେଳେ ପୂଜକ ଭୁଲା ମହାପାତ୍ର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ।

# ସଫାଇ ଆପନାଓ ବିମାରି ଭାଗାଓ କାର୍ଯ୍ୟକ୍ରମ

**କେସିଙ୍ଗା, ୧୬।୭ (ସମିସ):** କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୋରିଙ୍ଗପଦରରେ ସଫାଇ ଆପନାଓ ବିମାରି ଭଗାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଉନସିଲର ପ୍ରକାଶ ବନଛୋର, ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜର, ସଫେଇ କର୍ମଚାରୀ, କାର୍ଯ୍ୟାଳୟ କର୍ମକର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ବର୍ଷା ଋତୁ ଆରମ୍ଭ ହେଲାଣି। ତେଣୁ ପରିବେଶ ସଫା ସୁତୁରା ରଖିôବାକୁ ପରାମର୍ଶ ଦିଆଯାଇଛି। ଡେଙ୍ଗୁ, ହଇଜା, ମ୍ୟାଲେରିଆ ଭଳି ଅନେକ ମାରାତ୍ମକ ରୋଗ ଦାଉରୁ ନିଜକୁ ସୁରକ୍ଷିତ ରଖିବା ସେଥି ନିମନ୍ତେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଛି।

# ଜାନନ ଯୁବକ ସଂଘ ପକ୍ଷରୁ ମାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ




**ଭବାନୀପାଟଣା, ୧୬।୭ (ସମିସ):** କଳାହାଣ୍ଡି କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତ ଭୋଇରମୁଣ୍ଡା ଗଜାନନ ଯୁବକ ସଂଘ ଦ୍ୱାରା ମାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ମେହେର, ସନତ ସାହୁ, ଖୁସିରାମ ସାହୁ, ମହାଦେବ ସାହୁ, ତରୁଣୀ ସାହୁ ପ୍ରମୁଖ ଯୋଗଦେଇ ପରିବେଶ ପାଇଁ ବୃକ୍ଷର ମହତ୍ତ୍ୱ ଓ ଚାରାରୋପଣର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ସଂଘ ସଭାପତି ଗିରିଧାରୀ ସାହୁ, ସମ୍ପାଦକ ଅଶୋକ ସାହୁଙ୍କ ସହ ସଂଘ ସଦସ୍ୟ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟଶିବିର



**ଭବାନୀପାଟଣା, ୧୬।୭ (ସମିସ):** କଳାହାଣ୍ଡି ଜିଲ୍ଲାର ଅବହେଳିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ବେଦାନ୍ତ ଆଲୁମିନିୟମ ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି। ସାଧାରଣତଃ ବର୍ଷାଋତୁରେ ଲୋକେ ବିଭିନ୍ନ ପ୍ରକାର ଋତୁକାଳୀନ ରୋଗରେ ଶିକାର ହେଉଛନ୍ତି। ଏହାର ନିରାକରଣ ପାଇଁ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ କମ୍ପାନୀ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗୋବର୍ଦ୍ଧନପୁର ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୧୫ରୁ ଅଧିକ ଗାଁର ୩୫୦ରୁ ଅଧିକ ଲୋକେ ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞଙ୍କଠାରୁ ଚିକିତ୍ସା, ପରାମର୍ଶ ସେବା ସହ ଔଷଧ ଗ୍ରହଣ କରିଥିଲେ। ଶିବିରରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ମେଡିସିନ ବିଶେଷଜ୍ଞ ଡା. ପ୍ରବୀଣ ପତି, ଡା. ପ୍ରଦ୍ଯୁମ୍ନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଲୋକଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ ବାଗ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ବନ୍ଦ ପାଇଁ ଆହ୍ୱାନ



**ଭବାନୀପାଟଣା, ୧୬।୭ (ସମିସ):** ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ବିଚାର ବିଭାଗୀୟ ତଦନ୍ତ ଦାବି କରି ୧୭ ତାରିଖ ଓଡ଼ିଶା ବନ୍ଦ ପାଳନ କରିବାରେ ଜନ ସାଧାରଣଙ୍କ ପୂର୍ଣ୍ଣ ସମର୍ଥନ ଲୋଡାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏହି ଓଡ଼ିଶା ବନ୍ଦ ଆହ୍ୱାନ ଦେଇଛି। କଳାହାଣ୍ଡିରେ ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡିବାସୀଙ୍କ ସହଯୋଗ କାମନା କରାଯାଇଛି। କଂଗ୍ରେସ ଜିଲ୍ଲା ସଂଯୋଜକ ଜଳନ୍ଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ୍ ମହାଖୁଡ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ସମ୍ପାଦକ ସରୋଜ ବାଗ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ସିପିଏମ ନେତା ନବ କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମ ବେହେରା, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ମାର୍ଜିତା ପ୍ରଧାନ, ସିପିଆଇ ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ଜିଲ୍ଲା ଉପ ସଭାପତି ପ୍ରୀତମ ବେହେରା, ବ୍ଲକ ସଭାପତି ସୁବାଷ ପ୍ରଧାନ, ପୂର୍ବତନ ନଗର ସମ୍ପାଦକ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ମହମବତି ଶୋଭାଯାତ୍ରା

**ସିନାପାଲ, ୧୬।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ଶୋଭାଯାତ୍ରା କରଯାଇଛି। ସିନାପାଲି ସହରସ୍ଥିତ ଯୁଗେନପଦର ଛକ ନିକଟରୁ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହା ସିନାପାଲି ସହର ପରିକ୍ରମା କରିଥିଲା। ବସଷ୍ଟାଣ୍ଡରେ ସରକାର ବିରୋଧରେ ବିଭିନ୍ନ ନାରା ଦେବା ସହ ପ୍ରତିବାଦ ସଭା ହୋଇଥିଲା। ଏହି ସଭାରେ ଲିଙ୍ଗରାଜ ଘିଭେଲା, ରାଜା ପାଣିଗ୍ରାହୀ, ରଜନୀକାନ୍ତ ମାଝୀ, ନରେଶ ବାଗ, ଅଜୟ ନିଆଲଙ୍କ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।




# ନର୍ସିଂ କଲେଜର ମହମବତି ଶୋଭାଯାତ୍ରା




**କେସିଙ୍ଗା, ୧୬।୭(ସମିସ):** ସ୍ଥାନୀୟ କମଳାକାନ୍ତ ନର୍ସିଂ କଲେଜ ପକ୍ଷରୁ ସୌମ୍ୟାଙ୍କ ସ୍ମୃତିରେ ସ୍ଥାନୀୟ ଆମ୍ବେଦକର ଛକଠାରୁ ଦୁର୍ଗାମଣ୍ଡପ ଛକ ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ସମସ୍ତ ଅଧ୍ୟାପକଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମୋବାଇଲ୍ ଦୋକାନରୁ ଚୋରି ଅଭିଯୋଗ

**ସିନାପାଲି, ୧୬।୭(ସମିସ):** ସିନାପାଲି ବ୍ଲକ ବୋଡ଼େନ ଥାନା ଅଧୀନ ଗଣ୍ଡାବାହାଲି ଗମ୍ଭାରୀଗୁଡା ଛକରେ ଥିବା ଜଗନ୍ନାଥ ମୋବାଇଲ୍ ଦୋକାନରୁ ଚୋରି ହୋଇଛି। ଏ ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସିନାପାଲି ଓ ବୋଡ଼େନ ପୁଲିସ ସମେତ କଳାହାଣ୍ଡି ଫରେନସିକ ଟିମ୍, ଡଗ୍ସ ସ୍କ୍ୱାଡ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ରାତିରେ ଦୋକାନର ସଟର କାଟି ପ୍ରାୟ ୫ଲକ୍ଷ ଟଙ୍କାର ମୋବାଇଲ୍ ଚୋରି ହୋଇଥିବା ଦୋକାନ ମାଲିକ ଦୀନବନ୍ଧୁ ବେହେରା ପ୍ରକାଶ କରିଛନ୍ତି।

# ଆଦ୍ୟାଶକ୍ତି ନାରୀ ସଂଗଠନର ଶ୍ରଦ୍ଧାଞ୍ଜଳି



**ବଲାଙ୍ଗିର, ୧୬।୭ (ସମିସ):** ସ୍ୱେଚ୍ଛାସେବୀ ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ଲକ୍ଷ୍ମୀନାରାୟଣ ମନ୍ଦିରରେ ସଭାପତି ମାଳତି ଉଦଗାତାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌ÷ମ୍ୟାଶ୍ରୀଙ୍କ ମୃତ୍ୟୁରେ ସଂଗଠନ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସମ୍ପାଦିକା କସ୍ତୁରି ରଥ, ତପସ୍ୱିନୀ ପଶାୟତ, ଆରତୀ ମିଶ୍ର, ରାଜଶ୍ରୀ ତ୍ରିପାଠି, ସଂଗଠନ ମାର୍ଗଦର୍ଶକ ମଦନ ମୋହନ ରଥ ଆଲୋଚନାରେ ଭାଗ ନେଇ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରିବାକୁ ମତବ୍ୟକ୍ତ କରିଥିଲେ। ସଭାରେ ଅନୁପମା ଉଦ୍‌ଗାତା, ରଞ୍ଜୁ ଖେତି, ରଚନାରାଣୀ ଶତପଥି, ମିନାକ୍ଷୀ ଗୁରୁ, ଭୂମୀ କେତକୀ, ସଂଯୁକ୍ତା ମିଶ୍ର, ନିହାରିକା ମିଶ୍ର, ଲକ୍ଷ୍ମୀ ତ୍ରିପାଠି ଓ ଦିପ୍ତିମୟୀ ମିଶ୍ର ଉପସ୍ଥିତ ଥିଲେ।

# ଦାବି ଜଣାଇଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

**ଭବାନୀପାଟଣା, ୧୫।୭(ସମିସ)**

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଆବେଦନ ପତ୍ର ଦେଇଛି। ପତି ଶରତଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ସାହୁ, ଉପସଭାପତି ମନୋଜ ପାଣିଗ୍ରାହୀ ଓ ସୁଧୀର ରଥ ଆବେଦନ ପତ୍ର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁଶ୍ରୀ ସବିତା ପଟ୍ଟନାୟକ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସମ୍ପାଦକ ମହେନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ମଦନ ବରାଡ, ଉମା ଶଙ୍କର ମୁଣ୍ଡ, ଶୁକ୍ଳ ରାଠୋର, ଅଜିଜ୍ ଖାଁ, ଲବକାନ୍ତ ରଣା, ହର ପ୍ରସାଦ ସେଠୀ, ରାଜେନ୍ଦ୍ର ପଟ୍ଟନାୟକ, ଚକ୍ରଧର ଠାକୁର, ଗଙ୍ଗାରାମ ବାଗ, କୁଳମଣୀ ସାହୁ, ରୂପ କିଶୋର ଦଳେଇ, ବିଶି କେସନ ନାୟକ, ଅଶୋକ କୁମାର ଖମାରୀ, ଉମା ଶଙ୍କର ରଥ, ଟି. ରାମପକୃଷ୍ଣ, ସବିତା ଶତପଥୀ, ଭାଗବତ ପ୍ରସାଦ ମହାପାତ୍ର, ଗଙ୍ଗାଧର ଧନେଶ୍ୱର ପଣ୍ଡା, ମୁକ୍ତେଶ୍ୱର ପଟ୍ଟନାୟକ, ବୁଟୁ ସରାବୁ, ଶିଶୁଦେବ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।








ପ୍ରଧାନ, ସିତାକାନ୍ତ ପ୍ରଧାନ, ନରହରି ପଟ୍ଟନାୟକ, ଅଶୋକ ବାବୁ, ବିଚିତ୍ରାନନ୍ଦ ସ୍ୱାଇଁ, ରବିନାରାୟଣ ପରିଡ଼ା, ଏ. ଆପା ରାଓ, କୁନୁ ନାଏକ, ରସିକ ମୋହନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

**କୋକସରା:** କୋକସରା ପେନସନ୍ ଗ୍ରାହୀ ସଂଘ ପକ୍ଷରୁ ୯ଟି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଅର୍ଥ ଅଧିକାରୀ ଦିଲ୍ଲୀପ ଶବର ଓ ବିଭାଗୀୟ ଅଧିକାରୀ ସୁଦର୍ଶନ ବାଗଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ତ୍ରିନାଥ ଠାକୁର, ସମ୍ପାଦକ ମୀନକେତନ ପ୍ରଧାନୀ, ଗୁଣନିଧି ବାଗ, କେଶବ ଚନ୍ଦ୍ର ନାଏକ, ବ୍ୟୋମକେଶ ସାହୁ, ଉମେଶ ଚନ୍ଦ୍ର ପ୍ରଧାନୀ, ଗୋକୁଳ ଖମାରୀ, ଚଉବନ ରଣା, ନବୀନ ଚଣ୍ଡୀ,

**ଧର୍ମଗଡ଼:** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ସୁନିଲ ପାତ୍ର, ସମ୍ପାଦକ ରଘୁନାଥ ପଣ୍ଡା, ରାଜ୍ୟ ପରିଚାଳନା କମିଟି ସଦସ୍ୟ ବାସୁଦେବ ସାହୁ, ଉପ ସଭାପତି ନିରଞ୍ଜନ ମହାପାତ୍ର, ଲୋକନାଥ ବେହେରା, ଫୁଲେଶ୍ୱର୍ ସେନାପତି, ଲବରାମ ସରାଫ, ଅଜିତ ପଣ୍ଡା ପ୍ରମୁଖ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଚୋଡଗଙ୍ଗ ପ୍ରଧାନଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଧର୍ମଗଡ଼, ୧୬।୭(ସମିସ):** ପର୍ଲାସ୍ଥିତ ପିଏମଶ୍ରୀ ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ଅତିରିକ୍ତ ପ୍ରଧାନ ଶିକ୍ଷକ ନବ ସୁନାରୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥଲା। ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ପୂର୍ବତନ ଛାତ୍ର ତଥା ବିଦ୍ୟାଳୟର ଅବସରପ୍ରାପ୍ତ କିରାଣି ସୁଶାନ୍ତ ଦାସ, ପୂର୍ବତନ ଛାତ୍ର ତଥା ଚାନ୍ଦାହାଣ୍ଡି କଲେଜ ଓଡ଼ିଆ ଅଧ୍ୟାପକ ନଳିନୀ ଦାସ, ବରିଷ୍ଠ ସାମ୍ବାଦିକ ଲକ୍ଷଜ୍ୟୋତି ଜାଲ, ସୁବାସ ବାଗ, ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ହୃଷିକେଶ ସାହୁ, ସୁଧୀର ବାଗ, ନବୀନ ପୁରୋହିତ, ପଦ୍ମରାମ ଶବର, ଅବସରପ୍ରାପ୍ତ ସୈନିକ ସାଧୁରାମ ଶବର, ଅବସରପ୍ରାପ୍ତ ଖେଳ ଶିକ୍ଷକ ସରୋଜ ଦାସ, ପ୍ରବୀଣ ଦାସ, ସୁଶାନ୍ତ ଦାସ, ଗଣେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

ସକାଳ THE SAKALA

## ଅନ୍ଧବିଶ୍ୱାସର ଅନ୍ଧଗଳି

ସଂପର୍କ ଆମ ସାମାଜିକ ବ୍ୟବସ୍ଥାର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। କ୍ରମେ ଏହା ଉନ୍ମୁକ୍ତ ଓ ସଂକୁଚିତ ଅବସ୍ଥାରୁ ମୁକ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଏସବୁ ସତ୍ତ୍ୱେ ଆମ ଜୀବନଧାରା ଓ ଚଳଣିରେ ପରମ୍ପରା ନାମରେ ରହିଥିବା ଅଙ୍କୁଶ ତଥା ଅନ୍ଧବିଶ୍ୱାସ ପରିସ୍ଥିତିକୁ ଏତେ ଜଟିଳ କରିଦେଇଛି ଯେ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବାଧ୍ୟବାଧକତା ସୃଷ୍ଟି ହୋଇଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପ୍ରେମ ବ୍ୟାପରକୁ ନେଇ ଯେଉଁ ଦଣ୍ଡବିଧାନ କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ୭୨ ଘଣ୍ଟା ବ୍ୟବଧାନରେ ଏଭଳି ଦୁଇଟି ଘଟଣାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ଗୋଟିଏ ବଂଶର ସମାନ ଜାତିରେ ବିବାହ ଆଦିବାସୀ ସମାଜରେ ଗ୍ରହଣୀୟ ନୁହେଁ। ସେମାନଙ୍କ ବିଶ୍ୱାସ ଯେ ଧରଣୀ ପେନୁ ଏପ୍ରକାର ବିବାହରେ ଅସନ୍ତୁଷ୍ଟ ହେବ। ତାହାର ପ୍ରଭାବରେ ବର୍ଷାଭାବ ଜନିତ ଫସଲହାନି ଘଟିବ। ତେଣୁ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ଯୋଚି ହଳ ଲଙ୍ଗଳରେ ସାତ ଘେରା ଠାକୁରାଣୀଙ୍କ ପରିକ୍ରମା କରିବାକୁ ହେବ। ଏହାପରେ ସେମାନେ ପତି-ପତ୍ନୀର ସ୍ୱାଭାବିକ ଜୀବନଯାପନ ପାଇଁ ସ୍ୱୀକୃତି ଲାଭ କରିବେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପ୍ରଥମ ଘଟଣାକୁ ନେଇ ପୁଲିସର ଖୋଳତାଡ଼ ପରେ ମଧ୍ୟ ଦ୍ୱିତୀୟ ଘଟଣା ଉପରେ ତାହାର କିଛି ପ୍ରଭାବ ପଡ଼ିନାହିଁ। ଯେତେଦୂର ମନେ ହୁଏ ବସ୍ତିବାସିନ୍ଦାଙ୍କ ଏହି ସମ୍ମିଳିତ ନିଷ୍ପତ୍ତି ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।

ପ୍ରେମ କେବଳ ଏକ ପ୍ରବୃତ୍ତି ନୁହେଁ, ବରଂ କୋମଳ ଭାବାବେଗର ଅଭିବ୍ୟକ୍ତି କୁହାଯାଇପାରେ। ତେଣୁ ଏହା କ୍ରମେ ଅଧିକରୁ ଅଧିକ ମୁକ୍ତ ଏବଂ ଧର୍ମ ଓ ଜାତିଗତ କଟକଣାକୁ ଭାଙ୍ଗିଦେଇଛି। କିନ୍ତୁ ସାମଜିକ ବ୍ୟବସ୍ଥାରେ ଉଚ୍ଚଜାତିର ଅହଂକାର ଏବେ ମଧ୍ୟ ତିଷ୍ଠି ରହିଛି। ତେଣୁ ଦେଶର ବିଭିନ୍ନ ଅଞ୍ଚଳରେ ଜାତିଗତ କଟକଣାରୁ ଅନରକଲିଂ ଭଳି ଭୟଙ୍କର ନିର୍ଯାତନା ଓ ଅପରାଧ ପରିଲକ୍ଷିତ ହେଉଛି। ସେ ଦୃଷ୍ଟିରୁ ବିଚାର କଲେ ଅପୋକ୍ଷକୃତ ନିରୀହ ଓ ସରଳ ଆଦିବାସୀ ପ୍ରେମୀଯୁଗଳଙ୍କୁ 'ବଳଦଦଣ୍ଡ' ଦେଇଥିଲେ ମଧ୍ୟ ସେମାନଙ୍କୁ ନିଜ ପରିବେଶରେ ଗୃହସ୍ଥ ଜୀବନ ବିତାଇବାକୁ ସୁଯୋଗ ଦେଇଛନ୍ତି। ଏକ୍ଷେତ୍ରରେ ସେମାନଙ୍କୁ ଅନ୍ଧବିଶ୍ୱାସ କବଳିତ କରି ରଖିଛି ସତ, ଅହଂକାରୀ ସଭ୍ୟ ସମାଜର ନୃଶଂସତାକୁ ସେମାନେ ପ୍ରଶ୍ରୟ ଦେଇନାହାନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଗୁଣିଗାରେଡ଼ି ଏବଂ ରୋଗ ଚିକିତ୍ସା ସକାଶେ ଝଡ଼ାଫୁଙ୍କା ଓ ଠାକୁରାଣୀଙ୍କ ନିକଟରେ ବଳି ଦେବା ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ ଅଛି। ଏବେ ମଧ୍ୟ ଆମ ରାଜ୍ୟରେ ଗୁଣିଗାରେଡ଼ି କରୁଥିବା ଅଭିଯୋଗରେ ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। ସାମାଜିକ ସ୍ତରରେ ସେମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ସକାଶେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଏହି ବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଧର୍ମାନ୍ତର କରାଯାଇଥିବାର ମଧ୍ୟ ଅଭିଯୋଗ ହୁଏ।

ଆମକୁ ଏଠାରେ ଦୁଃଖ ଓ କ୍ଷୋଭର ସହ କହିବାକୁ ପଡୁଛି ଯେ ଚଳଣି ଓ ପରମ୍ପରାକୁ ନେଇ ସୃଷ୍ଟି ହେଉଥିବା ବିଚାରଗତ ବିଦ୍ୱେଷ କେବଳ ଆଦିବାସୀ ସମାଜରେ ସୀମିତ ନାହିଁ। ତଥାକଥିତ ସଭ୍ୟ ଓ ସମ୍ଭ୍ରାନ୍ତ ସହରୀ ଜୀବନର ନାକତଳେ କଙ୍ଗାରୁକୋର୍ଟ ଚାଲେ। ସେଠାରେ କଠୋର ଦଣ୍ଡବିଧାନ ସହ ସାମାଜିକ ବାସନ୍ଦ ଭଳି କଟକଣା ମଧ୍ୟ ଲାଗୁ କରାଯାଏ। ଏପରିକି ଜାତିଆଣ ବିଚାର ମାଧ୍ୟମରେ ସାମଜିକ ଓ ପାରମ୍ପାରିକ ତ୍ରୁଟି ବିରୋଧରେ ଦଣ୍ଡବିଧାନ କରାଯାଇଛି। ଏମିତିରେ ଧର୍ମୀୟ ବିଶ୍ୱାସ ଓ ଆଚାର ବ୍ୟବହାର ମଧ୍ୟ ଅସଙ୍ଗତ ଓ ଅବୈଜ୍ଞାନିକ ଶୃଙ୍ଖଳାକୁ ଆମେ ପରମ୍ପରା ଖାତିରରେ ମାନି ଆସୁଛେ। ଅନେକ କ୍ଷେତ୍ରରେ ତାହା ଅହିତକର ଓ ଅସ୍ୱାସ୍ଥ୍ୟକର ମଧ୍ୟ। ଏକଥା ସତ ଯେ ଜ୍ଞାନର ଆଲୋକ ଦିନକୁ ଦିନ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି। ତଥାପି ଅନ୍ଧବିଶ୍ୱାସରୁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ। କେତେକ କ୍ଷେତ୍ରରେ ଧର୍ମୀୟ ବିଶ୍ୱାସର ଚାଦର ତଳେ କିଛି ଅପସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସୁଯୋଗ ମିଳୁଛି। ବିନା ବିଚାରବିମର୍ଶରେ ସେସବୁକୁ ମାନିନେବାର ଅତ୍ୟାଗ୍ରହକୁ ଦେଖିଲେ ଚକିତ ହେବାକୁ ପଡ଼େ। ଆମର ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିମାର୍ଜିତ ଓ ପୁନଃ ବିନ୍ୟାସ କରିବା ପରିବର୍ତ୍ତେ ସେଥିରେ ଯଦି ଆଉକିଛି ନୂଆ ଯୋଡ଼ିବାର ପ୍ରୟାସ ହୁଏ ତାହାକୁ ଆରମ୍ଭରୁ ରୋକାଯିବା ଜରୁରୀ।

ମାନବାଧିକାର ଓ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ ନେଇ ଯେତେ ସ୍ୱୀକୃତି ଓ ପ୍ରତିଶ୍ରୁତି ଦିଆଯାଉନା କାହିଁକି ତାହାର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନରେ ଏତେ ପ୍ରତିବନ୍ଧକ ରହିଛି ଯେ ସେସବୁକୁ ସାବ୍ୟସ୍ତ ବା ଜାହିର କରିବା ସହଜ ନୁହେଁ। ଏପରିକି ଶିକ୍ଷିତ ଓ ସଚେତନ ନାଗରିକର ବୋଧଗମ୍ୟ ବାହାରେ ଏସବୁ ନଥିଲେ ମଧ୍ୟ ଉଲ୍ଲଘଂନକୁ ରୋକିବା ସକାଶେ ତଳୁ ଉପର ପର୍ଯ୍ୟନ୍ତ ତା'କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏକଥା ସତ ଯେ ଆଦିବାସୀ ସମାଜ ଭିତରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ସେମାନଙ୍କ ଚଳଣିରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସେମାନଙ୍କ ଭଷା ଓ ସଂସ୍କୃତିର ଯଥୋଚିତ ଉପଯୋଗ କରି ସଚେତନାର ବାର୍ତ୍ତା ଦିଆଯିବା ଉଚିତ। ସେମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିଲେ ସଭ୍ୟତାର ନୂତନ ଜ୍ଞାନାଲୋକ ଠକି ଯାଇଥିବା ଜୀବନକୁ ଅଧିକ ସରସ ସୁନ୍ଦର କରିପାରିବ।

ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆମେ ସମସ୍ତେ ଏକପ୍ରକାର ଆଲୋକର ସନ୍ଧାନରେ ଧାଇଁ ଚାଲିଛେ। ଏହା ପଛରେ ଅଛି ଅଭାବ ଓ ଅନଟନର ପୀଡ଼ା। ପରିଶ୍ରମ ସତ୍ତ୍ୱେ ପ୍ରାପ୍ତିର ଦୂରତା କ୍ରମେ ବଢ଼ି ଚାଲିଥିବାରୁ ଅନ୍ଧବିଶ୍ୱାସ କାୟାଛନ୍ନ କରି ରଖିଛି ଆମକୁ। ତେଣୁ ସବୁ ଅବିଶ୍ୱାସର ନିଦାନ ବିଶ୍ୱାସବୋଧ ମନେ ହେଉଛି। ପ୍ରାପ୍ତି ଆଶରେ କି ଧନୀ କି ଗରିବ ଏକ ମୁହାଁ ହୋଇ ଧାଇଁଛନ୍ତି ସବୁ ବାସ୍ତବତାକୁ ପଛରେ ପକାଇ ଅବିଶ୍ୱସନୀୟ ସତ ପଛରେ। ●

## ଭାଷା ରାଷ୍ଟ୍ରୀୟ ଭାବନାର ପରିପନ୍ଥୀ ନୁହେଁ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ମୁଁ ମୋ ଘରର ସବୁ ଝରକା ସବୁବେଳେ ଖୋଲା ରଖିବି। ମୁଁ ଚାହେଁ ବାହାର ଦୁନିଆର ପବନ ଅବାଧରେ ପ୍ରବେଶ କରୁ ମୋ ଘରେ'- ଏହି ମର୍ମରେ କହିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏ 'ପବନ' ହେଉଛି ବାହାର ଦୁନିଆର ଜ୍ଞାନବିଜ୍ଞାନ, ଚିନ୍ତାଚେତନାର ପବନ। ଗାନ୍ଧୀ ଓ ତାଙ୍କର ନିକଟତମ ପୂର୍ବସୂରୀଙ୍କ କାଳଖଣ୍ଡରେ ଇଂରାଜୀ ଭାଷା ମାଧ୍ୟମରେ ସେ ପବନ ପ୍ରବେଶ କରୁଥିଲା କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭାରତ ଭୂଖଣ୍ଡରେ ଏବଂ ଭାରତୀୟ ମାଟିରେ ପୂର୍ଣ୍ଣ ବିକଶିତ ହୋଇଥିବା ବିବିଧ ଆଞ୍ଚଳିକ ଭାଷାର ସ୍ନିଗ୍ଧ ସୌରଭରେ ସୁରଭିତ ଭାରତୀୟ ଚିନ୍ତାଚେତନା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସେହି ପବନର ସ୍ପର୍ଶ ଓ ପ୍ରବାହରେ। ଗାନ୍ଧୀଙ୍କ ପରି ଗୁରୁଦେବ ରବୀନ୍ଦ୍ରନାଥ ବି ଚାହିଁଥିଲେ- 'ମହାଭାରତର ସାଗରତୀର'ରେ ଦୁନିଆର ସବୁ ନଦ, ନଦୀ, ସାଗର ତୀରରେ ବହୁଥିବା ପବନର ଅନୁପ୍ରବେଶ ଓ ମହାମିଳନ। ଗାନ୍ଧୀଙ୍କ ପରି ସେ ବି ଜାଣିଥିଲେ ସେ ଅନୁପ୍ରବେଶ, ସେ ମହାମିଳନକୁ ସୁଗମ କରିପାରିବ ଇଂରାଜୀ ଭାଷା କେବଳ। ସେଇଥିପାଇଁ ମାତୃଭାଷା ବଙ୍ଗଳାରେ ସେ ଲେଖିଥିବା ବଛା ବଛା ଗୀତଗୀତିକାର ଅନୁବାଦ ନିଜେ କରିଥିଲେ ଇଂରାଜୀ ଭାଷାରେ-କାରଣ ସେ ଜାଣିଥିଲେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ବାଢ଼ି ଦେଇପାରିବେ ବାହାର ଦୁନିଆ ପାଖରେ ସନାତନୀ ଭାରତୀୟ ଚିନ୍ତାଚେତନାର 'ଗୀତାଞ୍ଜଳି'; ବିଚ୍ଛୁରିତ କରି ଦେଇପାରିବେ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନର ଆଲୋକ। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତେଣୁ ଆପଣା ହାତରେ ଗଢ଼ା 'ବିଶ୍ୱଭାରତୀ'ର ସ୍ୱାତନ୍ତ୍ର୍ୟ ସଂପର୍କରେ କବି ରବୀନ୍ଦ୍ରନାଥ କହିଥିଲେ, 'ଏଇଠି ସାରା ପୃଥିବୀ ନିବାସ କରିବ ଗୋଟିଏ ନୀଡ଼ରେ'-ଅର୍ଥାତ୍, ବିଶ୍ୱଭାରତୀ ଶାନ୍ତିନିକେତନରେ ପ୍ରବେଶ କରିବ ବାହାର ଦୁନିଆର ପବନ ମୁକ୍ତ ଭାବରେ ଏବଂ ସେଇଠୁ ମଧ୍ୟ ସଂଚରିତ ହୋଇଚାଲିବ 'ଭାରତୀୟ ଚିନ୍ତନ'ର ପବନ ବାହାର ଦୁନିଆରେ। ଉଭୟେ ଗାନ୍ଧୀ ଓ ରବୀନ୍ଦ୍ରନାଥ ଥିଲେ ଆପଣା ଆପଣା ମାତୃଭାଷାର ପ୍ରତିଶ୍ରୁତିବଦ୍ଧ ପୂଜାରୀ। ଗାନ୍ଧିଜୀଙ୍କ ଅଧିକାଂଶ ଲେଖାମାନ ଥିଲା ମାତୃଭାଷା ଗୁଜରାଟୀରେ ଏବଂ ରବୀନ୍ଦ୍ରଙ୍କ ଶ୍ରେଷ୍ଠ, ସ୍ମରଣୀୟ ଗୀତଗୀତିକା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ଥିଲା ମାତୃଭାଷା ବଙ୍ଗଳାରେ। କିନ୍ତୁ ଏ ଦୁଇ ମହାମାନବ କେବେ ଇଂରାଜୀ ହେଉ କି ଅନ୍ୟ କେଉଁ ଭାଷା ହେଉ କାହାରି ଅନନ୍ୟତାକୁ ହେୟ ଦୃଷ୍ଟିରେ ଦେଖୁ ନ ଥିଲେ କି ଆପଣାର ଦେଶପ୍ରେମ, ରାଷ୍ଟ୍ରପ୍ରେମର ପ୍ରମାଣ ଦେବାକୁ ଯାଇ ଏବେକାର ଆତ୍ମଘୋଷିତ ରାଷ୍ଟ୍ରବାଦୀ ନେତାଙ୍କ ପରି ଇଂରାଜୀ ଭାଷାକୁ 'ଲଜ୍ଜା'ର ଭାଷା (ଲାଙ୍ଗୁଏଜ୍ ଅଫ୍ ସେମ୍) ବୋଲି କହୁ ନ ଥିଲେ।

ଏହା ସର୍ବବିଦିତ ଯେ ମହାତ୍ମା ଗାନ୍ଧୀ ଏବଂ କବି ରବୀନ୍ଦ୍ରନାଥ ଉଭୟେ ମାତୃଭାଷାରେ ଶିକ୍ଷା ଓ ଶିକ୍ଷାପ୍ରଦାନକୁ ସର୍ବାଧିକ ମହତ୍ତ୍ୱ ଦେଇଥିଲେ। ମାତ୍ର ତତ୍‌ସହିତ ସେମାନେ ଇଂରାଜୀ ଭାଷାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ଇଂରାଜୀ ଭାଷାରେ ଈର୍ଷଣୀୟ ଦକ୍ଷତା ବି ହାସଲ କରିଥିଲେ। ଗାନ୍ଧିଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆନ୍ ଓପିନିଅନ୍'ର ସଂପାଦନା ଓ ପ୍ରକାଶନ ଇଂରାଜୀ ଭାଷା ସହ ଅନ୍ୟ ତିନୋଟି ଭାରତୀୟ ଭାଷାରେ କରିଥିଲେ ଏବଂ ଦୀର୍ଘକାଳ ବନ୍ଦୀ ଜୀବନ କାଟୁଥିବା ବେଳେ ଏପରିକି ସମୟେ ସମୟେ ଦୀର୍ଘ ଜଳଯାତ୍ରା କରୁଥିବା ବେଳେ ସେ ତାମିଲ୍ ଓ ଉର୍ଦ୍ଦୁ ଭାଷା ଦୁଇଟିକୁ ଯଥାସାଧ୍ୟ ଆୟତ୍ତ କରିବାକୁ ଫଳପ୍ରଦ ପ୍ରଚେଷ୍ଟା କରିଥିଲେ। ଦକ୍ଷିଣ ଆଫ୍ରିକାରେ ସେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ପ୍ରତିଷ୍ଠା କରିଥିବା ବିଦ୍ୟାଳୟରେ ଇଂରାଜୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କାରଣ ସେ ବୁଝିଥିଲେ ଭିନ୍ନ ଭିନ୍ନ ଭାଷାଭାଷୀ ଭାରତୀୟମାନଙ୍କ ମଧ୍ୟରେ ଭାବଗତ ଐକ୍ୟ ସମ୍ଭବ କରିବା ପାଇଁ ଇଂରେଜମାନଙ୍କ ଇଂରାଜୀ ଭାଷା ହିଁ ସର୍ବୋତ୍ତମ।

ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଥିବା ଶ୍ରେଷ୍ଠତମ ବୁଦ୍ଧିଜୀବୀମାନେ- ଗାନ୍ଧୀ, ତିଳକ, ଗୋଖଲେ, ସୁରେନ୍ଦ୍ରନାଥ ବାନାର୍ଜୀ, ଜବାହାରଲାଲ ନେହରୁ, ସୁଭାଷ ବୋଷ, ଶ୍ରୀଅରବିନ୍ଦ, ସରୋଜିନୀ ନାଇଡୁ, ଭଗତ୍‌ସିଂହ - ପ୍ରତ୍ୟେକ ଥିଲେ ଇଂରାଜୀ ଭାଷାରେ ଧୁରୀଣ। ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜମାନଙ୍କ ସହିତ ଯେଉଁ ଦୀର୍ଘ ସଂଗ୍ରାମ ସେମାନେ ଲଢ଼ିଥିଲେ ସେଥିରେ ସେହିମାନଙ୍କ ଭାଷାକୁ ବ୍ୟବହାର କରିଥିଲେ ମୁଖ୍ୟ ଆୟୁଧ ଭାବରେ। ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ବିଚାରଧାରା, ବୈଜ୍ଞାନିକ ଚିନ୍ତନ ଓ କ୍ରିୟାଶୀଳତା ପରି ଆଧୁନିକ ମତାଦର୍ଶ ସବୁର ଗୋଳାବାରୁଦ ସେମାନେ ସଂଗ୍ରହ କରିଥିଲେ ଇଂରାଜୀ ଭାଷାର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରମାନଙ୍କରୁ। ଏହା ନିଃସନ୍ଦେହ ଯେ ଭାରତୀୟ ଚିନ୍ତାଚେତନାରେ ଯେଉଁ ନବଜାଗରଣ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହୋଇଥିଲା, ତା'ର ସମସ୍ତ ଶ୍ରେୟ ହେଉଛି ଇଂରାଜୀ ଭାଷାର। ଆଧୁନିକତାର ନବଔଜଲ୍ୟ ଇଂରାଜୀ ଭାଷା ମାଧ୍ୟମରେ କ୍ରମଶଃ ବିଚ୍ଛୁରିତ ହୋଇଥିଲା ସମଗ୍ର ଭାରତରେ ଏବଂ ପ୍ରାଚୀନ ଭାରତର ସନାତନୀ ଜ୍ଞାନଐତିହ୍ୟ, ଧର୍ମଦର୍ଶନ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ସମଗ୍ର ବିଶ୍ୱରେ ଆପଣାର ସୌରଭ ବିକିରଣ କରିବାରେ ଯେଉଁ ସାମର୍ଥ୍ୟ ଅର୍ଜନ କଲା, ସେଥିରେ ମୁଖ୍ୟ ଭୂମିକା ନେଇଥିଲା ଏହି ଇଂରାଜୀ ଭାଷା।

ବର୍ତ୍ତମାନ ଆମ ଦେଶରେ କତିପୟ ରୂଢ଼ିବାଦୀ ଓ ରକ୍ଷଣଶୀଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଇଂରାଜୀ ଭାଷା ଔପନିବେଶିକ ମାନସିକତାର ବିଲୋପନ କ୍ଷେତ୍ରରେ ଏକମାତ୍ର ପ୍ରତିବନ୍ଧକ ବୋଲି କହି ଯେଉଁ ଅରୁଚିକର ତମ୍ବିତୋଫାନ ସୃଷ୍ଟି କରିଚାଲିଛନ୍ତି, ତାହା ପ୍ରତ୍ୟେକ ସଚେତନ ଭାରତୀୟମାନଙ୍କୁ କ୍ଷୁବ୍ଧ, ମର୍ମାହତ କରିବା ସ୍ୱାଭାବିକ। ଯେଉଁ ସମୟରେ ସମଗ୍ର ବିଶ୍ୱ ଜାଣିସାରିଲାଣି ଯେ ଏକିବଂଶ ଶତାବ୍ଦୀରେ ପ୍ରତିମୁହୂର୍ତ୍ତରେ ସଂଘଟିତ ହୋଇଚାଲିଥିବା ଜ୍ଞାନବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟା ସବୁର ନବୋନ୍ମେଷ ସହିତ ତାଳ ଦେଇ ଚାଲିବାକୁ ହେଲେ ଇଂରାଜୀ ଭାଷାରେ ପାରଙ୍ଗମତା ହେଉଛି ଅନିବାର୍ଯ୍ୟ, ସେହି ସମୟରେ ଆମେ ଯଦି ରାଷ୍ଟ୍ରପ୍ରେମ, ମାତୃଭାଷା ପ୍ରେମର ଆଳ ଦେଖାଇ ଆମର ଆଗାମୀ ବଂଶଧରଙ୍କୁ ଇଂରାଜୀ ଭାଷା ବିମୁଖ କରିବା ପାଇଁ ମସୁଧା କରିବା, ତାହା ଭୟଙ୍କର ଭାବରେ ଆତ୍ମଘାତୀ ହିଁ ହେବ।

ଏହ ପରିପ୍ରେକ୍ଷୀରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଆଫ୍ରିକୀୟ ସାହିତ୍ୟିକ - 'ଚିନୁଆ ଆଚ୍‌ବେ' ଓ 'ନୁଗି ୱା ଥିଓଙ୍ଗ'ଙ୍କ ସଂପର୍କରେ ଉଲ୍ଲେଖ କରିବା ଖୁବ୍ ପ୍ରାସଙ୍ଗିକ ହେବ ନିଶ୍ଚୟ। ଏ ଦୁଇ ତୁଙ୍ଗ ସାହିତ୍ୟିକ ଥିଲେ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ବିରୋଧୀ ଏବଂ ଆଫ୍ରିକାର ଜନଜୀବନ, ଲୋକସଂସ୍କୃତି ତଥା ଜୀବନଧାରାର ସମ୍ୟକ ପ୍ରତିଫଳନ ପାଇଁ ସେମାନଙ୍କ ସୃଜନୀ ଥିଲା ପ୍ରତିଶ୍ରୁତିବଦ୍ଧ। ମାତ୍ର ଚିନୁଆ ଆଚ୍‌ବେଙ୍କ ସାହିତ୍ୟ କୃତିର ଭାଷା ଥିଲା ଇଂରାଜୀ। ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଥିଙ୍ଗସ୍ ଫଲ୍ ଆପାର୍ଟ' ପ୍ରଥମ ଥର ପାଇଁ ବିଶ୍ୱବାସୀଙ୍କ ପାଖରେ ବାଢ଼ି ଦେଇଥିଲା ତଥାକଥିତ ଅନ୍ଧାରିମୂଳକ ଆଫ୍ରିକା ମହାଦେଶର ଜୀବନ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଏବଂ ଅନନ୍ୟତା। ସେଇ ଉପନ୍ୟାସଟି ସେ ଲେଖିଥିଲେ ଇଂରାଜୀରେ। ଅନ୍ୟପକ୍ଷରେ, କେନିୟାର ସାହିତ୍ୟିକ ଥିଓଙ୍ଗ୍ ଇଂରାଜୀ ଭାଷାରେ ନ ଲେଖି ଲେଖିଥିଲେ ମାତୃଭାଷା 'ଗିକାୟୁ'ରେ ଏବଂ ପ୍ରକାଶ୍ୟ ଭାବରେ ଇଂରାଜୀ ଭାଷାର ବିରୋଧାଚରଣ କରିଥିଲେ ସେ। କିନ୍ତୁ ଖୁବ୍‌ଶୀଘ୍ର ସେ ବୁଝିଗଲେ ଯେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ସ୍ପଷ୍ଟ ଓ ପରିଚ୍ଛନ୍ନ ଭାବରେ ଦୁନିଆକୁ ଜଣାଇ ଦେଇପାରିବେ ତାଙ୍କ ଦେଶର, ତାଙ୍କ ମାତୃଭୂମିର ସାରଐତିହ୍ୟ। ତେଣୁ ସେ ନିଜେ 'ଗିକାୟୁ' ଭାଷାରେ ଲିଖିତ ତାଙ୍କ ପୁସ୍ତକଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ।

ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ଗୋଟିଏ ହୀରକ ପେଟିକା- ଯେଉଁଥିରେ ଭରି ରହିଛି ଯୁଗଯୁଗର ଲୋକାନୁଭୂତି, ଭାବଭାବନାର ବୈଚିତ୍ର୍ୟ ଓ ଜୀବନବୋଧ। କୌଣସି ଭାଷା ତେଣୁ ହେୟ କି ପରିତ୍ୟଜ୍ୟ ନୁହେଁ। ତେବେ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନର ଏଇ କାଳଖଣ୍ଡରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଉପାଦେୟତା ସବୁଠାରୁ ଅଧିକ। ଯେଉଁମାନେ ଅସୂୟା-ଜର୍ଜରିତ ଭାବାବେଗରେ ଏହି ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଇଂରାଜୀ ଭାଷାର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରତି ଆମକୁ ସଜାଗ ରହିବାକୁ ହେବ। ନା, ଇଂରାଜୀ 'ଲଜ୍ଜା'ର ଭାଷା ନୁହେଁ, ଏହା ହେଉଛି ଆମ 'ଗର୍ବ ଓ ଗୌରବ'ର ଭାଷା। ଆମର ମାନସଲୋକ ଓ ଚିନ୍ତାକ୍ଷେତ୍ରରୁ ସମସ୍ତ ସୀମିତତା, ସଂକୀର୍ଣ୍ଣତା ଦୂର କରି ଦେଇ ନବଔଜଲ୍ୟ, ଶାଣିତ ବୁଦ୍ଧିମତ୍ତା ଭରିଦେଇଥା'ନ୍ତି ଇଂରାଜୀ ଭାଷାରେ ରଚିତ ଅନେକାନେକ ଶାସ୍ତ୍ର ଓ ପୁସ୍ତକ। ସୁତରାଂ ଆମ ମାତୃଭାଷା ପରି ଏହି ସୁନ୍ଦର, ସମୃଦ୍ଧ, ସାବଲୀଳ ଇଂରାଜୀ ଭାଷା ଆମର ନିଃସର୍ତ୍ତ ଶ୍ରଦ୍ଧା, ପ୍ରେମ ଓ ସମ୍ମାନର ହକ୍‌ଦାର ନିଶ୍ଚୟ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆମ ଶିକ୍ଷା ବ୍ୟବସ୍ଥାରେ ସୌମ୍ୟାଶ୍ରୀମାନେ

**ଡ. ବିମଳ ଷଡ଼ଙ୍ଗୀ**

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ ବର୍ଷୀୟା ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଜନୈକ ପ୍ରଫେସରଙ୍କ ଦ୍ୱାରା ଯୌନ ନିର୍ଯାତନା ଶିକାର ଅଭିଯୋଗ ଆଣିବା ପରେ ଦୀର୍ଘ ୬ ମାସ ଧରି ନ୍ୟାୟ ନ ପାଇବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇଛନ୍ତି। ଗତ ୧୪ ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଧାବୀ ଛାତ୍ରୀର ଏଭଳି ଅକାଳମୃତ୍ୟୁ ଜନିତ ହୃଦୟବିଦାରକ ଘଟଣା ଆମ ସାମାଜିକ ବ୍ୟବସ୍ଥାର ଏକ ବାସ୍ତବ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛିଦିନ ପର୍ଯ୍ୟନ୍ତ ଏହି ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବ। କେତେ ନେତା, ଆଗଧାଡ଼ିର ଜନତା ପୁଷ୍ପଗୁଚ୍ଛରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବେ ଏବଂ ଜନତାକୁ ସୁହାଇଲା ଭଳି ବାର୍ତ୍ତା ଦେବେ। କିଛିଦିନପରେ ପୁଣି ଯେଉଁକଥାକୁ ସେହିକଥା। ଏହି ଧାରା ବହୁକାଳରୁ ଚାଲିଆସିଛି ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିଥିବ ତାହା ଜଣାନାହିଁ।

ଭାରତରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏକ ଗମ୍ଭୀର ସମସ୍ୟା। ଏହାର ନିରାକରଣ ପାଇଁ ପୋସ୍କୋ ଆଇନ, କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ, ଏସସିଏସଟି ଆଇନ, ଆଣ୍ଟି ରାଗିଂ ବ୍ୟବସ୍ଥା ପ୍ରଚଳିତ ଅଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯୋଗ କମିଟି/ ପ୍ରକୋଷ୍ଠ ଗଠନ, ସିସିଟିଭି ସ୍ଥାପନ, ଶିକ୍ଷାର୍ଥୀଙ୍କୁ ପରାମର୍ଶ ଓ ସହାୟତା କମିଟି, ହେଲ୍ପଲାଇନ୍ ନମ୍ବର, ବିଶ୍ୱବିଦ୍ୟାଳୟରେ ଜଣେ ଶିକ୍ଷା ନ୍ୟାୟାଧୀଶ ନିଯୁକ୍ତି ଇତ୍ୟାଦି ଅନେକ ବ୍ୟବସ୍ଥା ମଧ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଗୁଡ଼ିକର ଆବଶ୍ୟକତାକୁ କେହି କେବେ ଗମ୍ଭୀରତାର ସହିତ ନେଇ ନଥା'ନ୍ତି। ଏପରିକି ଶିକ୍ଷାନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ସେ ବିଷୟରେ ସଚେତନ ନୁହନ୍ତି। ଯେତେବେଳେ କୌଣସି ଅଘଟଣ ଘଟିଥାଏ ସେ ସମୟରେ ସମସ୍ତଙ୍କର ଏଗୁଡ଼ିକ ବିଷୟରେ କିଛିଦିନ ପର୍ଯ୍ୟନ୍ତ ମନେପଡ଼େ।

ସୌମ୍ୟାଶ୍ରୀ ଗୋଟିଏ ମାତ୍ର ଉଦାହରଣ। କିଛିଦିନ ତଳେ ଛତିଶଗଡ଼ର ରାଜନନ୍ଦଗାଓଁରେ ଜଣେ ୧୩ ବର୍ଷୀୟା ଛାତ୍ରୀ ପାଠ ବୁଝି ନପାରି ପୁଣି ଥରେ ପଢ଼ାଇବାକୁ ସାମାଜିକ ବିଜ୍ଞାନ ଶିକ୍ଷକଙ୍କୁ ଅନୁରୋଧ କରି ପ୍ରତିବଦଳରେ ଚାପୁଡ଼ା ଖାଇ ୭୦-୮୦% ଶ୍ରବଣ ଶକ୍ତି ହରାଇଛନ୍ତି। ଗତବର୍ଷ ଏଭଳି ଘଟଣା ବହୁ ଅଧିକ ଘଟିଛି। ମଧ୍ୟପ୍ରଦେଶର ତାଲାଲୱାଲି ଚନ୍ଦାରେ ଜଣେ ୪୫ ବର୍ଷର କମ୍ପ୍ୟୁଟର ଶିକ୍ଷକ ଶ୍ରେଣୀ ମଝିରେ ଜଣେ ୧୧ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ମହାରାଷ୍ଟ୍ରର ପୁଣେରେ ଜଣେ ୪୨ ବର୍ଷୀୟ ଶିକ୍ଷକ ଜଣେ ଷ୍ଟାଣ୍ଡାର୍ଡ ୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଅବହେଳା କରିଥିବା ଅଧ୍ୟକ୍ଷ ଉଭୟଙ୍କୁ ପୋସ୍କୋ ଆଇନରେ ଗିରଫ କରାଯାଇଥିଲା। ତାମିଲନାଡୁର ତିରୁନେଲଭେଲିରେ ଏକ ସରକାରୀ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଓ ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଇଆଇଟି ରୁରକି, ଗୁଜରାଟ, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦିରେ ଏହିପରି ଅନେକ ଘଟଣା ଘଟିଥିବାର ଜଣାପଡ଼ିଛି। ସେଥିମଧ୍ୟରୁ କିଛି ନ୍ୟାୟିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ସତ୍ୟକୁ ଚାପିଦେବାର ପ୍ରୟାସ ହୋଇଛି। ୨୦୨୩ ମସିହାରେ ଜେଏନୟୁର ଛାତ୍ରମାନେ ଜଣେ ପ୍ରଫେସରଙ୍କୁ ଏକାଧିକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ନିଲମ୍ବନ କରାଯାଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୨୦୧୭ ମସିହାରେ ନିର୍ଯାତନା ଅଭିଯୋଗ ଆଣିଥିବା ଜଣେ ଝିଅକୁ ପ୍ରଶାସନ ଅଣଦେଖା କରିବାରୁ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଏଠାରେ ର୍‌ୟାଗିଂ ଜନିତ ହତ୍ୟା ଓ ଆତ୍ମହତ୍ୟା କଥା ଉଲ୍ଲେଖ କଲେ ତାଲିକା ଲମ୍ବି ଚାଲିବ।

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆମ ଭବିଷ୍ୟତଙ୍କ ପାଇଁ ନିଜର ସଚ୍ଚୋଟ ମନୋଭାବର ଅଭାବ ଏବଂ ଆମ କର୍ତ୍ତବ୍ୟରେ ଅବହେଳା ପରିଲକ୍ଷିତ। ଇତିହାସକୁ ସାକ୍ଷୀ ରଖୀ ଇଂରେଜ ଓ ମୋଗଲମାନଙ୍କୁ ମାନବିକତା ବିରୋଧୀ ବୋଲି ଆମେ ଅଭିଯୋଗ କରୁଛେ। ମାତ୍ର ଯେତେବେଳେ ଆମେ ଇତିହାସ ହୋଇଯାଇଥିବା ସେତେବେଳେ ଆଜି ଆମେ ଯେଉଁ ଅଭିଯୋଗ ଇଂରଜ ଓ ମୋଗଲମାନଙ୍କ ବିରୋଧରେ ଆଣୁଛନ୍ତି ହୁଏତ ଉତ୍ତରପିଢ଼ି ସମାନ ଅଭିଯୋଗ ଆମର ପ୍ରଚଳିତ ବ୍ୟବସ୍ଥା ଓ ଆମ ମାନସିକତା ବିରୋଧରେ ଆଣିବେ।

ନ୍ୟାୟ ଆଶାରେ ପୁଲିସ, ପ୍ରଶାସନ, ନେତା, ଅଧ୍ୟକ୍ଷ, ପିତାମାତା, ସାଙ୍ଗସାଥୀ ସମସ୍ତଙ୍କ ପାଖରେ ଗୁହାରୀ କରିଥିଲେ ସୌମ୍ୟାଶ୍ରୀ। ନେତୃତ୍ୱ ନେବାର ଯୋଗ୍ୟତା ଥିବା ଜଣେ ମେଧାବୀ ଛାତ୍ରୀର ଅକାଳ ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଏ ଦେଶର ଭବିଷ୍ୟତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁମାନେ ଦେଶର କ୍ଷତି କରନ୍ତି ସେମାନେ ଦେଶଦ୍ରୋହୀ। ଜଣାନାହିଁ ସେମାନଙ୍କୁ ଆମ ଶାସନ ବ୍ୟବସ୍ଥା କେଉଁ ପ୍ରକାରର ଦଣ୍ଡ ଦେବ। ନା ଅତୀତର ଘଟିଥିବା ଘଟଣା ଭଳି ସବୁ ଭୁଲିଯାଇ ପୁଣିଥରେ ନୂଆ ଘଟଣାକୁ ଅପେକ୍ଷା କରିବେ ସବୁ ରାଜନୈତିକ ଦଳ, ଶିକ୍ଷାବିତ, ଛାତ୍ରସଂଗଠନ, ଜନସାଧାରଣ, ଶାସନାଧୀଶ ଓ ଅନ୍ୟମାନେ। ନୂଆ ପିଢ଼ିଙ୍କୁ ସୁରକ୍ଷା କବଚ ସୁନିଶ୍ଚିତ କଲେ ଯାଇ ମିଳିବ ସୌମ୍ୟଶ୍ରୀଙ୍କୁ ପ୍ରକୃତ ନ୍ୟାୟ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସେହି ଅବିସ୍ମରଣୀୟ ଶହେରାତିର ଯାଦୁକର କାଳୀଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସମ୍ପ୍ରତି କେହି କ'ଣ ବିଶ୍ୱାସ କରିବେ ଯେ କାଳୀଚରଣ ପଟ୍ଟନାୟକଙ୍କ ରଚିତ 'ଭାତ' ନାଟକ ଦେଖିବା ସକାଶେ ଓଡ଼ିଆ ଜାତି ଓ ଓଡ଼ିଶାର ମାଟି ରହିଥିଲେ ଜାଗ୍ରତ ହୋଇ ଶହେଟି ରାତି! କି ଅଲୌକିକ ଆକର୍ଷଣ ଥିଲା ସେ ନାଟକ ଭିତରେ? କାଳୀଚରଣ ସତରେ ଥିଲେ ନାଟ୍ୟକାର ନା ଅଦ୍ଭୁତ ପ୍ରତିଭାର ଯାଦୁକର? ଏପରି ଏକ ଏକ ସତ୍ୟାବିଷ୍କାର ହିଁ ଦୋହଲାଇ ଦିଏ ପ୍ରକୃତରେ ଆମର ଛାତି।

ଅଗଣିତ ଦର୍ଶକଙ୍କ ଅଣାୟତ୍ତ ଆବେଗକୁ କେଉଁ ଶକ୍ତି ରଖିପାରୁଥିଲା ଏପରି ଅପୂର୍ବ ମମତାରେ ଆବଦ୍ଧ କରିଦେଇ? ତାହା କଳ୍ପନା କରିବା ମାତ୍ରକେ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ପ୍ରତି ଯେକୌଣସି ଦରଦୀ ମଣିଷର ଛାତି ପରିପୂର୍ଣ୍ଣ ହୋଇଉଠେ ଅସାମାନ୍ୟ ଶ୍ରଦ୍ଧା ଆଉ ସଂପ୍ରୀତିରେ। ମଣିଷ ଜୀବନର ନିରାଟ ବାସ୍ତବତାକୁ କାଳୀଚରଣ ଯେପରି ପ୍ରତ୍ୟକ୍ଷ କରିଛନ୍ତି, ଅନୁରୂପ ଭାବରେ ତାହାକୁ ଦୃଶ୍ୟାଙ୍କିତ କରିଛନ୍ତି ପ୍ରାଣର ଅସୀମ ଭାବାବେଗ ଉତ୍ସର୍ଗ କରିଦେଇ। ତାହା ହିଁ ତାଙ୍କ ନାଟକକୁ ପ୍ରଦାନ କରିପାରିଥିଲା ଚିର ଆକାଂକ୍ଷିତ ମାର୍ମିକ ସ୍ୱାଭାବିକତା। କେଉଁ ନାଟକ ବା ତାଙ୍କର ହୃଦୟସ୍ପର୍ଶୀ ନୁହେଁ! କେଉଁ ନାଟକ ପୁଣି ଆଧୁନିକ ଶୈଳ୍ପିକ ରୀତିରେ ନୁହେଁ ସୁସଜ୍ଜିତ! ସୁଶୃଙ୍ଖଳିତ! 'ଶ୍ରୀଗୀତଗୋବିନ୍ଦ',' ଆଖିରଦେଖା', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର', 'ଅଭିଯାନ', 'ରକ୍ତ ମନ୍ଦାର', 'ଗାର୍ଲ୍ସସ୍କୁଲ', 'ରକ୍ତମାଟି', 'ହୀରାଖଣ୍ଡ' ଆଦି ନାଟକ ଯେଉଁ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା ତାହାର ସାକ୍ଷ୍ୟ ହେଉଛି 'ଓଡ଼ିଶା ଥିଏଟର'। ପୌରାଣିକ, ଐତିହାସିକ, ସାମାଜିକ, ଜୀବନୀ ଆଧାରିତ ନାଟକ ରଚନା କରି ଯେପରି ଭାବରେ ଓଡ଼ିଶା ମାଟିରେ କମ୍ପନ ସୃଷ୍ଟି କରିଥିଲେ କାଳୀଚରଣ ତାହା ଅନତିକ୍ରମଣୀୟ ହୋଇ ରହି ନାହିଁ କି? ସେ ଥିଲେ ସର୍ବାଂଶରେ ନାଟ୍ୟପ୍ରାଣ। ନାଟ୍ୟାଭିନୟକୁ ପ୍ରାଣବନ୍ତ ରୂପ ଦେବା ନିମିତ୍ତ ସେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନିଃସଂକୋଚ ଚିତ୍ତରେ। କିଏ ପୁଣି କ'ଣ ଏକଥା ଚିନ୍ତା କରିପାରିବେ ଯେ ୧୯୩୯ ମସିହାରେ 'ଗାର୍ଲ୍ସସ୍କୁଲ' ନାଟକ ଅଭିନୟରେ ସର୍ବପ୍ରଥମେ ନାରୀ କଳାକାରମାନେ ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବାର ପାଇଥିଲେ ଅପୂର୍ବ ସୁଯୋଗ। ଚରିତ୍ରଗୁଡ଼ିକୁ କିପରି ପ୍ରାଣବନ୍ତ ଭାବରେ ଉପସ୍ଥାପନ କରାଗଲେ ଦର୍ଶକର ହୃଦୟ ମନ୍ଥିତ, ଚକ୍ଷୁ ଯୁଗଳ ଲୋତକାପ୍ଲୁତ, ଅନ୍ତର ମଧ୍ୟସ୍ଥ ସୂକ୍ଷ୍ମ ଅଂଶଟି ଭାବାଚ୍ଛନ୍ନ ହୋଇଯାଇପାରିବ ସୁତୀବ୍ର ଭାବରେ, ସେହି ଅନ୍ତର୍ଗତ କଳାର ଅଧିକାରୀ ଥିଲେ ସେ। ଅତୀତର ଅନ୍ଧକାର ବକ୍ଷ ଭେଦ କରି ସେ ଉଦ୍ଧାର କରିପାରିଥିଲେ ପ୍ରେରଣା ଗର୍ଭିତ ଚରିତ୍ର ସକଳ। ଓଡ଼ିଶାର ମହାନ କବି, ଲେଖକମାନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ସେ ଥିଲେ ଅଭିଭୂତ। ସେମାନଙ୍କ ପ୍ରତି ତାଙ୍କ ମନରେ ଭରି ରହିଥିଲା ଯେଉଁ ଆନ୍ତରିକ ଅନୁରକ୍ତି ତାହାର ସାର୍ଥକ ଅଭିବ୍ୟକ୍ତି ହେଉଛି 'ଜୟଦେବ', 'ସାରଳା ଦାସ' ଓ 'ଜଗନ୍ନାଥଙ୍କ ଦାସ' ଆଦି ନାଟକ। ଏହି ମହାନ କବିମାନଙ୍କ ଆତ୍ମିକ ସତ୍ତା ସତେଯେମିତି ଅବତରଣ କରିଆସି ଅଭିନେତାମାନଙ୍କ ଶରୀର ଓ ପ୍ରାଣ ମଧ୍ୟରେ ପ୍ରବେଶ କରିଛି।

'କୁମ୍ଭାରଚକ' ଆତ୍ମଜୀବନୀ ମଧ୍ୟରେ ଅନୁରଣିତ ହୋଇ ଉଠିଛି ତାଙ୍କ ସମର୍ପିତ ନାଟ୍ୟପ୍ରେମୀ ଅନ୍ତରଟି। ଓଡ଼ିଶୀ ନୃତ୍ୟ ମଧ୍ୟରେ ସେ ଆବିଷ୍କାର କରିପାରିଥିଲେ କଳାତ୍ମକ ପରିପକ୍ୱତାର ପ୍ରତିଫଳନ। ସେଥିପାଇଁ ସିଏ ପୁଣି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ବିଭୂଷିତ କରିବା ପାଇଁ ନେଇଥିଲେ ଅଗ୍ରଣୀ ଭୂମିକା।

ଖୋର୍ଦ୍ଧା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ସଙ୍ଗୀତ ଓ ନାଟକ ପ୍ରତି ସୃଷ୍ଟି ହୋଇଥିଲା ତାଙ୍କର ସୁଗଭୀର ଅନୁରାଗ। ବିଶିଷ୍ଟ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ଓସ୍ତାଦ ଖନୁ ଖାଁ, ବନୱାରୀ ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରି ତାଙ୍କ କଳାବୋଧ ପରିଗ୍ରହ କରିଥିଲା ପରିମାର୍ଜିତ ରୂପ। 'ସାକ୍ଷୀଗୋପାଳ ନାଟକ ସଂଗଠନ' କରନ୍ତି ପ୍ରଥମ ପର୍ଯ୍ୟାୟରେ ସେ। ପରବର୍ତ୍ତୀ ସମୟରେ 'ଓଡ଼ିଶା ଥିଏଟର' ରଙ୍ଗମଞ୍ଚ ନିର୍ମାଣ କରି ସେ ଆଧୁନିକ ଓଡ଼ିଶାର ମାଟି ପାଣି ପବନରେ ଭରିଦେଲେ ଅଭିନବ ଉଚ୍ଛ୍ୱାସ। କାଳୀଚରଣଙ୍କ ସାମଗ୍ରିକ ଅବଦାନର ଆକଳନ କରି ତାଙ୍କୁ 'ଓଡ଼ିଶାର ଭରତ ମୁନି' ବୋଲି ଅଭିହିତ କରାଯାଏ ଯଥାର୍ଥରେ। 'ଲଳିତା' ଓ 'ମାଟିର ମଣିଷ' ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଛନ୍ତି ଭାବ ନିମଗ୍ନ ଧ୍ୟାନରେ।

କାଳୀଚରଣ ପଟ୍ଟନାୟକ ଏକ ପ୍ରଭାବଶାଳୀ କିମ୍ବଦନ୍ତୀ। ପ୍ରତିଟି ନାଟ୍ୟପ୍ରେମୀ ଅନ୍ତରରେ ସେ ନିତ୍ୟସ୍ପନ୍ଦିତ। ସେହି ସ୍ପନ୍ଦନ ଓଡ଼ିଶାର ଜନମାନସ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ରହିଥିବ ଚିର ସଞ୍ଜୀବିତ, ଏଥିରେ ଅଣୁମାତ୍ର ସନ୍ଦେହ ଅନୁପସ୍ଥିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

ନୂଆପଡ଼ା,୧୬ ।୭ (ସମିସ): ନୂଆପଡା-ସୋହେଲା ବିଜୁ ଏକ୍ସପ୍ରେସ ୱେରେ ଦୈନିକ ଶତାଧିକ ଗାଡି ମୋଟର ଯାଆସ କରୁଥିବାବେଳେ ଦୁର୍ଘଟଣା ସଂଖ୍ୟା ବି କମ୍ ହେଉନି । ଏହି ରାସ୍ତାରେ ପ୍ରାତଃ ବା ସାନ୍ଧ୍ୟ ଭ୍ରମଣ କାଳ ହେଲାଣି । ନୂଆପଡ଼ା ଜିଲ୍ଲା ସଦର ଥାନା ଜୁନାନୀ ଗାଁର ୩ ଜଣ ବ୍ୟକ୍ତି ବିଜୁ ଏକ୍ସପ୍ରେସ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ଅଘଟଣ ଘଟିଛି । ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତ ବ୍ୟକ୍ତି ଜଣକ ହେଲେ ଜୁନାନୀ ଗାଁର ନିଲାମ୍ବର ତାଣ୍ଡି (୫୦) । ସହଦେବ ପୁଞ୍ଜି (୪୫) ଓ ନୁରଚନ୍ଦ ସରାଫ(୪୭) ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ପରେ ମୃତ ପରିବାରଙ୍କୁ କ୍ଷତିପୂଣ ଓ ଗୁରୁତରଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ପୁଲିସ ପହଞ୍ଚି ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା । ବୁଧବାର ଭୋରରେ ଜୁନାନୀ ଗାଁର ନିଲାମ୍ବର, ସହଦେବ ଓ ନୁରଚନ୍ଦ ବିଜୁ ଏକ୍ସପ୍ରେସୱେରେ ପ୍ରାତଃ ଭ୍ରମଣ କରୁଥିଲେ । ଜୁନାନୀ ଛକ ନିକଟରେ ବିଜୁ ଏକ୍ସପ୍ରେସ ରାସ୍ତାରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା । ଏଥିରେ ୩ଜଣ ଯାକ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ । ନିଲାମ୍ବରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ନୁରଚନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସହଦେବ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ତେବେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ନମ୍ବରପ୍ଲେଟ ଘଟଣା ସ୍ଥଳରୁ ମିଳିଥିବାରୁ ଏହା ପୁଲିସ ଲାଗି ତଦନ୍ତ କରିବାକୁ ସହଜ ହୋଇଛି । ଖବର ପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ, ଜିଲ୍ଲା ଆଦିବାସୀ ସଂଘ ସଭାପତି ଭାନୁପ୍ରତାପ ସିଂମାଝୀ, ଜିଲ୍ଲା ବିଜେଡି ସଂପାଦକ ସୁଧୀର ମିଶ୍ର, କଂଗ୍ରେସ ନେତା ଦେବଦତ୍ତ ଦୀକ୍ଷିତ, ହରି ମାଝୀ, ଟିଙ୍କୁ ପଣ୍ଡା, ଭକ୍ତବନ୍ଧୁ ଧରୁଆ ପହଞ୍ଚିଥିଲେ । ଥାନା ଅଧିକାରୀ ଗଙ୍ଗାଧର ବେହେରଙ୍କ ସହ ସମସ୍ତେ ଆଲୋଚନା କରିଥିଲେ, ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡି ଜବତ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ମୁଖ୍ୟ ଡାକ୍ତରଖାନାରୁ ଶବ ନିଆଯିବ ନାହିଁ ବୋଲି ଅଡ଼ି ବସିଥିଲେ । ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଦିଆଯିବା ସହ ପୁଲିସ ଗାଡି ଜବତ କରିବା ପରେ ପରିବାର ଲୋକ ଶବ ନେଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ୬୦୮ ଫୁଟ୍ ଟପିଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୬।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇବାରେ ଲାଗିଛି । ଆଜି ଜଳସ୍ତର ୬୦୮.୬୫ ଫୁଟ୍ ଥିବାବେଳେ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିବାପରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା । ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି । ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ । ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୬୫ ଫୁଟ ରହିଛି । ନଦୀବନ୍ଧର ବାମପଟ ଓ ଡାହାଣପଟର ଗୋଟିଏ ଲେଖାଏ ମୋଟ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୫,୨୬୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୭,୮୩୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୨୯୪୯୬ ଘନଫୁଟ, ପାୱାର ଚେନାଲ ଦେଇ ୩୪୩୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୭୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ବରତାର ସୀମା...

ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଥିଲେ । ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଘେରାଉ ଚାଲିଥିବା ବେଳେ କୌଣସି ବିନା ସୂଚନାରେ ବିଜେଡି କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରିଥିଲା ପୁଲିସ । ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିବାରୁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା । ଲୁହବୁହା ଗ୍ୟାସ ସେଲ୍ ମାଡ଼ରେ ଦଳର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଗୋଡ଼ ଓ ଦେହରେ ଗଭୀର ଆଘାତ ଲାଗିଛି । ସେହିପରି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି । ସେହିପରି ସାଂସଦ ସୁଲତା ଦେଓ ମଧ୍ୟ ପୁଲିସ ଆକ୍ରମଣରେ ଆହତ ହୋଇଛନ୍ତି । ସେହିପରି ଶତାଧିକ କର୍ମୀ ପାଣି ଓ ରବର ଗୁଳିମାଡ଼ରେ ଆହତ ହୋଇଛନ୍ତି । ଏହାପରେ ପୁଲିସ ଦଳର ଅନେକ ବରିଷ୍ଠ ନେତାଙ୍କ ସହ କର୍ମୀଙ୍କୁ ବଳପୂର୍ବକ ଘଟଣାସ୍ଥଳରୁ ଉଠାଇ ନେଇଛି ।

ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରା ଯାଇଛି । ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଇଥିଲା । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି । ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ । ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ଘେରାଉରେ ଦଳର ବହୁ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଯଥା ଯୁବ ଛାତ୍ର, ସଂଖ୍ୟାଲଘୁ, ଏସସି ସେଲ, ଏସଟି ସେଲ, କୃଷକ ସେଲ ଓ ଅନ୍ୟ କର୍ମକର୍ତ୍ତା ଓ ସାଧାରଣ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ ।

### ୮ ଘଣ୍ଟା ଅଟକିଲା...

ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଗଲେ । ଏହି ଘଟଣା ପାଇଁ କେବଳ କଲେଜ କର୍ତ୍ତୃପକ୍ଷ ନୁହଁ; ସଂପୂର୍ଣ୍ଣ ସରକାରୀ କଳ ଦାୟୀ । ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତିକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନ ଥିବା ପ୍ରମାଣିତ ହୋଇସାରିଛି । ଛାତ୍ରୀ ମୃତ୍ୟୁ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଏବେ ବି ବାହାରେ ବୁଲୁଛନ୍ତି । ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଆଇନ ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ । ସମସ୍ତ ଦୋଷୀଙ୍କୁ କାଠଗଡ଼ାକୁ ଟଣା ନ ଗଲେ ବାଲେଶ୍ୱର ଜିଲ୍ଲାର ଗାଁ ଠାରୁ ସହର ସବୁଠି ବିରୋଧ ତୀବ୍ର ହେବ ବୋଲି ବର୍ଷିଛନ୍ତି ବିଜେଡି ନେତା ।

ବାଲେଶ୍ୱର ସହରରେ ବିଜେଡି ନେତା ଓ କର୍ମୀମାନେ ଆଜି ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜୋରଦାର ପ୍ରତିବାଦ କରି ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ରାସ୍ତାରେ ଟାୟାର ଜାଳି ପିକେଟିଂ କରିବା ସହ ରେଳଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ । ବାଲେଶ୍ୱର ସହରର ପ୍ରବେଶ ପଥ କୁରୁଡ଼ା ଓ ଫୁଲାଡ଼ିରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ । ବନ୍ଦକୁ ସମର୍ଥନ କରି ବ୍ୟବସାୟୀମାନେ ମଧ୍ୟ ଦୋକାନବଜାର ବନ୍ଦ ରଖିଥିଲେ ।

ବାଲେଶ୍ୱରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭୋଗରାଇ ଥାନା ଛକଠାରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରାଯାଇଥିଲା । ଭୋଗରାଇ ମାଟିର ଦିବଂଗତ ଝିଅକୁ ଉଚିତ ନ୍ୟାୟ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ । ସେହିପରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିଆପାଳ ଓ ବସ୍ତା ବ୍ଲକରେ ହୋଇଥିବା ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା । ଜରୁରୀକାଳିନ ସେବାକୁ ଛାଡ଼ି ଦୋକାନବଜାର, ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ବିଜେଡି ନେତୃବର୍ଗ ବସ୍ତା, ଗାନ୍ଧିଛକ, ଦରଡ଼ା, ବାଲିଆପାଳର ସିମୁଳିଆ ବଜାର, ବାଲିଆପାଳ ବଜାର, କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ପିକେଟିଂ କରିଥିଲେ । ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଉତ୍ତରେଶ୍ୱରଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ରାଜପଥରେ ହଜାର ହଜାର ଭାରୀଯାନ ଅଟକି ରହିଥିଲା । ସୋର ଷ୍ଟେସନରେ ରେଳଧାରଣା ଉପରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଅଟକି ରହିଥିଲା ।

ସେହିପରି ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଓ ସିମୁଳିଆ ବଜାର ବନ୍ଦ ହୋଇଥିଲା । ସିମୁଳିଆ କଲେଜରେ ଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ଖଇରା ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା । ସେହିପରି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ୍ ଛକରେ ରାସ୍ତା ଅବରୋଧ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ତୀବ୍ର ବିରୋଧ କରାଯାଇଥିଲା । ଜିଲ୍ଲାର ୮ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡିର ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ ।

### ପୁଲିସର ଆକ୍ରମଣ...

ପ୍ରତିବାଦର ଅଧିକାର ଗୁରୁତର ଭାବେ ବିପଦରେ ଅଛି । ବ୍ୟବସ୍ଥାଗତ ଉଦାସୀନତାର ଶିକାର ହୋଇ ଜଣେ ୨୦ ବର୍ଷୀୟା ଛାତ୍ରୀର ମୃତ୍ୟୁ ପ୍ରତିବାଦରେ ବିଜେଡି ଲୋକସେବା ଭବନ ଘେରାଉ ଡ଼ାକରା ଦେଇଥିବାବେଳେ ପୁଲିସ ବିନା କାରଣରେ ଯେପରି ଆକ୍ରମଣ କରିଛି ତାହା ଅତ୍ୟନ୍ତ ଅମାନୁଷିକ । ବିଜେଡି ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଲୋକସେବା ଭବନ ଅଭିମୁଖେ ବାହାରିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ଆରମ୍ଭ କରିଥିଲା । ଏପରିକି ବିନା କୌଣସି କାରଣରେ ପୁଲିସ ରବର ଗୁଳି ବ୍ୟବହାର କରିଛି । ଶୋଭାଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ସରକାର ଗ୍ରହଣ କରିଥିବା କଠୋର ପଦକ୍ଷେପ ନିନ୍ଦା କରିବା ସହ ପୁଲିସ ପକ୍ଷପାତିତା ପ୍ରଦର୍ଶନ କରିଥିବା ନବୀନ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ ରବର ଗୁଳି ବ୍ୟବହାର ପରି ଅତ୍ୟଧିକ ବଳ ପ୍ରୟୋଗର କୌଣସି ଆବଶ୍ୟକତା ନ ଥିଲା । ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ପୁଲିସ ବାହିନୀକୁ ପ୍ରଦର୍ଶନକାରୀଙ୍କ ଗୋଡ ଭାଙ୍ଗିବାକୁ ନିର୍ଦ୍ଦେଶ ହେବା ସହ ଏଥିରେ ସଫଳ ହେଲେ ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଥିବା ନେଇ କ୍ୟାମେରାରେ ଧରାପଡ଼ିଥିଲା । ଆଜି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଛି । ଏପରିକି ଏଥିପାଇଁ ଅସ୍ତ୍ରୋପଚାରର ମଧ୍ୟ ଆବଶ୍ୟକ ପଡ଼ିପାରେ । ସେହିପରି ଦଳର ଅନ୍ୟଜଣେ ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପୁଲିସର ଆକ୍ରମଣ କାରଣରୁ ଆହତ ହୋଇଛନ୍ତି । ଏପରି ଆକ୍ରମଣ ପାଇଁ କାହିଁକି ନିର୍ଦ୍ଦେଶ ଦିଆଗଲା ସେନେଇ ସ୍ପଷ୍ଟୀକରଣ ଦେବାକୁ ସରକାର ବାଧ୍ୟ ବୋଲି ନବୀନ କହିଛନ୍ତି । ନ୍ୟାୟ ପାଇଁ ଲଢ଼େଇରେ ଏବଂ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ ବୋଲି ନବୀନ କହିଛନ୍ତି । ଏହାସହ ପୁଲିସ ଆକ୍ରମଣରେ ଆହତ ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

### ସଂସଦ ଘେରିବ...

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି । ଆଜି ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ ସେ କଥା ହେଇଛନ୍ତି । ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସଂପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରି ଦିଆଯାଇଛି । ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ଶାସକ ବିଜେପି ନେତାମାନେ ଏ ସମ୍ପର୍କରେ ସବୁକିଛି ଜାଣିଥିଲେ ମଧ୍ୟ ନିରବ ରହିଲେ । ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ବି ନିରବ ରହିଲେ । ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ । ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମରିନଥାନ୍ତା । ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି । ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢିଛି । ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି । ରାଜନୈତିକ ହସ୍ତକ୍ଷେପ ବଢ଼ିଛି । ପୁଲିସ ଉପରେ ଚାପ ବଢ଼ିଛି । ଏହା ବିରୋଧରେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମହିଳା କଂଗ୍ରେସ ଯିବ ବୋଲି ସେ କହିଛନ୍ତି । ସେଥିପାଇଁ ଆସନ୍ତା କାଲି ଓଡ଼ିଶାବନ୍ଦ ଡ଼ାକରା ଦିଆଯାଇଛି । ଓଡିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୋଷ, ମୁଖପାତ୍ର ଡଃ ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଆଜି ୧୨ ଘଣ୍ଟିଆ...

ଦିଆଯାଇଛି । ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ୍ଦ କରାଯାଉଛି । ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦପାଳନରୁ ବାଦ୍ ରଖାଯାଇଛି । ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି । ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି । ଏହାସହିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି । ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେରେ ପିସିସ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ଅନ୍ୟପଟେ ଗୁରୁବାର ସାରା ରାଜ୍ୟରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରୁ ରଖି ପେଟ୍ରୋଲ ପମ୍ପମାଲିକମାନେ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ଗୁରୁବାର ସକାଳେ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ । ତେବେ ଡିପୋଗୁଡିକରୁ ମଧ୍ୟ ଏହି ସମୟରେ ସେବା ପ୍ରଭାବିତ ହେବ । ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, କଂଗ୍ରେସର ଓଡ଼ିଶା ବନ୍ଦକୁ ନଜରରେ ରଖି ପେଟ୍ରୋଲ ପମ୍ପ ଡିଲରମାନେ ନିଜ ଆଡୁ ଟଙ୍କା ବନ୍ଦ ରଖିବେ । ଏଥିଯୋଗୁ ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିବ । ଅପରାହ୍ନ ୪ଟା ପରେ ପେଟ୍ରୋଲ ପମ୍ପଗୁଡିକ ଖୋଲିବା ସହ ଡିପୋରେ ତେଲ ଲୋଡିଂ କାମ ଜାରି ରହିବ । ତେବେ ଗୁରୁବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଯୋଗୁ ସାରା ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଥିବା ଶ୍ରୀ ଲାଠ୍ କହିଛନ୍ତି ।


**REQUEST FOR PROPOSAL (RFP)**

Kalinga Nagar Development Authority (KNDA), Jajpur Road invites RFP in the prescribed format from the Agencies for"SELECTION OF AGENCY FOR OPERATION AND MAINTENANCE SERVICES AT VYASA SAROVAR, VYASANAGAR, JAJPUR ON LICENSE BASIS".

The detail of the RFP is available in the district web portal i.e.www.jajpur.odisha.gov.in

CAD-1134 — Sd/-Secretary, Kalinga Nagar Development Authority, Jajpur Road, Jajpur

OIPR-13226/11/0004/2526

**OFFICE OF THE SECRETARY**
**BINODINI SCIENCE HIGHER SECONDARY SCHOOL**
AT-PADMAPUR, PO-JOGIPADU, BLOCK-GUMMA, DIST-GAJAPATI
Email: binodinisccollege@gmail.com, Mob: 8895515909

A walk-in-interview for the engagement of the guest faculty for the subject of Odia for Higher Secondary classes is on **25.07.2025** between **10 A.M to 2 P.M** in the H.S School Premises. Interested candidates having **55% marks** in PG in respective subject may attend the interview with their complete Bio-data. The candidates having B.Ed will be given weightage.
No TA/DA is admissible for attending the interview.

Sd/- Secretary

**SHREE JAGANNATH EDUCATIONAL FOUNDATION DEGREE COLLEGE**
ESTD - 1991
BARUNSING, SERGARH, BALASORE - 756060

**TENDER CALL NOTICE**

Sealed quotations are invited from the Authorised Dealers/Suppliers (Bidders having valid GST, PAN and I.T. Clearance Certificate) of any authorized electronic partner for upgrading the I.T. infrastructure of the college of **₹ 4,50,000/-** as per the guideline issued by the DHE, Odisha letter issue No. 12655 Dt. 05/03/2025 on or before **Dt. 24/07/2025 by 01:00 PM** through Regd./ Speed Post / e-mail **sjefdegreecollege1991@gmail.com** & the same will be opened on **Dt. 26/07/2025 at 11:00 AM** in the office of the college.

The authority reserves the right to cancel or reject any or all quotations without assigning any reason thereof.

Sd/- Principal cum Secretary

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-1123

ପତ୍ର ସଂଖ୍ୟା ୧୨୮୩୮/ ଭୁ.ଉ.କ., ଭୁବନେଶ୍ୱର — **ସୂଚନା** — ତା. ୦୭.୦୭.୨୦୨୫ରିଖ
SRB-319/88

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ.- S-2-144କୁ ଶ୍ରୀମତୀ ମିନତୀ ପ୍ରଧାନ, ସ୍ୱାମୀ- ସାଧୁ ଚରଣ ପ୍ରଧାନ, ଗ୍ରାମ/ପୋଷ୍ଟ- ହଜ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ମିନତୀ ପ୍ରଧାନ ଗତ ତା.୨୮.୦୧.୨୦୨୪ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No. 3240/2024 dated 11.03.2024)

Legal heir certificate No. E-LHC/2025-20704 dated 21.03.2025 ଅନୁଯାୟୀ ମିନତୀ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ସାଧୁ ଚରଣ ପ୍ରଧାନ (ସ୍ୱାମୀ) ଓ (୨) ଦୀପକ କୁମାର ପ୍ରଧାନ (ପୁତ୍ର) ଅଟନ୍ତି । ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0332/2526

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଭୁବନେଶ୍ୱର ଶାଖା /** **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ,** ପିତା: ଗଣେଶ ଚନ୍ଦ୍ର ବିଶ୍ୱାଳ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ, ଉଭୟଙ୍କ **ଠିକଣା-** ସା: ନାନକାର ଉପରସାହି, ପୋ: ଜଗତପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୧ | **ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୪୧୦୬, ପ୍ଲଟ୍ ନଂ.: ୧୯୬୮/୫୨୫୯, କ୍ଷେତ୍ର: ଏକର ୦.୦୮ଡିସିମିଲି, ମୌଜା: ନିମପୁର, ଥାନା: ଟାଙ୍ଗୀ ଏବଂ ନଂ.: ୭୧, ତହସିଲ: ଟାଙ୍ଗୀ-ଚୌଦ୍ୱାର ଏବଂ ନଂ.: ୧୬୭, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଶରତ ଚନ୍ଦ୍ର ସାହୁ, ଦକ୍ଷିଣ: ମୁରଲୀଧର ପଣ୍ଡା ଏବଂ ଯୋଗେନ୍ଦ୍ର ପରିଡା | ତା.୩୦.୦୪.୨୦୨୫ରିଖ ସୁଦ୍ଧା ଟ.୧,୦୧,୨୫,୨୮୨.୬୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୩୦.୦୪.୨୦୨୫ / ୧୧.୦୭.୨୦୨୫ |
| **ବାଲେଶ୍ୱର ଶାଖା /** ୧) (ଏଚ୍‌ଏସ୍‌ଜି ନିମନ୍ତେ)**ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀ / **ସହ-ଋଣଗ୍ରହୀତା: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, ଉଭୟଙ୍କ **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬, ୨) **(କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ଏସ୍ ପି ଇଲେକ୍ଟ୍ରିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬ | **ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁରୁଣା, ଥାନା: ସିମୁଳିଆ, ଥାନା: ନଂ.: ୧୩୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ଖାତା ନଂ.: ୬୬୦/୨୯୩, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୫୭୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ପଶ୍ଚିମ: ନିତ୍ୟାନନ୍ଦ ପତ୍ରୀଙ୍କ ପ୍ଲଟ୍, ଉତ୍ତର: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା | ତା.୨୪.୦୪.୨୦୨୫ରିଖ ସୁଦ୍ଧା ଟ.୨୫,୨୭,୬୯୩.୬୧ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୨୫ / ୧୧.୦୭.୨୦୨୫ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୭.୦୭.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**
By virtue of my Affidavit Name of my self is changed from Pradhan Uprendranath to Upendranath Pradhan, S/o- Gayadhar Pradhan, At/Post- Pikarali, PS- Patkura, Dist-Kendrapara. Who Hence be called Upendranath Pradhan.

**AFFIDAVIT**
By virtue of an affidavit sworn before the Executive Magistrate, Rairakhol, dated 15.07.2025, I, Beauty Bagh D/o- Subash Bagh, At-Harijanpada, Rairakhol, P.O./P.S. - Rairakhol, Dist-Sambalpur, Odisha, Pin-768106 declare that I have changed my name from Rupeli Bagh to Beauty Bagh. Henceforth, I shall be known as **Beauty Bagh** for all purposes.

**AFFIDAVIT**
I, Saraswati Malik, aged about 62 years, W/o-Kumuda Chandra Mallik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN-756130, Odisha declared by this affidavit Cf No. 3755, dtd- 15/07/2025 that now onwards I shall be known as **SARASWATI MALLIK** for all future purposes.

**AFFIDAVIT**
I, Kumuda Chandra Malik, aged about 63 years, S/o-Gayadhar Malik, resident of Vill- Birabarpur, Po-Balichaturi, PS- Tihidi, Dist- Bhadrak, PIN-756130, Odisha declared by this affidavit No. 3899, dtd- 23/05/2025 that now onwards I shall be known as **KUMUDA CHANDRA MALLIK** for all future purposes.

**AFFIDAVIT**
I, Dipti Mallik, aged about 37 years, W/o- Bidyut Kumar Mallik, resident of Kapumal, Ward No. 09, PO- Industrial Estate, Ps/Dist- Jharsuguda, PIN- 768203, Odisha declared by this affidavit Cf No. 3754, dtd-15/07/2025 that now onwards I shall be known as **DIPTI DAS** for all future purposes.

**AFFIDAVIT**
I, Shkh Abdul Rahman, aged about 62 years, S/o-Aloddin, resident of At-Rahamat Nagar, PO-Brahma Barada, Ps-Brahma Barada, Dist-Jajpur, PIN- 755005, Odisha declared by this affidavit No. 1392, dtd-16/07/2025 that now onwards I shall be known as **SHKH ABDUL REHMAN** for all future purposes.

**AFFIDAVIT**
I, Sekh Monazir, aged about 34 years, S/o- Shkh Abdul Rehman, resident of At- Rahamat Nagar, PO- Brahma Barada, Ps-Brahma Barada, Dist-Jajpur, PIN- 755005, Odisha declared by this affidavit No. 1391, dtd-16/07/2025 that now onwards I shall be known as **SEKH MONAJIR** for all future purposes.

**AFFIDAVIT**
I, Priyattama Sahoo, aged about 48 years, W/o-Prakash Chandra Sahoo, resident of Plot No-2154, Saptasati Nagar, Satyavihar, Pandara, Po-Mancheswar Railway Colony, Bhubaneswar, Dist- Khurda, PIN- 751017, Odisha declared by this affidavit No-530, dtd- 26/06/2025 that now onwards I shall be known as **PRIYATAMA SAHOO** for all future purposes.

**AFFIDAVIT**
I, Narayanasinthi Badri Narayana Choudhury, aged about 38 years, S/o-N Dinabandhu Choudhury, resident of At/Po/Ps-Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYANA CHOUDHURY** for all future purposes.

**AFFIDAVIT**
I, Ruparaj Chowdhury, aged about 67 years, S/o-Brajaraj Chowdhury, resident of At- Sekhbazar, PO- Tulasipur, Ps-Lalbag, Dist- Cuttack, PIN- 753008, Odisha declared by this affidavit No. 1393, dtd-16/07/2025 that now onwards I shall be known as **RUPRAJ CHOWDHURY** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-M-KUR-WR-YARD-305-2025
**କାର୍ଯ୍ୟର ନାମ :** ଦୁଇ ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ୟାର୍ଡ଼ ଠାରେ ୱ୍ୟାଗନ୍ ମରାମତି କାର୍ଯ୍ୟକଳାପ ।
**ବିଜ୍ଞାପିତ ମୂଲ୍ୟ :** ₹ 2,18,12,690.86, EMD : ₹ 2,59,100/-.
(2) ଟେଣ୍ଡର ସଂ. eT-M-BOB-SPL-PRDP-306-25
**କାର୍ଯ୍ୟର ନାମ :** ଏକ ବର୍ଷର ସମୟାବଧି ନିମନ୍ତେ ROH ଡିପୋ ପାରାଦୀପ ଠାରେ BOBRN ୱ୍ୟାଗନଗୁଡ଼ିକର ବିଶେଷ ବଡ଼ି ମରାମତି କାର୍ଯ୍ୟ (ମାନବଶକ୍ତି, ମେସିନାରୀ ଏବଂ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ) ।
**ବିଜ୍ଞାପିତ ମୂଲ୍ୟ :** ₹ 5,96,33,332.92, EMD : ₹ 4,48,200/-.
ଶେଷ ହେବା ଅବଧି: 24 ମାସ (କ୍ରମ ସଂ. 1 ପାଇଁ) ଏବଂ 12 ମାସ (କ୍ରମ ସଂ. 2 ପାଇଁ) ।
ବିଡ୍ ଆରମ୍ଭ ହେବା ତାରିଖ : ତା. 18.07.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା. 17.07.2025ରିଖ (କ୍ରମ ସଂ. 2 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2025ରିଖ 1530 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା.31.07.2025ରିଖ 1530 ଘଟିକାରେ (କ୍ରମ ସଂ. 2 ପାଇଁ) ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ଼
PR-362/Q/25-26

# ସୁରଜ ନାଗ ଶ୍ରମିକରୁ ଏବେ ଯୁକ୍ତ ଦୁଇ ଛାତ୍ର

**ଭବାନୀପାଟଣା, ୧୬।୭ (ସମିସ)**

ଦାଦନ ଶ୍ରମିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତା’ ଉଚ୍ଚଶିକ୍ଷା ପାଇଁ ବାଟ ଫିଟିଛି। ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ସହଯୋଗରେ ସୁରଜ ନାଗ ଶ୍ରମିକରୁ ଏବେ ଯୁକ୍ତ ଦୁଇ ଛାତ୍ରର ପରିଚୟ ପାଇଛି। ଲାଞ୍ଜିଗଡ଼ ବ୍ଲକ ବନ୍ଧପାରୀ ପଞ୍ଚାୟତ ଟିମନଭାଡ଼ି ଗାଁରେ ତା ଘର। ବର୍ତ୍ତମାନ ସେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ର।

ଏକଦା ପରିବାରର ଦାରିଦ୍ର୍ୟତା, ଅଭାବ ଓ ଅନାଟନକୁ ସାମ୍ନା କରି ଆସୁଥିବାବେଳେ ଜଣେ ମେଧାବୀ ଛାତ୍ରର ସବୁ ସ୍ୱପ୍ନ ଭାଙ୍ଗିଯାଉଥିଲା। ଅନ୍ଧାର ଆକାଶ ଯେମିତି ତା ଭାଗ୍ୟକୁ ଲୁଚାଇ ଦେଉଥିଲା। ପାଠୁଆ ପୁଅ ସୁରଜ କିନ୍ତୁ ହାର ମାନି ନ ଥିଲା। ପାଠ ପଢ଼ିବାର ମନର ଜିଜ୍ଞାସା ଅସ୍ତବ୍ୟସ୍ତ କରୁଥିଲା। କେରଳରେ ଜଣେ ଶ୍ରମିକ ରୂପେ କାର୍ଯ୍ୟ କରି ପରିବାର ପୋଷଣ ବୋଝକୁ ସୁରଜ ମୁଣ୍ଡାଇ ସାରିଥିଲା। ତେବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସବୁ କଥା ଜାଣିବା ପରେ ସୁରଜର ଉଚ୍ଚ ଶିକ୍ଷା ଦାୟିତ୍ୱ ନେଇଥିଲେ। ଚଳିତ ବର୍ଷ ସେ ଦଶମ ପରୀକ୍ଷାରେ ସେ ଏ-୨ ଗ୍ରେଡ (୪୯୮ ନମ୍ବର)ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସଫଳତାକୁ ନେଇ ନିଜ ପରିବାର ଓ ଗାଁ ଲୋକ ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ବେଶ୍ ଖୁସି ହୋଇଥିଲେ। ଏହି ସଫଳତା ପାଇଁ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ



ସୁରଜ୍ ଓ ଆଉ ୨ ଜଣ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା; ହେଲେ ସୁରଜ୍ ସାମିଲ ହୋଇପାରି ନ ଥିଲେ। ପରିବାରର ଦାରିଦ୍ରତା ସ୍ଥିତି ପ୍ରତିବନ୍ଧକ ସାଜିଥିଲା। ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ କଲେଜରେ ନାମ ଲେଖାଇ ପାଠ ପଢ଼ିବାର ସ୍ୱପ୍ନ ଓ ଆଶାକୁ ପଛରେ ପକାଇ ଅର୍ଥ ଉପାର୍ଜନ ପାଇଁ ସେ କେରଳ ଚାଲିଯାଇଥିଲା। ପାଠ ପଢ଼ାରେ ଡୋରି ପକାଇ ଶ୍ରମିକ ଜୀବନ ବିତାଇବାକୁ ଉଚିତ ମନେ କରିଥିଲା। ତାଙ୍କ ପାଠପଢ଼ାରେ ଡୋରି, ପରିବାର ପାଇଁ କେରଳରେ ଦାଦନ

**ଉଚ୍ଚଶିକ୍ଷା ପାଇଁ ବାଟ ଫିଟାଇଲେ ଜିଲ୍ଲାପାଳ**

**ଦାଦନ ଶ୍ରମିକରେ ପଡ଼ିଲା ପୂର୍ଣ୍ଣଚ୍ଛେଦ**

ଖଟିବା ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା। ସଙ୍ଗେ ସଙ୍ଗେ ଏହାର ତଦନ୍ତ କରି ସୁରଜକୁ କେରଳରୁ ଆଣି ତା’ ପାଠପଢ଼ା ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦାରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହଯୋଗରେ କେରଳରୁ ସୁରଜ୍‌ଙ୍କୁ କଳାହାଣ୍ଡି ଅଣାଯାଇଥିଲା। ସୁରଜ ଫେରିବା ପରେ ଜିଲ୍ଲାପାଳଙ୍କୁ ଭେଟି ନିଜର ସବୁ ଦୁଃଖ ଜଣାଇଥିଲା। ପରିବାରର ଆର୍ଥିକ ସମ୍ବଳ ନ ଥିବାରୁ କଲେଜରେ ପାଠ ପଢ଼ିବା ତା ପାଇଁ ସମ୍ଭବ ନୁହେଁ ବୋଲି ସେ ଜିଲ୍ଲାପାଳଙ୍କୁ ଜଣାଇଥିଲା। ଜିଲ୍ଲାପାଳ ଏହାର ବିଚାର କରି ତୁରନ୍ତ କଲେଜରେ ସୁରଜର ପାଠପଢ଼ା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ବ୍ୟବସ୍ଥା କରିଥିଲେ। ଏ ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫୬, ୭୨୦ ଟଙ୍କା ମଞ୍ଜୁର କରିଥିଲେ। ଏହା ସହ ପାଠପଢ଼ା ପାଇଁ ଆବଶ୍ୟକ ପାଠ୍ୟ ପୁସ୍ତକ ମଧ୍ୟ ତାକୁ ପ୍ରଦାନ କରିଥିଲେ। ସୁରଜ୍ ବର୍ତ୍ତମାନ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଯୁକ୍ତ ଦୁଇ କଳାର ପ୍ରଥମ ବର୍ଷ ଛାତ୍ର ଭାବେ ନାମ ଲେଖାଇଛି। ସେ ହଷ୍ଟେଲରେ ରହିବା ଲାଗି ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିଛି। ପ୍ରଶାସନ ତରଫରୁ କଲେଜରେ ପାଠ ପଢ଼ିବାର ସୁଯୋଗ ମିଳିଥିବାରୁ ସୁରଜ ଜିଲ୍ଲାପାଳଙ୍କୁ ପ୍ରଶଂସା କରିଛି। ଛଳ ଛଳ ଆଖିରେ ସୁରଜ କହିଛି ଯେ, ତା’ ପରି ଜଣେ ଅତି ଗରିବ ଘର ପିଲାର ଭବିଷ୍ୟତ ନିର୍ମାଣ ପାଇଁ ଜିଲ୍ଲାପାଳ ସହଯୋଗ କରିଥିବାରୁ ସେ ତାଙ୍କ ପାଖରେ ଚିର ଋଣୀ।

# ପ୍ରଶାସନର ହସ୍ତକ୍ଷେପରେ ହଟିଲା ଜବରଦଖଲ



**କୋକସରା, ୧୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ମା’ ଠାକୁରାଣୀ ମନ୍ଦିର ଦେଇ ଯାଇଥିବା ଗ୍ରାମ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହୋଇଛି। ଏହି ରାସ୍ତାର ଶେଷ ମୁଣ୍ଡର କିଛି ଜାଗାକୁ ଗ୍ରାମର ଜଣେ ବ୍ୟକ୍ତି କବ୍ଜା କରି ରହିଥିଲେ। ଏ ନେଇ ଅଭିଯୋଗ ପରେ ବୁଧବାର କୋକସରା ତହସିଲଦାରଙ୍କ ଉପସ୍ଥିତିରେ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ରାସ୍ତାର ଶେଷ ମୁଣ୍ଡ କିଛି ଜାଗାକୁ ବର୍ଷ ବର୍ଷ ଧରି ନିଜ ଅକ୍ତିଆରେ ରଖି ଜାଲି (ନେଟ୍) ବାନ୍ଧି ଅବରୋଧ କରିଥିଲେ। ଏହା ଫଳରେ ଉକ୍ତ ବସ୍ତିର ଲୋକେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ସାହି ବାସୀନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଚକ୍ରଧର ବେଶ୍ରା ଦିର୍ଘ ଦିନ ହେଲା କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରି ଆସୁଥିଲେ। ଶେଷରେ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଉପସ୍ଥିତିରେ ଆମପାଣି ଥାନା ଅଧିକାରୀ ଜେ.ପି ହୋତା, ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ଭୋଇ ପହଞ୍ଚିଥିଲେ। ସମସ୍ତଙ୍କ ଉପସ୍ଥିତିରେ ମାପଚୁପ କରାଯାଇ ଜାଗା ଚିହ୍ନଟ କରାଯାଇଥିଲା। ଏହାପରେ ରାସ୍ତାରେ ଟାଙ୍ଗିଥିବା ନେଟ୍‌କୁ ହଟାଇ ଦିଆଯାଇଛି। ରାସ୍ତା ଅବରୋଧ ନ କରିବା ଏବଂ ଏହି ରାସ୍ତାରେ ଚାଲିବା ପାଇଁ କାହାକୁ ମନା ନ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚେତାବନୀ ଦିଆଯାଇଛି।

### ଚାକିରି ଆଶା ଦେଖାଇ ନିର୍ଯାତନା ଅଭିଯୋଗ

# ବ୍ଲକ୍ ଉପାଧ୍ୟକ୍ଷଙ୍କ ଉଦ୍ୟମରେ ରାଜସ୍ଥାନରୁ ଯୁବତୀ ଉଦ୍ଧାର

**କୋକସରା, ୧୬।୭ (ସମିସ):** ସାମାଜିକ ଗଣମାଧ୍ୟମ ଜରିଆରେ ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ଆଶା ଦେଖାଇ ଠକମାନେ ବିଜ୍ଞାପନ ଜାଲ ବିଛାଇ ଆସୁଛନ୍ତି। ତେବେ ଅନେକ ସଚେତନତା ସତ୍ତ୍ୱେ ଚାକିରି ଆଶାୟୀ ଥିବା ଅନେକ ଯୁବପିଢ଼ି ଏହି ଠକମାନଙ୍କ ଠାରୁ ବର୍ତ୍ତିପାରି ପାରୁନାହାନ୍ତି। ବିଭିନ୍ନ ସମୟରେ ଠକାମିର ଶିକାର ହେଉଛନ୍ତି। ଏମିତି କି ଅପହରଣ ଭଳି ଖବର ମଧ୍ୟ ସାମ୍ନାକୁ ଆସୁଛି। କୋକସରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଏଭଳି ଘଟିଛି। ସାମାଜିକ ଗଣମାଧ୍ୟମରେ ଯୁବତୀ ଜଣକ ବିଜ୍ଞାପନ ଦେଖି ଯୋଗାଯୋଗ କରିଥିଲେ। ପରେ ଚାକିରି ପାଇଁ ଘର ଛାଡ଼ି ରାଜସ୍ଥାନ ସହରକୁ ଯାଇ ନିର୍ଯାତନାର ଶିକାର ହୋଇଛନ୍ତି। ନିର୍ଯାତିତା ଯୁବତୀ ଜଣକ କୋକସରା ଥାନା ଲଡୁଗାଁ ଅଞ୍ଚଳର ଜଣେ ୧୮ ବର୍ଷର ଯୁବତୀ। ତାଙ୍କୁ ଆଶା ଦେଖାଇଥିବା ଯୁବକ ଜଣକ ନିର୍ଯାତନା ଦେଉଥିବା ତାଙ୍କ ମା’ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ଜଣାଇଥିଲେ। ଶ୍ରୀ ଅଗ୍ରୱାଲ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଏହା ଜଣାଇଥିଲେ। ଏହାପରେ ଜିଲ୍ଲା ପୁଲିସ ସେଠାକାର ପୁଲିସ ସହ ଯୋଗାଯୋଗ କରିଥଲା। ଶ୍ରୀ



ଅଗ୍ରୱାଲ ମଧ୍ୟ ଘଟଣାକୁ ଗୁରୁତ୍ୱ ନେଇ ରବିନାରାୟଣ ଦାସଙ୍କ ସହ ରାଜସ୍ଥାନ ଅଭିମୁଖେ ବାହାରିଥିଲେ। ସେଠାକାର ଉଦୟପୁର ଥାନା ପ୍ରତାପ ନଗର ଫାଣ୍ଡି ପୁଲିସ ଯୁବତୀଙ୍କୁ ଶ୍ରୀ ଅଗ୍ରୱାଲଙ୍କ ଜିମା ଦେଇଛି। ଶ୍ରୀ ଅଗ୍ରୱାଲ ଓ ତାଙ୍କ ସହ ଯାଇଥିବା ବ୍ୟକ୍ତ ଜଣକ ଯୁବତୀଙ୍କୁ ଧରି ଫେରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଯୁବକଙ୍କୁ ମଧ୍ୟ ସେଠାକାର ପୁଲିସ ଗିରଫ କରିଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

**ସିନାପାଲି, ୧୬।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ଅଭିଯୋଗରେ ସିନାପାଲି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଯୁବକ ଜଣକ ବଲାଙ୍ଗୀର ଜିଲ୍ଲା ସିନ୍ଦେଧକେଲା ଥାନା କୁର୍ସୁଡ ଗ୍ରାମର ରାଜ ନାରାୟଣ ନାଏକ (୨୦)। ସମ୍ପୃକ୍ତ ଯୁବକ ଜଣକ ଯୁବତୀଙ୍କ ନାମରେ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ଏକ ଫେକ୍ ଆଇଡି ଖୋଲି ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ପୋଷ୍ଟ କରିଥିଲା। ଏନେଇ ଯୁବତୀ ତଥା ତାଙ୍କ ପରିବାର ଅବଗତ ହେବା ପରେ ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ସିନାପାଲି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏଏସଆଇ ପ୍ରଭାକର ନାୟକଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ସମ୍ପୃକ୍ତ ଯୁବକଙ୍କୁ ବରପାଲିରୁ ଗିରଫ କରାଯାଇଛି।

## ବାପା, ମା’ଙ୍କ ମୃତ୍ୟୁ ପରେ ଯୁବତୀ ଅସହାୟ

**କୋମନା, ୧୬।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମର ଜଣେ ଯୁବତୀଙ୍କ ମା, ବାପାଙ୍କ ମୃତ୍ୟୁ ପରେ ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋ ପଡ଼ିଛି। ସେ ଏବେ ଘରଛାଡ଼ି



ବାହାରେ ବହୁ କଷ୍ଟରେ ରହୁଛନ୍ତି। ହିମାଦରି ନାଗ (୩୨) ନାମ୍ନୀ ଏହି ମହିଳା ଜଣକ ଏବେ ଅସହାୟ ହୋଇ ପଡ଼ିଛନ୍ତି। ୬ ମାସ ପୂର୍ବେ ଯୁବତୀଙ୍କ ମାଙ୍କ ମୃତ୍ୟୁ ଘଟିଛି। ୫ ବର୍ଷ ପୂର୍ବେ ବାପା ଆର ପାରିକୁ ଚାଲି ଯାଇଛନ୍ତି। ମା ବଞ୍ଚିଥିବା ବେଳେ ଦୁହେଁ ମିଶି ଗୋଟିଏ ସ୍ଥାନରେ ଗାଁରେ ରହୁଥିଲେ; ହେଲେ ମା’ ଆରପାରିକୁ ଯିବା ପରେ ସେ ଏକୁଟିଆ ହୋଇ ଯାଇଛନ୍ତି। ମାନସିକ ଭାରସାମ୍ୟ ହରାଇଛନ୍ତି। ବର୍ତ୍ତମାନ ସେ ଉଦ୍ୟାନବନ୍ଧରେ ରହୁଛନ୍ତି। ଯିଏ ଯାହା ଦେଲା ଖାଉଛନ୍ତି। ଖାଇବା ପିଇବା ଅଭାବରୁ ଦୁର୍ବଳ ହୋଇପଡ଼ିଛନ୍ତି।

## ନୂଆ ରୂପ ନେବ କେସିଙ୍ଗା ପ୍ରାଥମିକ ବିଦ୍ୟାଳୟ

**କେସିଙ୍ଗା, ୧୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ୧୯୦୯ରେ ପ୍ରତିଷ୍ଠିତ ପ୍ରଥମ ପ୍ରାଥମିକ ବିଦ୍ୟାଳୟ ନୂଆ ରୂପ ପାଇବ। ଏଥିଲାଗି ୭୪ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହି ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥା ନେଇ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି। ଶେଷରେ ବିଦ୍ୟାଳୟ ପାଇଁ ଏହି ଅନୁଦାନ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୪୨ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ୫ଟି ଶ୍ରେଣୀ ଲାଗି ମାତ୍ର ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି।

## ରାଜ୍ୟସ୍ତରୀୟ ଖାଦ୍ୟ ମେଳାରେ ଭାଗ ନେବେ ୩ ମହିଳା





**ଲାଞ୍ଜିଗଡ଼, ୧୬।୭ (ସମିସ):** ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ଜିଲ୍ଲାସ୍ତରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୩ଜଣ ଲେଖାଏଁ ମହିଳା ପ୍ରତିଯୋଗୀ ଭାଗ ନେବେ। ଏଥିରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ମେଳାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ମା ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ବିଦ୍ୟୁଲତା ନାୟକ, ସୌଦାମିନୀ ଦାସ ଓ ସରସ୍ୱତୀ ଦଣ୍ଡସେନା ପ୍ରତିନିଧିତ୍ୱ କରିବେ। ବିଦ୍ୟୁଲତା, ସୌଦାମିନୀ ଓ ସରସ୍ୱତୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ନିଜର ରୋଷେଇ କଳା ଓ କୌଶଳ ପ୍ରଦର୍ଶନ କରିବେ।

# ଛାତ୍ରଛାତ୍ରୀ, ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ପ୍ରଶାସନର ଗୁରୁତ୍ୱ

**ଭବାନିପାଟଣା, ୧୬।୭ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଜିଲ୍ଲାର ସବୁ କଲେଜ, ହାଇସ୍କୁଲ, ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଛାତ୍ରଛାତ୍ରୀ, ମହିଳା କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିକୁ ଗୁରୁତ୍ୱ ଦିଆଯିବ। ବିଶେଷ କରି ଝିଅମାନଙ୍କ ପାଠପଢ଼ା, ସୁରକ୍ଷାକୁ ଆଖି ଆଗରେ ରଖି ପ୍ରଶାସନ ତତ୍ପର ହୋଇଛି। ସେମାନେ ଯେପରି କୌଣସି ଶାରୀରିକ କିମ୍ବା ମାନସିକ ଚାପଗ୍ରସ୍ତ ନ ହୋଇ ଭଲରେ ପାଠ ପଢ଼ିପାରିବେ ସେଥି ପ୍ରତି ଧ୍ୟାନ ଦିଆଯିବ। ସେମାନେ ନିଜର ଭଲମନ୍ଦ କିପରି ସମ୍ପୃକ୍ତ ଅନୁଷ୍ଠାନର ଇଣ୍ଟରନାଲ୍ କମିଟିର କର୍ମକର୍ତ୍ତାଙ୍କୁ ନିର୍ଭୟରେ ଜଣାଇ ପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଏହାକୁ କଡାକଡି ଭାବରେ ପାଳନ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସମସ୍ତ ଶିକ୍ଷାନୁଷ୍ଠାନରେ ଏଥି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ। ସୋସିଆଲ ମିଡ଼ିଆ, ୱେବ୍ ମିଡ଼ିଆ ମାଧ୍ୟମରେ ଏହାର ବହୁଳ ପ୍ରସାର ପ୍ରଚାର କରିବେ। ଏଥିପାଇଁ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡା. ନିବେଦିତା ନାଥ, ରେଜିଷ୍ଟ୍ରାର ଗୁଣନିଧି ନାଏକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ପ୍ରମୁଖ ଆଲୋଚନରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ଅନିମେସ ପ୍ରଧାନ, ଭବାନୀପାଟଣା ଉପ-ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଧର୍ମଗଡ଼ ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ ତିର୍କୀ, ଅତିରିକ୍ତ ଏସପି ସୁଶାନ୍ତ ସିଂ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଶ୍ରୀକାନ୍ତ ଦଳେଇ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନର୍ଯ୍ୟାମି କହଁର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୈଳେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ୨ ଗଞ୍ଜେଇ ଚାଲାଣକାରୀ ଗିରଫ

**କେସିଙ୍ଗା, ୧୬।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରୁ କେସିଙ୍ଗା ଅବକାରୀ ବିଭାଗ ୨ ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତାମିଲନାଡୁର ମଲିକ ବାତସାହ (୨୯) ଓ ଋଷିନାଥ.ସି (୨୨)। ଏମାନଙ୍କଠାରୁ ୨୦.୬୭୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି ବୋଲି କେସିଙ୍ଗା ଅବକାରୀ ଅଧିକାରୀ ବିଶ୍ୱଜିତ୍ ଆରୁଖ ସୂଚନା ଦେଇଛନ୍ତି।



# ପୁରସ୍କାର ଜିତିଲେ ବିଦ୍ୟୁତ୍ ଉପଭୋକ୍ତା

**କେସିଙ୍ଗା, ୧୬।୭ (ସମିସ):** ଟାଟା ପାୱାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉପହାର ଦେଇ ବିଲ୍ ପୈଠ ପାଇଁ ଉତ୍ସାହିତ କରୁଛି। ଯେଉଁ ଗ୍ରାହକ ପ୍ରତି ମାସରେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରିଥାଆନ୍ତି ସେମାନଙ୍କୁ କିଛି ଟଙ୍କା ରିହାତି ମିଳୁଛି। ବର୍ତ୍ତମାନ ଏକ ଲଟେରୀ ସ୍କିମ୍ ଆରମ୍ଭ କରାଯାଇଛି। ଏଭଳି ଉପଭୋକ୍ତାଙ୍କୁ ପ୍ରୋତ୍ସାହିତ କରିବା ସହ ଅନ୍ୟ ଲୋକମାନଙ୍କୁ ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ପ୍ରବର୍ତ୍ତାଇଛି। ଖୁଲଯା ସିମସିମ୍ ସ୍କିମ ବାହାର କରି ପ୍ରତ୍ୟେକ ମାସରେ ୬ ଜଣ ଉପଭୋକ୍ତାଙ୍କୁ ପୁରସ୍କୃତ କରୁଛି। ପ୍ରଥମ ଓ ଦ୍ୱିତୀୟ ପୁରସ୍କାରରେ ମୋବାଇଲ, ତୃତୀୟ ଓ ଚତୁର୍ଥ ପୁରସ୍କାରରେ ସୋଲାର ହିଟର ଓ ପଞ୍ଚମ ଓ ଷଷ୍ଠ ପୁରସ୍କାରରେ ମଧ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଉଛି। ଏହି ସ୍କିମରେ ବୁଧବାର




ସ୍ଥାନୀୟ ବିଦ୍ୟୁତ୍ ଅଫିସ ପରିସରରେ କେତେକ ଉପଭୋକ୍ତା ପୁରସ୍କାର ଜିତିଛନ୍ତି। କେସିଙ୍ଗା ବିଜୁଳି ବିଭାଗ ଏସଡିଓ କୁମୁଦ ବେହେରାଙ୍କ ଉପସ୍ଥିତିରେ ପ୍ରଥମ ପୁରସ୍କାର ଜିତିଥିବା ବିରଞ୍ଚି ଗହିର ଓ ଭାଗୀରଥି ସାବତଙ୍କୁ ମୋବାଇଲ ମିଳିଛି। ସେହିଭଳି ଚନ୍ଦ୍ରଶେଖର ସା, ଭିକାରୀ ବାଗ, ମିନାଦେଇ ପରାଭୋଇ ଓ ବିଶେଶ୍ୱର ବାରିକ ପ୍ରମୁଖ ବିଭିନ୍ନ ଉପହାର ପାଇଛନ୍ତି। ମିତ୍ରଭାନୁ ମୋଲାନା, ଭୋଲାନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଉପରେ ଗୋରୁଗାଈଙ୍କ ଭିଡ଼ରୁ ଦୁର୍ଘଟଣା

**ବଙ୍ଗୋମୁଣ୍ଡା, ୧୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ମୁଖ୍ୟ ଆମ୍ବେଦକର ଛକ ଗାଈଗୋରୁଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। ଏହି ଛକ ଦେଇ ପ୍ରତିଦିନ ଶହ ଶହ ଯାନବାହାନ ଏବଂ ଲୋକ ଯିବା ଆସିବା କରୁଛନ୍ତି। ରାସ୍ତା ଉପରେ ଗାଈ ଗୋରୁ ସବୁ ସମୟରେ ଶୋଇ ରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ସ୍ଥାନୀୟ ଲୋକେ




ଅଭିଯୋଗ ଆଣିଛନ୍ତି। ଦିନ ରାତି ଗାଈଗୋରୁ ଦଳ ଦଳ ହୋଇ ରାସ୍ତା ଉପରେ ଛିଡ଼ା ହେବା ସହ ଶୋଇ ରହୁଛନ୍ତି ଫଳରେ ଯାତ୍ରୀମାନେ ଯାତାୟାତ ପାଇଁ ବହୁ ଅସୁବିଧାରେ ପଡୁଛନ୍ତି। ବିଶେଷ କରି ବାଇକ୍ ଓ ସ୍କୁଟି ଚାଳକଙ୍କ ଗାଈଗୋରୁ ବିପଦ ସାଜିଛନ୍ତି। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ଅନେକ ସମୟ ଗାଈଗୋରୁ ରାସ୍ତାରେ ଶୋଇ ଥିବାରୁ ରାସ୍ତାରେ ଚାଲିକି ଯିବା ମଧ୍ୟ କଷ୍ଟକର ହୁଏ। ତୁରନ୍ତ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ବ୍ୟବସ୍ଥା ନକଲେ ଅବସ୍ଥା ଆଗାମୀ ଦିନରେ ଅଧିକ ଗଭୀର ଆକାର ଧାରଣ କରିପାରେ। ଯଦି କୌଣସି ବଡ ଧରଣର ଦୁର୍ଘଟଣା ଘଟେ ସେଥିପାଇଁ ପ୍ରଶାସନ ଦାୟିରହିବ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।

# କଣ୍ଟାବାଞ୍ଜି ଷ୍ଟେସନ ରାସ୍ତାରେ ସକ୍ରିୟ ମୁଖା ପିନ୍ଧା ଡକାୟତ

### ଜିଆର୍‌ପି ଥାନାରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**କଣ୍ଟାବାଞ୍ଜି, ୧୬।୭ (ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନ ରାସ୍ତାରେ ସକ୍ରିୟ ହୋଇ ଉଠିଛନ୍ତି ମୁଖା ପିନ୍ଧା ଡକାୟତ ଦଳ। ଚାଲି ଚାଲି ଯାଉଥିବା ଯାତ୍ରୀଙ୍କ ଠାରୁ ଲୁଟି ଚମ୍ପଟ ମାରୁଛନ୍ତି ଡକାୟତ। ଅଭିଯୋଗ ପରେ ମଧ୍ୟ କଣ୍ଟାବାଞ୍ଜି ଜିଆର୍‌ପି ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ ଦେଖାଦେଇଛି। ସୂଚନା ଅନୁସାରେ ଗତ ଗତ ୫ ତାରିଖ ସକାଳ ପ୍ରାୟ ୩.୩୦ ମିନିଟ ସମୟରେ ବରଗଡ଼ ଜିଲ୍ଲାର ନିବାସୀ ବୃନ୍ଦାବନ କୋଶଳ ଇସ୍ପାତ ଟ୍ରେନରେ ଯୋଗେ ବରଗଡ଼ ଯିବାକୁ ବେହେରା ଛକ ଦେଇ କଣ୍ଟାବାଞ୍ଜି ରେଳ ଷ୍ଟେସନକୁ ଯିବା ସମୟରେ ମୁଖା ପିନ୍ଧା ଡକାୟତମାନେ ତାଙ୍କୁ ରାସ୍ତାରେ




ଅଟକାଇ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ୧୦ ହଜାର ଟଙ୍କା ଏବଂ ମୋବାଇଲ ରେ ଥିବା ୧୯୦୦ ଟଙ୍କା ଫୋନ୍ ପେରେ ଟାସ୍କକରିବା ପରେ ମୋବାଇଲ ଫୋନ ମଧ୍ୟ ନେଇ ଯାଇଥିଲେ। ଏନେଇ ଡକାୟତଙ୍କ ଲୁଟର ଶିକାର ହୋଇଥିବା ବୃନ୍ଦାବନ କୋଶଳ କଣ୍ଟାବାଞ୍ଜି ରେଳବାଇ ଜିଆର୍‌ପି ପାଖରେ ଲିଖିତ ଅଭିଯୋଗ କରିଥିଲେ। ଅମିଯୋଗ କରିବାର ଆଜିକୁ ପ୍ରାୟ ୧୦ ଦିନରୁ ଅଧିକ ହେଲା ଜିଆର୍‌ପି ପୁଲିସ ହାତ ଖାଲି। ଫୋନ୍ ପେ ମାଧ୍ୟମରେ ପଇସା ନେଇଥିବା ଚୋରକୁ ଧରିବାରେ ଅସମର୍ଥ ଥିବାରୁ ଜିଆର୍‌ପି ପୁଲିସର ତଦନ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାରମ୍ବାର କଣ୍ଟାବାଞ୍ଜି ଷ୍ଟେସନ ଅଞ୍ଚଳରେ ଡକାୟତମାନେ ତାଙ୍କ କାୟାବିସ୍ତାର କରି ଚାଲିଥିବା ବେଳେ ନିରବ ଦ୍ରଷ୍ଟା ଜିଆରପି ପୁଲିସ। ଏନେଇ ଅନେକ ଥର ଏ ଅଞ୍ଚଳ ଲୁଟ ଶିକାର ହୋଇଥିବା ଲୋକେ ଲିଖିତ ଅଭିଯୋଗ କରିଥିବା ବେଳେ ଆଜିଯାଏ ଲୁଟେରାଙ୍କୁ ଧରି ପାରିନି କଣ୍ଟାବାଞ୍ଜି ଜିଆରପି ପୁଲିସ। ଜିଆର୍‌ପି ପୁଲିସ ଡିଜି ନଜର ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

## ବିଭିନ୍ନ ସ୍କୁଲକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବ ଦିଲ୍ଲୀର ଆଇଆଇଏଫସିଏଲ

**ମନମୁଣ୍ଡା,୧୬।୭(ସମିସ):** କନ୍ଧମାଳ ବ୍ଲକର ସରକାରୀ ବିଦ୍ୟାଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଦିଲ୍ଲୀର ଆଇଆଇଏଫସିଏଲ ପଦକ୍ଷେପ ଗ୍ରହଣ କରିଛି। ଅନେକ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀ ବିଶୁଦ୍ଧ ପାନୀୟ ଜଳ ପାଇ ପାରୁ ନାହାନ୍ତି। ଅନେକ ବିଦ୍ୟାଳୟରେ ନଳକୂପ ନାହିଁ। ନଳକୂପ ଥିଲେ ପିଇବା ଉପଯୋଗୀ ପାଣି ବାହାରୁନି। ଏହାଫଳରେ ଛାତ୍ରଛାତ୍ରୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଉନ୍ନତି ମୂଳକ କାମ କରି ଆସୁଥିବା ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ (ମନମୁଣ୍ଡା ଶାଖା) ରାଜଶ୍ରୀ ମିଶ୍ର ଏନେଇ ଦିଲ୍ଲୀର ଆଇଆଇଏଫସିଏଲର ଦୃଷ୍ଟି ଆକର୍ଷଣ କରି ପ୍ରତିକାର ପାଇଁ ଅନୁରୋଧ କରିଥିଲେ। ସଂସ୍ଥାର ମ୍ୟାନେଜର ଅନିମେଶ ଏହି ଅଞ୍ଚଳର ବିଦ୍ୟାଳୟ ପରିଦର୍ଶନ ପାଇଁ ଆସିଥିଲେ। ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ଶିକ୍ଷାବିତ ସୁଶାନ୍ତ ରଥ ଉପସ୍ଥିତ ଥିଲେ। ମନମୁଣ୍ଡା, ଶୁଣ୍ଡିପଦର, କୁଣ୍ଡିପଦର, ବାର୍ଡୋଲ, ଖଇରମାଳ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ଼ାଙ୍ଗମୁଣ୍ଡା ପ୍ରାଥମିକ ବିଦ୍ୟାଳୟ, ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଇତ୍ୟାଦି ଅନେକ ସ୍କୁଲ ପରିଦର୍ଶନ କରିଥିଲେ। ସ୍ୱାଗତିକା ମିଶ୍ର, ଭାଗିରଥି କର୍ମୀ, ନୀଳାମ୍ବର ଖମାରୀ, ସତ୍ୟନାରାୟଣ ମଲ୍ଲିକ, ରବିଚନ୍ଦ୍ର ପ୍ରଧାନ, ପୁରୁଷୋତ୍ତମ ମହଲା, ନମିତା ନାଏକ, ସମ୍ବିତ କୁମାର ମିଶ୍ର ପମୁଖ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶ୍ରୀ ଅନିମେଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

### ମରଣଯନ୍ତା ପାଲଟିଛି ଶିମିଳିକଟା ରାସ୍ତା

# ବର୍ଷାଦିନେ ଲୋକଙ୍କ ସମସ୍ୟା ବଢୁଛି

**ଶଗଡ଼ା,୧୬।୭(ସମିସ)**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଦପଲା ପଞ୍ଚାୟତ ଦପଲା ବରଗୋଚ୍ଛା ରାସ୍ତାରୁ ଶିମିଳିକଟା ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇ ।ଉଛି। ଏଣୁ ଅନେକ ଲୋକ ଯାତାୟାତ ସମୟରେ ପଡ଼ି ଆହତ ହେଉଛନ୍ତି। ଗ୍ରାମର ଶହ ଶହ ଲୋକଙ୍କ ସହ ଛାତ୍ରଛାତ୍ରୀ ଏହି କାଦୁଅ ଭର୍ତ୍ତି ରାସ୍ତାରେ ଯାତାୟାତ କରିଥାନ୍ତି। ରାସ୍ତାରେ ଯିବା ସମୟରେ ଅନେକ ଗାଡ଼ି ଭାଙ୍ଗିବା ସହ ଅନେକ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି। ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡେ। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ଆସି ପାରେନାହିଁ। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ। ବର୍ଷା ଦିନ ହେଲେ ଏହି ରାସ୍ତାରେ ଚାରିଚକିଆ ଯାନ ତ ଦୂରର କଥା ଚାଲି ଚାଲି ଯିବା ମଧ ବହୁତ କଷ୍ଟକର ହୋଇ ପଡୁଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ଦୀର୍ଘ ୧୫ ବର୍ଷରୁ ଅଧିକ ହେଲା କାମ ହୋଇନି। ଏଣୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡଛି। ଲୋକଙ୍କ ପାଇଁ ଏବେ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଅତି ଜରୁରୀ ନ ହେଲେ ଲୋକେ ଏହି ରାସ୍ତାରେ ଯାତାୟାତ ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏହି ରାସ୍ତାକୁ ଖୁବ୍ ଶୀଘ୍ର ନିର୍ମାଣ କରିବା ପାଇଁ ବିକାଶ ରାଉତ, ପୁରନ୍ଦର ମଲ୍ଲିକ, ହରିବୋଲ କର୍ଣ୍ଣ, ଶୁକଦେବ ଭୋଇ, ଭାଗିରଥି ରାଉତ, ସର୍ବେଶ୍ୱର ଥପା, ବାଲା ରାଉତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।



**୧୦ ବର୍ଷ ହେଲା ହୋଇନି ମରାମତି**

## ବାଉଁଶୁଣି ଛକରେ ଜବରଦଖଲ ଉଚ୍ଛେଦ




**ବିନିକା,୧୬।୭(ସମିସ):** ବିନିକା ବ୍ଲକ ବାଉଁଶୁଣି ଛକଠାରେ ତହସିଲ ପ୍ରଶାସନ ପକ୍ଷରୁ ଆଜି ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଛି। ଜବର ଦଖଲ ଉଚ୍ଛେଦ ବେଳେ ସେଠାରେ ଉତ୍ତେଜନା ଦେଖିଯାଇଥିଲା। ଜବରଦଖଲକାରୀମାନେ ଆଉ ୭ ଦିନ ସମୟ ଦେବା ପାଇଁ ଅନୁରୋଧ କରିଥିଲେ। ବାଉଁଶୁଣି ଛକରେ ଥିବା ସରକାରୀ ଜମିରେ ଜବରଦଖଲ କରିଥିବା ୧୩ଟି ଦୋକାନ ଓ ଘର ତିଆରି କରି ୨ଟି ପରିବାର ରହି ଆସୁଥିଲେ। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ସୋନପୁର ଉପଜିଲ୍ଲାପାଳ ସୌମ୍ୟାରୂପା ରଥ, ତହସିଲଦାର ରେସ୍ମା ଭୂଏ, ଅତିରିକ୍ତ ତହସିଲଦାର ଦୟାରାମ ମେହେର, ସୁପରଭାଇଜର ପ୍ରିୟବ୍ରତ ସେଠୀ, କୌଡ଼ିଆମୁଣ୍ଡା ରାଜସ୍ୱ ନୀରିକ୍ଷକ ବୁଲୁ ମେହେର, ବିନିକା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ଏସ ଆଇ ମୋହନ ବରିହା, ଶ୍ରୀକୃଷ୍ଣ ସେଠ, ଫାଣ୍ଡି ଅଧିକାରୀ ଆନନ୍ଦ ନାଏକଙ୍କ ସମେତ ପୁଲିସ ଫୋର୍ସ ପହଞ୍ଚିଥିଲେ। ତେବେ ଜବରଦଖଲକାରୀଙ୍କ ପାଖକୁ ୭ ଦିନ ପୂର୍ବରୁ ନୋଟିସ ପହଞ୍ଚିବା କଥା; ମାତ୍ର ମଙ୍ଗଳବାର ସନ୍ଧ୍ୟାରେ ନୋଟିସ ପହଞ୍ଚିଥିଲା। ବୁଦବାର ଜବରଦଖଲ ଉଚ୍ଛେଦ କରୁଥିବାରୁ ଉତ୍ତେଜନା ଦେଖା ଦେଇଥିଲା। ଜବରଦଖଲକାରୀ ବର୍ଷା ମାସରେ କେଉଁଠିକୁ ଯିବେ। ଆଉ ୭ ଦିନ ସମୟ ମାଗିବା ସହ ଏହି ସ୍ଥାନରେ କ'ଣ କରାଯିବ ଲିଖିତ ଭାବରେ ଦେଲେ ଜାଗା ଛାଡି ଦେବେ ବୋଲି ଜିଦ୍ ଧରିଥିଲେ। ତେବେ ତହସିଲଦାର ଓ ଥାନା ଅଧିକାରୀ ଶ୍ରୀ ପାଣିଗ୍ରାହୀ ବୁଝାସୁଝା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା।

## ମର୍ଜାକୁଦରେ ହାତୀପଲ

**ବୌଦ୍ଧ,୧୬।୭(ସମିସ):** ବୌଦ୍ଧ ସହର ମର୍ଜାକୁଦ ଦ୍ୱୀପ ଅଞ୍ଚଳକୁ ଏକ ୮ ଟିକିଆ ହାତୀପଲ ଭରା ମହାନଦୀରେ ପହଁରି ପହଁରି ଆସିଥିବା ଦେଖିବାକୁ ମିଳିଛି। ଖବର ପାଇ ବୌଦ୍ଧ ବନ କର୍ମଚାରୀ ମର୍ଜାକୁଦରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏହି ୮ ଟିକିଆ ହାତୀପଲ ଗତ ସପ୍ତାହରେ ମର୍ଜାକୁଦ ନିକଟ କୁଲାରୀ କୁଦକୁ ଚାଲି ଆସିଥିବା ବେଳେ ବନ ବିଭାଗ ଆଠ ମଲ୍ଲିକ ଅଞ୍ଚଳକୁ ଘଉଡାଇ ଦେଇଥିଲା। ବୁଧବାର ସକାଳେ ପୁଣି ହାତୀପଲ ମହାନଦୀ ପାର ହୋଇ ମର୍ଜାକୁଦ ଝିଲ୍ଲି ଘାଟ ନିକଟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ମର୍ଜାକୁଦରେ ବୌଦ୍ଧ ଏନଏସିର ୨ଟି ୱାର୍ଡ ରହିଥିବା ବେଳେ ଏଭଳି ହାତୀପଲଙ୍କୁ ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି।

## ଗୁପ୍ତେଶ୍ୱର ମନ୍ଦିର ନୂତନ ପରିଚାଳନା କମିଟି



**ସୁବଳୟା,୧୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ଦେୱାନପାଲିସ୍ଥିତ ଶ୍ରୀ ଗୁପ୍ତେଶ୍ୱର ଶୈବପୀଠର ବିକାଶ ପାଇଁ ବୁଧବାର ଟ୍ରଷ୍ଟ ଗଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ମୁରଲୀଧର ଭୋଇ ଓ କୋଷାଧକ୍ଷ ସୁଧାଂଶୁ ଶେଖର ସାହୁଙ୍କ ଅକାଳ ବିୟୋଗରେ ଟ୍ରଷ୍ଟରେ ଉକ୍ତ ପଦ ଖାଲି ପଡିଥିଲା। ଟ୍ରଷ୍ଟର ସମ୍ପାଦକ ବିଶ୍ୱାମିତ୍ର ନାଏକଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣଦାନି ଭୋଇଙ୍କୁ ସଭାପତି ଓ ପ୍ରମୋଦ ପାତ୍ରଙ୍କୁ କୋଷାଧକ୍ଷ ଭାବରେ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଜାନକୀ ରାମ ଦେହେରୀ, ବଦ୍ରିନାରାୟଣ ଶତପଥୀ, ଉତ୍ତର କୁମାର ପାତ୍ର, ନରସିଂହ ପ୍ରଧାନ ଓ ଅଜିତ ପାଣିଗ୍ରାହୀ ରହିଛନ୍ତି। ଉପସଭାପତି ଭାବେ ଅଲିରାମ ମହାକୁର, ସମ୍ପାଦକ ଭାବେ ବିଶ୍ୱାମିତ୍ର ପ୍ରଧାନ, ସହ ସମ୍ପାଦକ ଭାବେ ନିମାନନ୍ଦ ପଧାନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶ୍ୟାମସୁନ୍ଦର ପଧାନ, ଶମ୍ଭୁ ବେହେରାମାଲି, ଗୌର ବେହେରାମାଲି, ରାଜକୁମାର କର୍ମି, ଲିଙ୍ଗରାଜ ପଧାନ, ରାମଜୀ ବିଶ୍ୱାଳ, ସତ୍ୟଜିତ ଗୁଆ,ବିପିନ ନାଏକ, ଫକିର ମୋହନ ପାଢ଼ୀ, ଉମାଶଙ୍କର ଭୋଇ, ପ୍ରଫୁଲ୍ଲ ଅଦରକୁଲିଆ, ସୁରେନ୍ଦ୍ର କର୍ଣ୍ଣ, ପ୍ରଭଞ୍ଜନ ଝାଙ୍କର, ନଳିନୀକାନ୍ତ ବାଘ, ସୁଦାମ ମହାକୁର, ଭୁବନେ ଝାଙ୍କର, ରମେଶ ସାହୁ ପ୍ରମୁଖ ଶ୍ରୀ ଗୁପ୍ତେଶ୍ୱର ବାବା ବିକାଶ ଟ୍ରଷ୍ଟର ସଦସ୍ୟ ଅଛନ୍ତି।

## ଜେଏନ୍‌ଭି ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ତରଭା,୧୬।୭(ସମିସ):** ତରଭା ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ସୁଶୀଲ ମିଶ୍ରଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରଗଡ଼ ନିବାସୀ ଶ୍ରୀ ମିଶ୍ର ଏହି ବିଦ୍ୟାଳୟରେ ୨୦୧୭ରେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ନିଶିକାନ୍ତ ସାମକୁଁୱରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତ ଶିକ୍ଷୟତ୍ରୀ ସ୍ୱପ୍ନା ଗୁପ୍ତା ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ପରିବାର ତରଫରୁ ଶ୍ରୀ ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌøକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଛାତ୍ରୀ କ୍ରିତିଶା ସାହୁ, ଅନ୍ୱେଷା ନନ୍ଦ, ଛାତ୍ର ଅଭିଜିତ ପଣ୍ଡା, ଚିନ୍ମୟ ପାଣିଗ୍ରାହୀ ଶିକ୍ଷକଙ୍କ ଆଦର୍ଶ ନୀତି ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିକ୍ରମ କେଶରୀ ଭୋଇ, ମନମୋହନ ପଟେଲ, ସୂର୍ଯ୍ୟ ପ୍ରକାଶ ମହାନ୍ତି, ଜ୍ୟୋତିରୋଜା ସାହୁ, ଶଙ୍କର୍ଷଣ ସାହୁ ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ସହ ବିତାଇଥିବା ସମୟର ସ୍ମୃତିଚାରଣ କରିବା ସହ ତାଙ୍କର ସୁଖମୟ ଭବିଷ୍ୟତ ଜୀବନ କାମନା କରିଥିଲେ। ମନୋଜ ମେହେର, ପ୍ରଦୀପ ପଟେଲ, ରାକେଶ ଭୋଇ, ସିଦ୍ଧେଶ୍ୱର କର୍ଣ୍ଣ, ବିଶ୍ୱଜିତ୍ ଛତ୍ରିଆ, ଧରମବୀର ସିଂହ, ପ୍ରବୀର ମଲ୍ଲିକ, ସ୍ୱାଗତିକା ପ୍ରଧାନ, କର୍ମଚାରୀ ରତ୍ନାକର ମାଝୀ, ମୁକେଶ ମାହାନା, ଫୈଜଲ ପରୱେଜ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ରାକେଶ ଦାସ କାର୍ଯକ୍ରମ ଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

## ନୂଆପାଲି ଆଦିବାସୀ ହାଇସ୍କୁଲରେ ବନ ମହୋତ୍ସବ




**ଶଗଡା,୧୬।୭(ସମିସ):** କନ୍ଧମାଳ ବନାଞ୍ଚଳ ତଥା କନ୍ଧମାଳ ବ୍ଲକ କୁଲୁତାଜୋର ପଞ୍ଚାୟତ ନୂଆଁପାଲିସ୍ଥିତ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି। କନ୍ଧମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ବୌଦ୍ଧ ଜିଲ୍ଲା ବନାଞ୍ଚଳ ଅଧିକାରୀ ଦେବପ୍ରିୟ କମ୍ପ, କନ୍ଧମାଳ ଭାରପ୍ରାପ୍ତ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ବିଦ୍ୟାଳୟ ପୂର୍ବତନ ସଭାପତି କରୁଣାକର ସାହୁ, ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି, ଦିବ୍ୟଶଙ୍କର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟ ଶିକ୍ଷକ ସତ୍ୟ ରଞ୍ଜନ ବାଗଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତାମୂଳକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

## ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବିରେ କନ୍ଧମାଳରେ ବିକ୍ଷୋଭ

**ଶଗଡ଼ା/ମନମୁଣ୍ଡା,୧୬।୭(ସମିସ):** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାକୁ ନେଇ କନ୍ଧମାଳ ମହାବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରନେତା ଘନଶ୍ୟାମ ଦନ୍ତା, ଶିବଶକ୍ତି ବେହେରା, ଦୀପକ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିଭଳି ମନମୁଣ୍ଡା ବସନ୍ତ ସୋସିଆଲ ଫାଉଣ୍ଡେସନର ନିଃଶୁଳ୍କ କମ୍ପ୍ୟୁଟର କେନ୍ଦ୍ର ଛାତ୍ରଛାତ୍ରୀ ମଧ୍ୟ ଏହି ଘଟଣାରେ ନୀରବ ପ୍ରାର୍ଥନା ସହ ଶୋକସଭା କରିଥିଲେ।

## ମୁର୍ଷୁଣ୍ଡୀରେ ରକ୍ତଦାନ ଶିବିର

**ସୁବଳୟା,୧୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରାମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀରେ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅକ୍ରୁର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ ସାହୁ, ଡାକ୍ତର ନିରୁପମା ମହାପାତ୍ର, ସତ୍ୟମୋହନ ବେଦପାଣି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଇନ୍ଦ୍ରମଣି ବେହେରା, ମନୋରମା ଧଳ, ରାଜୁ ମୁଖି, ତପସ୍ୱିନୀ ପଧାନ, ଅଖିଳ ମୁଖି, ପ୍ରଦୀପ ମାହାନା, ଦିଲ୍ଲୀପ ପଧାନ, ପଞ୍ଚାନନ ଡାଙ୍ଗ, ଦିଲ୍ଲୀପ ସାହୁ, ଅସିତ ଧଳ ପ୍ରମୁଖ ସହଯୋଗ କରିଥିବା ବେଳେ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ




**ସୁବଳୟା/ଉଲୁଣ୍ଡା,୧୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ମେରା ଯୁବା ଭାରତ କ୍ଲବ୍‌ରେ "ମା' ପାଇଁ ଗଛଟିଏ' କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, କୋଷାଧକ୍ଷ ବିପିନ୍ ବିହାରୀ ଜେନା, ଏମ୍‌ଟିଏସ୍ କୃପାସିନ୍ଧୁ ସା, ବନବିଭାଗ ଫରେଷ୍ଟ ଗାର୍ଡ ପ୍ରବୀର ରଥ, ବିହାରିଲାଲ୍ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଢୀ, ବିଜୟ ହୋତା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଡକ୍ଟର ହୃଷୀକେଶ ଦେହେରୀ, ଶମ୍ଭୁରାଜ କର୍ଣ୍ଣ, ଧବଳେଶ୍ୱର ଭୁକ୍ତା ଗଛ ଯୋଗାଇବା ସହ ଯୋଗାଯୋଗ କରିଥିଲେ।

### ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍ ଉଦ୍‌ଘାଟିତ

# ସମ୍ବଲପୁର ଓ ବୌଦ୍ଧ ବିଜୟୀ



**ବୌଦ୍ଧ,୧୬।୭(ସମିସ)**

ଓଡିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଗ୍ରୁପ "ବି'ର ଆଜି ୨ଟି ମ୍ୟାଚ୍ ଥିବାବେଳେ ପ୍ରଥମ ମ୍ୟାଚ୍ କନ୍ଧମାଳ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ପତାକାଦେଖାଇ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଥିଲେ। ଖେଳ ସଂଘର୍ଷପୂର୍ଣ୍ଣ ଥିବାବେଳେ ପ୍ରଥମାର୍ଦ୍ଧରେ କେହିକାହାରିକୁ ଗୋଲ୍ ଦେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର କନ୍ଧମାଳକୁ ୩ଟି ଗୋଲ୍ ଦେଇ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ମୁଖ୍ୟ ରେଫରୀ ଭାବେ ପ୍ରଶାନ୍ତ ବେହେରା ମ୍ୟାଚ ପରିଚାଳନା କରିଥିବାବେଳେ ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ଦେବାଶିଷ ବାଗ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଞ୍ଜନ କୁଦେଇ ଦାୟିତ୍ୱ ତୁଲାଇଥିଲେ। ସମ୍ବଲପୁର ଦଳର ପ୍ରଶାନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବୌଦ୍ଧ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ବୌଦ୍ଧ ଦଳ ନୂଆପଡାକୁ ଗୋଟିଏ ଗୋଲ୍ ଦେଇ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସାହଣୀ କପ୍ ଆବାହକ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଦୁର୍ଗାମାଧବ ଆଚାର୍ଯ୍ୟ, ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଆଥଲେଟିକ ଆସୋସିଏସନର ସାଧାରଣ ସଂପାଦକ ଯୁଗଳ କିଶୋର ସାମଲ ଅତିଥିମାନଙ୍କ ସହ ମଞ୍ଚାସୀନ ଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ ମୁଖ୍ୟ ରେଫରୀ ଭାବେ ରୋଶନ ଖାନ ପରିଚାଳନା କରିଥିଲେ। ଲାଇନରେ ସୂର୍ଯ୍ୟନାରାୟଣ ମିର୍ଦ୍ଧା ଓ ସୋମନାଥ ମୁର୍ମୁ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଧନେଶ୍ୱର ସର୍ଦ୍ଦାର ଦାୟିତ୍ୱ ତୁଲାଇଥିଲେ। ଉଭୟ ମ୍ୟାଚ୍ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ। ଗୁରୁବାର ଗ୍ରୁପ "ଏ'ର ପ୍ରଥମ ମ୍ୟାଚ୍ ବରଗଡ ଓ କଳାହାଣ୍ଡି ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ଦେବଗଡ ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ହେବ।

## ୫ ଫୁଟର ଚମ୍ପା ନାଗ ଉଦ୍ଧାର

**ବୌଦ୍ଧ,୧୬।୭(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତ ରାଉତବାହାଲ ଗ୍ରାମରୁ ବିରଳ ପ୍ରଜାତିର ଚମ୍ପା ନାଗ ଉଦ୍ଧାର ହୋଇଛି। ଗ୍ରାମର ନରେଶ ପ୍ରଧାନଙ୍କ ଘର ଭିତରକୁ ଏକ ଚମ୍ପା ନାଗ ସାପ ପଶି ଯାଇଥିଲା। ପରିବାର ଲୋକେ କାଶଲପୁର ଗ୍ରାମର ମା ନାଗେଶ୍ୱରୀ ସ୍ନେକହେଲ୍ପ ଲାଇନକୁ ଖବର ଦେଇଥିଲେ। ହେଲ୍ପ ଲାଇନର ସଦସ୍ୟ ସୁରେଶ ଭୋଇ, ସୁଶୀଲ ଭୋଇ, ରାମ ବେହେରା, ନୀଳାଞ୍ଚଳ ରଣା ଓ ପ୍ରହଲ୍ଲାଦ ବାଘ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି।

## ବିପୁଳ ପରିମାଣର ଦେଶୀ ମଦ ଜବତ

**ଶଗଡା,୧୬।୭(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦପଲା ଗ୍ରାମ ରାସ୍ତା ନିକଟରେ ବେଆଇନ ଭାବେ ଦେଶୀ ମଦ ବିକ୍ରି ଚାଲିଥିବା ବେଳେ ଧରା ପଡିଛି। ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ହୃଦାନନ୍ଦ ପଟ୍ଟନାୟକ ନିକଟରୁ ୯ ଲିଟର ଦେଶୀ ମଦ ଜବତ ହୋଇଛି। ତେବେ ନୋଟିସ ଦେଇ ତାକୁ ଛାଡି ଦିଆ ଯାଇଛି।

## ଦହ୍ୟାରେ ବିଶ୍ୱ ସର୍ପ ଦିବସ

**ମନାମୁଣ୍ଡା,୧୬।୭(ସମିସ):** ବୌଦ୍ଧ ଜିଲ୍ଲାର ଦହ୍ୟା ପିଏମଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଘାସିରାମ ମିଶ୍ର, ରାଜ୍ୟସ୍ତରୀୟ ଯୁଗ୍ମ ସମ୍ପାଦକ ତଥା ତୀରନ୍ଦାଜ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ, ବୌଦ୍ଧ ପ୍ରାଣୀ କଲ୍ୟାଣ ମଞ୍ଚ ସମ୍ପାଦକ ଅରୁଣ ମେଣ୍ଡିଲି, ବୌଦ୍ଧ ପ୍ରାଣୀ କଲ୍ୟାଣ ମଞ୍ଚ ଉପଦେଷ୍ଟା ସମୀର ସାହୁ ଓ ଉପଦେଷ୍ଟା ପ୍ରାଣବନ୍ଧୁ ମହାପାତ୍ର ଉପସ୍ଥିତ ଥିଲେ। ପ୍ରାଣୀ କଲ୍ୟାଣ ମଞ୍ଚ ତରଫରୁ ସର୍ପ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତିପାଦନ କରାଯାଇଥିଲା। ସମସ୍ତଙ୍କ ବଞ୍ଚିବା ଅଧିକାର ଅଛି। ସାପ ଘରେ ବାହାରିଲେ ତାକୁ ନ ମାରି ସାପଧରାଳିଙ୍କୁ ଡାକି ସାପକୁ ଜଙ୍ଗଲରେ ଛାଡ଼ି ଦେବା ଏବଂ ସର୍ପ ଦଂଶନ କଲେ କ'ଣ ପ୍ରତିକାର କରାଯିବ ଇତ୍ୟାଦି ପାଲା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଘାସିରାମ ମିଶ୍ରଙ୍କୁ ଆଦର୍ଶ ଶିକ୍ଷ" ସମ୍ମାନ, କୃଷ୍ଣଚନ୍ଦ୍ର ସେଠୀଙ୍କୁ ପାର୍ଥ ସାରଥୀ ସମ୍ମାନ, ରାଜଲକ୍ଷ୍ମୀ ସ୍ୱାଇଁଙ୍କୁ ପରିବେଶ ମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା।



# ଗାଜା ଫୁଡ୍ ସେଣ୍ଟରରେ ଦଳାଚକଟା; ୪୩ ମୃତ




ଗାଜା, ୧୬।୭(ଏଜେନ୍ସି): ଗାଜାରେ ପୁଣି ଏକ ଅଘଟଣ ଘଟିଛି। ବୁଧବାର ଖାନ ୟୁନିସ୍‌ଠାରେ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ହୋଇଥିବା ଦଳାଚକଟାରେ ୪୩ଜଣ ମୃତ୍ୟୁବରଣ କରିଛନ୍ତି। ୨୧ ଜଣ ବ୍ୟକ୍ତି ଖାଦ୍ୟ ନେବାକୁ ପ୍ରୟାସ କରୁଥିବା ବେଳେ ପ୍ରାଣ ହରାଇଛନ୍ତି। ସେହିପରି ଅନ୍ୟ ୧୫ ଜଣ ଦଳାଚକଟାରେ ଜୀବନ ହାରିଛନ୍ତି। ଗାଜାର ହ୍ୟୁମାନଟାରିଆନ ଫାଉଣ୍ଡେସନ (ଜିଏଚ୍‌ଏଫ୍)ରେ ଏହି ଅଘଟଣ ଘଟିଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଜାଣିଶୁଣି ଇସ୍ରାଏଲ ଓ ଆମେରିକା ଭୋକିଲା ଲୋକଙ୍କ ନରସଂହାର କରୁଛି ବୋଲି ମନ୍ତ୍ରଣାଳୟ ଅଭିଯୋଗ ଆଣିଛି। ଏହି ଘଟଣାରେ ହମାସ ସହିତ ଜଡିତ ଲୋକମାନେ ମଧ୍ୟ ହିଂସା ସୃଷ୍ଟି କରିଥିଲେ ବୋଲି ଅଭିଯୋଗ କରାଯାଇଛି। ପୂର୍ବରୁ ଜିଏଚ୍‌ଏଫ୍‌କୁ ଏକ ମୃତ୍ୟୁ ଜନ୍ତା ବୋଲି ଜାତିସଂଘ ତରଫରୁ କୁହାଯାଉଛି। ଏହି ଫୁଡ୍ ସେଣ୍ଟର ଓ ଏହାର ଆଖାପାଖ ଅଞ୍ଚଳରେ ୮୭୦ଜଣ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି।

### ଲଦାଖରେ ଖାଇକୁ ଖସିଲା ମିନି ବସ୍

# ୨ ମୃତ, ୮ ଗୁରୁତର ଆହତ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଲଦାଖର କାରିଗିଲ ଜିଲ୍ଲାର ଗୁମ୍‌ରିରେ ବୁଧବାର ସାକାଳେ ଏକ ମିନି ବସ ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଫଳରେ ୨ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି ଓ ୮ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୬ଜଣ ସାମନ୍ୟ ରୂପେ ଆହତ ହୋଇଛନ୍ତି। ତେବେ ବସ୍ ଡ୍ରାଇଭର ସୁରକ୍ଷତି ଭାବେ ବର୍ତ୍ତି ଯାଇଛନ୍ତି। ଏହି ମିନି ବସରେ ୧୭ ଜଣ ଦ୍ରାସ ସେକ୍ଟରକୁ ଯାତ୍ରା କରୁଥିଲେ। କିନ୍ତୁ ଅଚାନକ ବସ୍ ରାସ୍ତାରେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଏହି ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ଦୁର୍ଘଟଣା କାରଣ ସମ୍ପର୍କରେ ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। ଉଲ୍ଲେଖଥାଉ ଗତ ୪ ମାସରେ ଲଦାଖରେ ୪ଟି ଦୁର୍ଘଟଣାରେ ମୋଟ ୧୪ ଜଣ ପ୍ରାଣ ହରାଇଛନ୍ତି। ଗତ ମଙ୍ଗଳବରେ ଡୋଡାରେ ବସ୍ ଖସିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିଲେ।

# ଆମେରିକାରେ ଚୋରି କରି ଧରାପଡ଼ିଲେ ଭାରତୀୟ ମହିଳା



ୱାଶିଂଟନ, ୧୬।୭ (ଏଜେନ୍ସି): ଆମେରିକାର ଇଲିନୋଇସ୍‌ର ଏକ ସୁପର ମାର୍କେଟ୍‌ରେ ଚୋରି କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳା ଧରାପଡ଼ିଛନ୍ତି। ସେ ସୁପରମାର୍କେଟର ଟାର୍ଗେଟ ଷ୍ଟୋରରେ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜିନିଷ ଚୋରି କରିଥିବାର ଅଭିଯୋଗ ହୋଇଛି। ମହିଳା ଜଣକ ସୁପରମାର୍କେଟ୍‌ରେ ୭ ଘଣ୍ଟା ବିତାଇବା ପରେ ଓ ପଇସା ନ ଦେଇ ଜିନିଷଗୁଡିକୁ ବାହାରକୁ ନେବାକୁ ଚେଷ୍ଟା କରିବା ବେଳେ ଧରା ପଡ଼ିଥିଲେ। ୨୦୨୫ ମେ ୧ରେ ଏହି ଘଟଣା ଘଟିଥିଲା। ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ମହିଳାଙ୍କ ନାମ ହେଉଛି ଅନୟା ଅବଲାନୀ। ତାଙ୍କ ଅଚରଣକୁ ନେଇ ଷ୍ଟୋର କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ ପୁଲିସକୁ ଡାକାଯାଇଥିଲା। ଧରା ପଡ଼ିବା ପରେ ମହିଳା ଜଣକ କ୍ଷମା ମାଗିବା ସହ ପଇସା ଦେବାକୁ ରାଜି ହୋଇଥିଲେ। ବିଲ୍ ଯାଞ୍ଚ୍ କରିବା ପରେ ମହିଳା ପେମେଣ୍ଟ କରି ନଥିବା ଜଣାପଡ଼ିଥିଲା। ଏହାପରେ ହାତକଡ଼ି ପକାଇ ତାଙ୍କୁ ଥାନକୁ ଆଣାଯାଇଥିଲା। ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କିନ୍ତୁ ଔପଚାରିକ ଭାବେ ତାଙ୍କୁ ଗିରଫ କରାଯାଇନାହିଁ। କିନ୍ତୁ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କୁହାଯାଇଛି।

# ନବଜାତ ଶିଶୁକୁ ବସ୍‌ରୁ ଫୋପାଡ଼ି ମାରିଲେ ଦମ୍ପତି

ମୁମ୍ବଇ, ୧୬।୭(ଏଜେନ୍ସି): ଚଳନ୍ତା ବସ୍‌ରେ ଏକ ଶିଶୁକୁ ଜନ୍ମଦେବା ପରେ ତାକୁ ଫୋପାଡି ମାରିବା ଭଳି ଘଟଣା ସମ୍ନାକୁ ଆସିଛି। ଶିଶୁକୁ ଜନ୍ମଦେବା ପରେ ମହିଳା ଓ ତାଙ୍କ ସାଥିରେ ଥିବା ବ୍ୟକ୍ତି ଜଣକ ବସର ଝରକାରୁ ଫୋପାଡି ଦେଇଛନ୍ତି। ଫଳରେ ଶିଶୁଟି ମୃତ୍ୟୁବରଣ କରିଛି। ଏହି ଘଟଣା ମହାରାଷ୍ଟ୍ରର ପରଭଣୀର ପଥରୀ-ସେଲୁ ରୋଡ୍‌ରେ ମଙ୍ଗଳବାର ସକାଳ ୬.୩୦ରେ ଘଟିଛି। ଏହି ମହିଳା ଜଣକ ହେଉଛନ୍ତି ୧୯ ବର୍ଷୀୟା ରତିକା ଢେର। ସେ ଅଲତାଫ ଶେଖଙ୍କ ସହ ଯାତ୍ରା କରୁଥିଲେ। ଶେଖ ମହିଳା ସ୍ୱାମୀ ବୋଲି ପରିଚୟ ଦେଇଛି। ଯାତ୍ରା ଅବସରରେ ରତିକା ପ୍ରସବ ଜନିତ ଯନ୍ତ୍ରଣା ଅନୁଭବ କରିଥିଲେ। ରତିକା ବସ୍‌ରେ ହିଁ ପିଲାକୁ ଜନ୍ମ ଦେଇଥିଲେ। ଏହାପରେ ପିଲାକୁ କପଡ଼ାରେ ଗୁଡାଇ ଦୁହେଁ ବାହାରକୁ ଫୋପାଡି ଦେଇଥିଲେ। ଦୁହେଁ ଏହି ପିଲାର ଲାଳନପାଳନ କରିବାକୁ ଅକ୍ଷମ ଓ ଏଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି। ବାହାରକୁ କିଛି ଫୋପାଡିବାରେ ଦେଖାଯିବା ପରେ ଡ୍ରାଇଭର ଦୁହିଁଙ୍କୁ ପ୍ରଶ୍ନ କରିଥିଲେ। ମୋର ବାନ୍ତି ହେଉଛି ବୋଲି ରତିକା ତାଙ୍କୁ କହିଥିଲା। କିନ୍ତୁ ମଝି ରାସ୍ତାରେ ଶିଶୁକୁ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରିଥିଲେ। ପ୍ରାରମ୍ଭିକ ଯାଞ୍ଚ୍ ପରେ ରତିକା ଓ ଶେଖଙ୍କୁ ପୁଲିସ ଗିରଫ କରିଛି।

# ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧ ଜିତିବା ଅସମ୍ଭବ: ସିଡିଏସ୍



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ବୁଧବାର ଯୁଦ୍ଧ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧରେ ବିଜୟ ଲାଭକରି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଦେଶରୁ ଆଣାଯାଉଥିବା ଟେକ୍ନୋଲୋଜି ଉପରେ ନିର୍ଭର କରିବାର ଅର୍ଥ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଦୁର୍ବଳ କରିବା। ଏହି ପ୍ରକ୍ରିୟା ହିଁ ଆମକୁ ଦୁର୍ବଳ କରୁଛି। ଅପରେସନ୍ ସିନ୍ଦୂର ଅବସରରେ ସ୍ୱଦେଶୀ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ଅର୍ଥାତ ଆଣ୍ଟି ଡ୍ରୋନ ସିଷ୍ଟମ ଆମ ପାଇଁ କାହିଁକି ଜରୁରୀ ଥିଲା ତାହା ସ୍ପଷ୍ଟ ହୋଇଛି। ଦିଲ୍ଲୀର ମାନିକସା ସେଣ୍ଟରରେ ୟୁଏଭି (ଅନମ୍ୟାନ୍‌ଡ ଏରିଆଲ ଭେଇକଲ) ଓ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ପ୍ରଦର୍ଶନୀରେ ଯୋଗ ଦେଇ ସିଡିଏସ୍ ଏହି କଥା କହିଛନ୍ତି।

ନିଜର ସୁରକ୍ଷା ପାଇଁ ଆମକୁ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଅନଆର୍ମଡ୍ ଡ୍ରୋନ ବ୍ୟବହାର କରିଥିଲା। ପାକିସ୍ତାନର ଅଧିକାଂଶ ଡ୍ରୋନକୁ ଆମେ ମାରି ଖସାଇବାରେ ସଫଳ ହୋଇଥିଲୁ। ଫଳରେ ଆମର କୌଣସ ସାମରିକ ତଥା ନାଗରିକ ଭିତ୍ତିଭୂମିର କ୍ଷତି ହୋଇ ନଥିଲା। ଆଧୁନିକ ଯୁଦ୍ଧରେ ଡ୍ରୋନର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି ଓ ଏହା କ୍ରାନ୍ତିକାରୀ ସାବ୍ୟସ୍ତ ହୋଇଛି। ଭାରତୀୟ ସେନାବାହିନୀ ମଧ୍ୟ ବୈପ୍ଳବିକ ଢ଼ଙ୍ଗରେ ଡ୍ରୋନ ବ୍ୟବହାର କରିଥିଲା। ବିଦେଶୀ ଟେକ୍ନୋଲୋଜି ଉପରେ ଆମେ ନିର୍ଭରଶୀଳ ରହିବା ଉଚିତ ନୁହଁ। ବିଦେଶ ଉପରେ ନିର୍ଭର କଲେ ଆମର ପ୍ରସ୍ତୁତି ଦୁର୍ବଳ ହେବ। ତେଣୁ ବ୍ୟାପକ ଭାବେ ଆମକୁ ଏ ନେଇ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନର ଯୋଜନା ମାତ୍ର ୮ ଘଣ୍ଟାରେ ଫେଲ୍ ମାରିଥିଲା ବୋଲି ସେ ଜୁନ୍ ୩ରେ କହିଥିଲେ। ମେ ୧୦ରେ ପାକିସ୍ତାନରେ ଭାରତକୁ ୪୮ ଘଣ୍ଟାରେ ପରାସ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ତା'ର ଯୋଜନା ମାତ୍ର ୮ ଘଣ୍ଟାରେ ହିଁ ଫେଲ୍ ମାରିଥିଲା ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ମେ ୭ରେ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ୍ ମାଡ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଥିଲା। ତେବେ ୪ ଦିନପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ଧ୍ୟା ୫.୩୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ।

# ଜମ୍ମୁ-କଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ମିଳୁ: ରାହୁଲ



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟ ପାହ୍ୟାର ମର୍ଯ୍ୟାଦା ମିଳୁ ବୋଲି ଲୋକସଭାର ବିପକ୍ଷ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ଭାବେ ମାନ୍ୟତା ଦେବା ପାଇଁ ବିଲ୍ ଆଣିବାକୁ ସେ କହିଛନ୍ତି। ଏ ସଂକ୍ରାନ୍ତରେ ରାହୁଲ ମୋଦୀ ଦୁଇଟି ପୁରୁଣା ମନ୍ତବ୍ୟକୁ ମନେ ପକାଇଛନ୍ତି। ୨୦୨୪ ମେ ୧୯ରେ ଭୁବନେଶ୍ୱରରେ ଓ ୨୦୨୪ ସେପ୍ଟେମ୍ବର ୧୯ରେ ଶ୍ରୀନଗର ରାଲିରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ନିଜ ଭାଷଣରେ କହିଥିଲେ। ପୁଣି ଲାଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୯ ୩୭୦ ଧାରା ଓ ୩୫ଏକୁ ହଟାଇବା ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ କେନ୍ଦ୍ରଶାସିତ ପ୍ରଦେଶରେ ରୂପାନ୍ତରିତ କରାଯାଇଥିଲା। ସେତେବେଳେ ସ୍ଥିତି ସାମାନ୍ୟ ହେବା ପରେ ପୂର୍ଣ୍ଣ ରାଜ୍ୟର ମର୍ଯ୍ୟାଦା ଦେବାକୁ ସରକାର କଥା ଦେଇଥିଲେ। ଉଲ୍ଲେଖଥାଉ କି, ୩୭୦ ଧାରା ହଟାଇବା ପରେ ୨୦୨୪ରେ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋଟ ୯୦ଟି ଆସନରୁ ନ୍ୟାସନାଲ କନ୍‌ଫରେନ୍ସ ୪୨ ସିଟ୍ ଜିତି ସବୁଠାରୁ ବଡ଼ ପାର୍ଟି ଭାବେ ଉଭା ହୋଇଥିଲା। ସହଯୋଗୀ କଂଗ୍ରେସକୁ ୬ ଓ ସିପିଆଇ(ଏମ୍) ଗୋଟିଏ ଆସନ ଜିତିଥିଲା। ସେହିପରି ବିଜେପି ୨୯ଟି ସିଟ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୪ ନିର୍ବାଚନରେ ସବୁଠାରୁ ବଡ଼ ପାର୍ଟି ଭାବେ ବିଜୟ ଲାଭ କରିଥିବା ପିଡିପି ୩ଟି ସିଟ୍ ଜିତିଥିଲା।

# ରାଜସ୍ଥାନରେ ପ୍ରବଳ ବର୍ଷା: ୨ ଦିନରେ ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷା ଜନିତ ଘଟଣାରେ ଗତ ଦୁଇଦିନ ମଧ୍ୟରେ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଜୟପୁର, ଚୁରୁ, ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଜିଲ୍ଲାର କେତୋଟି ତଳିଆ ଅଞ୍ଚଳରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇ ରହିଛି। ସେହିପରି ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପ୍ରବଳ ବର୍ଷା ଜାରି ରହିଛି। ହିମାଚଳର ୨୦୦ ଓ ଉତ୍ତରାଖଣ୍ଡର ୫୮ଟି ସଡକ ଭୂସ୍ଖଳନ କାରଣରୁ ବନ୍ଦ ରହିଛି।

# ସିରିଆ ଉପରେ ଇସ୍ରାଏଲ୍‌ର ଆକ୍ରମଣ



ଦାମାସକସ, ୧୬।୭(ଏଜେନ୍ସି): ଇସ୍ରାଏଲ୍ ଆଉ ଏକ ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ କରିଛି। ଇସ୍ରାଏଲ୍ ପଡୋସୀ ଦେଶ ସିରିଆର ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି। ରାଜଧାନୀ ଦାମାସକାସରେ ରାଷ୍ଟ୍ରପତି ଭବନ ନିକଟସ୍ଥ ସିରିଆ ସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ଆକଶମାର୍ଗରୁ ଆକ୍ରମଣ କରିଛି। ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ ସୂଚନା ଦିଆଯାଇଛି। ଦକ୍ଷିଣ ସିରିଆର ଦ୍ରୁଜ ନାଗରିକଙ୍କ ଉପରେ ସିରିଆ ସରକାରଙ୍କ ଦାମନମୂଳକ ନୀତିକୁ ବିରୋଧ କରି ଇସ୍ରାଏଲ ଏହି ଆକ୍ରମଣ କରିଛି ବୋଲି କୁହାଯାଇଛି। ସିରିଆରେ ଦ୍ରୁଜ ହେଉଛନ୍ତ ଏକ ଧାର୍ମିକ ଅଳ୍ପସଂଖ୍ୟକ ସମୁଦାୟ। ବିଶ୍ୱରେ ପାଖାପାଖି ୧୦ ଲକ୍ଷ ଦ୍ରୁଜ୍ ରହୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧା ସିରିଆରେ ହିଁ ରହୁଛନ୍ତି। ଲେବାନନ ଓ ଇସ୍ରାଏଲ୍ ମଧ୍ୟରେ ବହୁ ସଂଖ୍ୟାରେ ଦ୍ରୁଜ ରହୁଛନ୍ତି। ଲାଇଭ୍ ଟିଭି ଶୋରେ ଇସ୍ରାଏଲ୍‌ର ବୋମା ମାଡ଼ର ଦୃଶ୍ୟ ଦେଖିବାକୁ ମଳିଛି। ଚଳିତ ସପ୍ତାହରେ ହିଁ ଦ୍ରୁଜ ଯୋଦ୍ଧାଙ୍କ କବ୍‌ଜାର ରହିଥିବ ସହର ସ୍ୱେଦାରେ ସିରିଆ ତାଙ୍କର ସୈନ୍ୟଙ୍କୁ ନିୟୋଜିତ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି।

# ନ୍ୟାୟାଳୟଗୁଡିକରେ ଟଏଲେଟ୍ ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଦେଶରେ ନ୍ୟାୟାଳୟଗୁଡିକରେ ଟଏଲେଟ ଭଳି ମୌଳିକ ସୁବିଧାସୁଯୋଗର ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଆଭିମୁଖ୍ୟ କଡ଼ା କରିଛନ୍ତି। ଦେଶରୁ ୨୫ରୁ ୨୦ଟି ହାଇକୋର୍ଟ ଏପର୍ଯ୍ୟନ୍ତ ଟଏଲେଟ୍‌ର ସୁବିଧା ନେଇ କି ପଦକ୍ଷେପ ନେଇଛନ୍ତି, ସେନେଇ କିଛି କହିନାହାନ୍ତି। ୨୦୨୫ ଜାନୁଆରୀ ପହିଲାରେ ଏ ନେଇ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ସବୁ ହାଇକୋର୍ଟ, ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡିକୁ ନ୍ୟାୟଳୟରେ ପୁରୁଷ, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନ୍ସ ଜେଣ୍ଡରଙ୍କ ପାଇଁ ଭିନ୍ନ ଭିନ୍ନ ଟଏଲେଟ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନର ଦାରା ୨୧ ଅନୁସାରେ ସମସ୍ତଙ୍କୁ ସ୍ୱଚ୍ଛତାର ସବୁପ୍ରକାର ମୌଳିକ ଅଧିକାର ମିଳିବା ଉଚିତ ବୋଲି କୁହାଯାଇଛି। ବିଚାରପତି ଜେବି ପାରଦିବାଲା ଓ ମହାଦେବନ ବୁଧବାର ସବୁ ହାଇକୋର୍ଟକୁ ଆଗମୀ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥର ରିପୋର୍ଟ ନ ଦିଆଯାଏ, ତେବେ ହାଇକୋର୍ଟର ରେଜିଷ୍ଟାର ଜେନେରାଲଙ୍କୁ ନିଜେ ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି କୁହାଯାଇଛି। ଏ ନେଇ ୫ଟି ହାଇକୋର୍ଟ ଯଥା ଝାଡଖଣ୍ଡ, ମଧ୍ୟପ୍ରଦେଶ, କୋଲକାତା, ଦିଲ୍ଲୀ ଓ ପାଟନା ସେମାନଙ୍କ ରିପୋର୍ଟ ଦେଇଛନ୍ତି। ତେବେ ବାକି ୨୦ଟି ହାଇକୋର୍ଟ ରିପୋର୍ଟ ଦେଇନାହାନ୍ତି।

# ଉତ୍ତରାଖଣ୍ଡର ସରକାରୀ ବିଦ୍ୟାଳୟରେ ଗୀତା ଶ୍ଳୋକ ଆବୃତ୍ତି କରାଯିବ

ଡେରାଡୁନ, ୧୬।୭(ଏଜେନ୍ସି): ଉତ୍ତରାଖଣ୍ଡର ସରକାରୀ ସ୍କୁଲଗୁଡିକରେ ଶ୍ରୀମଦ୍ ଭାଗବତ ଗୀତାର ଶ୍ଳୋକ ଆବୃତ୍ତି କରାଯିବ। ଏ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟଗୁଡିକର ପ୍ରର୍ଥାନା ସଭାରେ ଗୀତାର ଗୋଟିଏ ଶ୍ଳୋକ ଉଚ୍ଚାରଣ କରାଯିବ ବୋଲି ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ମୁକୁଲ କୁମାର ସତି ସବୁ ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ ଉଚ୍ଚାରଣ କରାଯାଉଥିବା ଶ୍ଳୋକଗୁଡିକର ଅର୍ଥ ଓ ବୈଜ୍ଞାନିକ ପ୍ରାସଙ୍ଗିକତା ଛାତ୍ରମାନଙ୍କୁ ବୁଝାଇବାକୁ କୁହାଯାଇଛି। ଆଧୁନିକ ଶିକ୍ଷା ସହ ପାରମ୍ପରିକ ଭାରତୀୟ ଜ୍ଞାନ ଶୃଙ୍ଖଳାର ମିଶ୍ରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପର ଧ୍ୟାନ ଦେବାକୁ କୁହାଯାଇଛି।

### ଅଳ୍ପକେ ବର୍ତ୍ତିଲେ ୧୭୩ ଯାତ୍ରୀ

# ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ



ପାଟନା, ୧୬।୭(ଏଜେନ୍ସି): ପାଟନା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୨୪୮୨) ଅବତରଣ କରିବା ପରେ ଟଚିଂ ପଏଣ୍ଟକୁ ଛୁଇଁ ପାରି ନଥିଲା। ଫଳରେ ବିମାନଟି ଆଗକୁ ମାଡିଯାଇଥିଲା। ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ପାଇଲଟ୍ ତୁରନ୍ତ ବିମାନର ଟେକ୍‌ଅଫ୍ କରାଯାଇଥିଲେ। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ବିଚକ୍ଷଣତା ଯୋଗୁଁ ବିମାନଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ବୋଲି କୁହାଯାଉଛି। ଏହି ବିମାନରେ ୧୭୩ ଜଣ ଯାତ୍ରୀ ଥିଲେ ଓ ଏମାନଙ୍କ ଜୀବନ ବଞ୍ଚିଯାଇଛି ବୋଲି କୁହାଯାଉଛି। ସବୁ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଏୟାରପୋର୍ଟ ପ୍ରଶାସନ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି। ବୁଧବାର ସକାଳ ୯ଟାରେ ଏହି ବିମାନ ଦିଲ୍ଲୀ ପାଟନା ଆସିଥିଲା। ବିମାନ ଦ୍ୱିତୀୟଥର ପାଇଁ ଟେକ୍‌ଅଫ୍ କରିବା ପରେ ଆକାଶରେ ୪ଥର ରାଉଣ୍ଡ ମାରିଥିଲା। ୫ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀମାନେ କ'ଣ ଘଟୁଛି କିଛି ବୁଝିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ରନୱେ ଛୋଟ ଥିବାରୁ ବିମାନକୁ ଠିକ ସମୟରେ ରୋକି ପାରିବେ ନାହିଁ ବୋଲି ପାଇଲଟଙ୍କ ହୃଦୟଙ୍ଗମ ହୋଇଥିଲା। ଏଥିପାଇଁ ସେ ବିମାନକୁ ଦ୍ୱିତୀୟଥର ପାଇଁ ଟକ୍ ଅଫ୍ କରାଇଥିଲେ। ଫଳରେ ଯାତ୍ରୀମାନେ ଭୟଭିତ ହୋଇ ପଡ଼ିଥିଲେ। କିନ୍ତୁ କ୍ରୁ ମେମ୍ବରମାନେ ଯାତ୍ରୀମାନଙ୍କୁ ଏ ନେଇ ଅବଗତ କରାଇଥିଲେ ଓ ସମସ୍ତେ ସୁରକ୍ଷିତ ବୋଲି ବୁଝାଇବାକୁ ପ୍ରୟାସ କରିଥିଲେ। ୪ରୁ ୫ ମିନିଟ ଆକାଶରେ ରାଉଣ୍ଡ ମାରିବା ପରେ ବିମାନ ପୁଣି ଥରେ ଅବତରଣ କରିଥିଲା। ଫଳରେ ଯାତ୍ରୀମନେ ଆସ୍ୱସ୍ତି ଅନୁଭବ କରିଥିଲେ। ଉଲ୍ଲେଖଥାଉ କି, ୨୦୦୦ ଜୁଲାଇ ୧୭ରେ ଏହି ଭଳି ଘଟଣା ଘଟିଥିଲା। କୋଲାକାତାରୁ ଦିଲ୍ଲୀ ଯାଉଥିବା ବିମାନ ପାଟନାରେ ଲ୍ୟାଣ୍ଡିଂ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବୈଷୟିକ ତ୍ରୁଟି କାରଣରୁ ପାଇଲଟ ବିମାନକୁ ପୁଣି ଟେକ୍‌ଅଫ୍ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ବିମାନ ଯାଇ ଆଗକୁ ଯାଇ ଖସି ପଡ଼ିଥିଲା। ଏଥିରେ ମୋଟ୍ ୬୬ ଜଣ ମୃତ୍ୟୁବରଣ କରିଥିଲେ।

# ପହଲ୍‌ଗାମ୍ ଆକ୍ରମଣ ପରେ ଗୁଳି ଫୁଟାଇ ଉତ୍ସବ ମନାଇଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏବେ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ୨୬ ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରି ଜଘନ୍ୟ କାଣ୍ଡ ଘଟାଇବା ପରେ ଆତଙ୍କବାଦୀମାନେ ଖୁସି ମନାଇଥିଲେ। ଏହି କ୍ରମରେ ଉପରକୁ ମନଇଚ୍ଛା ଗୁଳି କରି ୩ ଜଣ ଆତଙ୍କବାଦୀ ନିଆରା ଢଙ୍ଗରେ ଖୁସି ମନାଥିଲେ ବୋଲି ରାଷ୍ଟ୍ରୀୟ ଯାଞ୍ଚ୍ ଏଜେନ୍ସି (ଏନ୍‌ଆଇଏ)ର ଯାଞ୍ଚ୍‌ରୁ ଜଣାପଡ଼ିଛି। ପହଲଗାମ ଆକ୍ରମଣର ମୁଖ୍ୟ ସାକ୍ଷୀ ଏ ନେଇ ସୂଚନା ଦେଇଛି ବୋଲି ଏଜେନ୍ସି ତରଫରୁ କୁହାଯାଇଛି। ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ପରେ ୩ ଆତଙ୍କୀ ବାଇସରନ ଉପତ୍ୟାକାରେ ଉପରକୁ ୪ ରାଉଣ୍ଡ ଗୁଳି ଫୁଟାଇ ଆନନ୍ଦରେ ନାଚି ଥିଲେ ବୋଲି ସାକ୍ଷୀ ଜଣକ କହିଛି। ତଦନ୍ତ ଅବସରରେ ଏନ୍‌ଆଇଏକୁ ଏକ ସ୍ଥାନୀୟ ବ୍ୟକ୍ତି ମିଳିଥିଲେ ଓ ତଙ୍କୁ ମୁଖ୍ୟ ସାକ୍ଷୀ ବନା ଯାଇଛି ଓ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଆତଙ୍କବାଦୀଙ୍କୁ ସଯୋଗ କରିବା ଅଭିଯୋଗରେ ପରଭେଜ ଅହମ୍ମଦ ଓ ବସିର ଅହମ୍ମଦଙ୍କୁ ଗିରଫ କରାଯାଥିଲା।

# ବଙ୍ଗାଳୀଙ୍କ ସହ ଭେଦଭାବ ନେଇ ମମତାଙ୍କ ପଦଯାତ୍ରା



କୋଲକାତା, ୧୬।୭(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟରେ ବଙ୍ଗାଳିଙ୍କ ସହ ଭେଦଭାବ କରିବାକୁ ବିରୋଧ କରି ପଦଯାତ୍ରା ବାହର କରିଛନ୍ତି। ବଙ୍ଗଳା ଭାଷା କହୁଥିବା ନାଗରିକଙ୍କ ପ୍ରତି ବିଜେପିର ବୈମାତୃକ ମନୋଭାବ କାରଣରୁ ନିରାଶ ହୋଇଛି ବୋଲି ସେ କହିଛନ୍ତି। ଏବେଠାରୁ ଅଧିକରୁ ଅଧିକ ବଙ୍ଗଳା ଭାଷାରେ କହିବି। ଯଦି ମତେ ବିଜେପି ଡିଟେନସନ କ୍ୟାମ୍ପରେ ରଖିବାକୁ ଚାହେଁ, ତାହେଲେ ରଖୁ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା କୋଲକାତାର କଲେଜ ସ୍କୋୟାରରୁ ବାହରି ଧର୍ମତାଲାର ଦୋରିନା କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମେତ ତୃଣମୂଳ କଂଗ୍ରେସ୍‌ର ଏକାଧିକ ବଡ଼ ନେତା ଅଂଶଗ୍ରହଣ କରିଥିଲେ। କୋଲକାତାକୁ ବାଦ୍ ଦେଲେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଏହି ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଆସିବାର କାର୍ଯ୍ୟକ୍ରମ ରହିଥିOବା ବେଳେ ଏଭଳି ବିରୋଧ ପ୍ରଦର୍ଶନ ଜାରି ରହିଛି। ଅପରପକ୍ଷରେ ମମତାଙ୍କ ପଦଯାତ୍ରାକୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିନ୍ଦା କରିଛନ୍ତି। ଅବୈଧ ଭାବେ ଭାରତକୁ ପସି ଆସିଥିବା ଲୋକଙ୍କୁ ବଞ୍ଚାଇବାକୁ ମମତା ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ବିଭିନ୍ନ ବିଷୟରେ ନିଜର ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ମମତା ଏପରି ପଦଯାତ୍ରାର ବାହନା କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି।

# ବାଂଲାଦେଶରେ ସତ୍ୟଜିତ୍ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି



କୋଲକାତା, ୧୬।୭(ଏଜେନ୍ସି): ପ୍ରଖ୍ୟାତ ଭାରତୀୟ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି ଆରମ୍ଭ ହୋଇଛି। ବାଂଲାଦେଶର ମିମେନସିଂ ସହରରେ ସତ୍ୟଜିତ୍‌ଙ୍କ ପୁରୁଣା ପୈତୃକ ଘର ରହିଛି। ଏହି ଘରକୁ ବାଂଲାଦେଶ ସରକାର ଭାଙ୍ଗିବା ପାଇଁ ଯୋଜନା କରୁଛନ୍ତି। ଏବେ ଏ ନେଇ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ସୂଚନା ଦେଇଥିଲେ। ତେବେ ଏହି ଘର ୧୦୦ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ବୋଲି ବାଂଲାଦେଶ ଡିପୋର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ତରଫରୁ କୁହାଯାଇଛି। ୧୯୪୭ରେ ଦେଶ ବିଭାଜନ ହେବା ପରେ ଏହା ସରକାରଙ୍କ ଅଧିନକୁ ଆସିଥିଲା। ଗତ ୧୦ ବର୍ଷ ହେବ ଏହି ବଙ୍ଗଳା ପରିତ୍ୟକ୍ତ ହୋଇ ପଡ଼ିରହିଛି। ଏହା ସେଠାରେ ଖେଳୁଥିବା ଛୋଟପିଲାଙ୍କ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଛଉଛି। ବାଂଲାଦେଶ ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏବେ ସତ୍ୟଜିତ ରଏଙ୍କ ଘରକୁ ଇସଲାମିକ କଟରପନ୍ଥୀମାନେ ଟାର୍ଗେଟ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପଟେ ଏହି ବଙ୍ଗାଳାର ପୁନର୍ଗଠନ୍ ପାଇଁ ଭାରତ ସରକାର ସହଯୋଗ କରିବ ବୋଲି ବାଂଲାଦେଶକୁ କହିଛି। ମମତା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ବାଂଲାଦେଶର ମହମ୍ମଦ ୟୁନୁସ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ବାସଭବନ ବେଙ୍ଗଲର ସାଂସ୍କୃତିକ ଇତିହାସ ସହ ଗଭୀର ଭାବେ ଜଡିତ ରହିଛି। ଏ ନେଇ ଭାରତ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମମତା ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି। ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବା ପରେ ଏହା ଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।





# ଜୁଲାଇ ୧୮ରେ 'ଇନ୍ଦ୍ରଧନୁ'

ସାତୋଟି ଛୋଟ ଛୋଟ କାହାଣୀକୁ ଏକାଠି ଗୁନ୍ଥି ଖୁବ୍ ଶୀଘ୍ର ବଡ଼ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ଇନ୍ଦ୍ରଧନୁ'। ଆସନ୍ତା ଜୁଲାଇ ୧୮ ତାରିଖରେ 'ଇନ୍ଦ୍ରଧନୁ' ମୁକ୍ତିଲାଭ କରିବାକୁ ଯାଉଛି। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - କ୍ରମରେ ଆକାଶରେ ସତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ରଙ୍ଗଭିତ୍ତିକ କାହାଣୀ। 'ଇନ୍ଦ୍ରଧନୁ'ର ନିର୍ଦ୍ଦେଶନା, ଚିତ୍ରାଭୋଳନ ଓ ସମ୍ପାଦନା କରିଛନ୍ତି ଯୁବ ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ। ସିନେମାର ପରିକଳ୍ପନା କରିଛନ୍ତି ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀ। ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରଯୋଜିତ ଏ ସିନେମାଟିରେ ସହ-ପ୍ରଯୋଜକ ଭୂମିକାରେ ଅଛନ୍ତି ସୂର୍ଯ୍ୟସ୍ନାତ ଓ ସୁରଭି ପଟ୍ଟନାୟକ। 'ଇନ୍ଦ୍ରଧନୁ'ର କାହାଣୀ ନିଖିଳେଶ ମିଶ୍ର, ସରୋଜ ବଳ, ବାଦଲ ମହାନ୍ତି ଓ ସୂର୍ଯ୍ୟସ୍ନାତଙ୍କ ଦ୍ୱାରା ଲିଖିତ ହୋଇଥିବା ବେଳେ ସିନେମାଟିକୁ ସଂଗୀତରେ ସଜେଇଛନ୍ତି ଅନୁରାଗ ପଟ୍ଟନାୟକ। ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଶିର୍ଷକ ଗୀତକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଂଗୀତରେ ସ୍ୱର ଦେଇଛନ୍ତି ସ୍ମୃତିରେଖା ଦାସ ଓ ରଶ୍ମିକାନ୍ତ ଶତପଥୀ। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଦୀପାନ୍ୱିତ ଦାଶମହାପାତ୍ର, ସ୍ମିତା ମହାନ୍ତି, ରମାକାନ୍ତ ମିଶ୍ର, ଭାସ୍ୱତୀ ବସୁ, ଦେବଦତ୍ତ ପତି, ଅଭିଷେକ ଗିରି, ଧରିତ୍ରୀ ଖୁଣ୍ଟିଆ, ସୁଧାଶ୍ରୀ ମଧୁସ୍ମିତା, ରିଙ୍କୁ ପ୍ରଧାନ, ସୌମ୍ୟରଞ୍ଜନ, ସମର୍ପିତା, ବିଶାଖା ଦେବଞ୍ଜନା, ସାଗର ଷଡ଼ଙ୍ଗୀ, ଅମିଷା ମହାନ୍ତି, ରୂପଶ୍ରୀ ଓ ଅନ୍ୟମାନେ। 'ଇନ୍ଦ୍ରଧନୁ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି।

# ବର୍ଲିନରେ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର




ଓଲିଉଡ୍ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ ଦକ୍ଷତା କେବଳ ଅଭିନୟରେ ସୀମିତ ନୁହେଁ, ଏବେ ସେ ନିର୍ଦ୍ଦେଶନାରେ ପାଦ ଥାପିଛନ୍ତି। ନିର୍ଦ୍ଦେଶନାରେ ବି ତାଙ୍କୁ ସଫଳତା ମିଳିଛି। 'ପିଙ୍କଉଡ୍ କ୍ରିଏସନ୍' ନିବେଦିତ ତାଙ୍କ ନିର୍ଦ୍ଦେଶିତ ପ୍ରଥମ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଅନୁଭବ- ଏ ଟେଲ୍ ଅଫ୍ ଲଭ୍ ଆଣ୍ଡ ସାକ୍ରିଫାଇସ୍' ଇଂରାଜୀ ସବ୍‌ଟାଇଟଲ୍ ସହ ବର୍ଲିନରେ ପ୍ରଶଂସା ସାଉଁଟିଛି। ଏଠାରେ ଇଣ୍ଡୋ-ଜର୍ମାନ ଫିଲ୍ମ ୱିକ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଜୁଲାଇ ୫ରୁ ଜୁଲାଇ ୯ ପର୍ଯ୍ୟନ୍ତ ବେବିଲନ୍ ଥିଏଟର୍‌ରେ ଦର୍ଶକେ ଏହାକୁ ଦେଖିବାକୁ ପାଇଥିଲେ। ପୁଣି ଜୁଲାଇ ୧୪ ତାରିଖରେ ଏହାର ଦ୍ୱିତୀୟ ସ୍କ୍ରିନିଂ ହୋଇଛି। ଏହି ଫିଲ୍ମର ଅବଧି ୧୮ ମିନିଟ୍। ସିନେମାଟିରେ ଗୋଟିଏ ମଧ୍ୟବିତ୍ତ ପରିବାରର ବାପା-ମା ଓ ପୁଅର କାହାଣୀ ଦେଖିବାକୁ ମିଳିଛି। ସିନେମାରେ ପ୍ରେମ, ସ୍ନେହ, ତ୍ୟାଗ, ପରିବାର ଓ ସମ୍ପର୍କର କଥା ରହିଛି। ସେହିପରି ସିନେମାଟି ମଧୁସୂଦନ ରାଓଙ୍କ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର'କୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ସିନେମାର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ, ପିଙ୍କି ପ୍ରଧାନ, ସଂଶିତ ପ୍ରମୁଖ ଅଭିନୟ କରିଛନ୍ତି। ଏହି ସିନେମା ମାଧ୍ୟମରେ ପିଙ୍କି ଅଭିନୟ, ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟରେ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ସିନେମାର କାହାଣୀ ପଣ୍ଡିତ କୁମାର ଗୌଡ଼ ଲେଖିଥିବା ବେଳେ ସଙ୍ଗୀତ ସହ କଣ୍ଠଦାନ କରିଛନ୍ତି ଦୀପ୍ତିମାନ। ସିନେମାର ଗୀତ ରଚନା କରିଛନ୍ତି ଦେବଦାସ ଛୋଟରାୟ।

# 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ



ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ ହୋଇଛି। ସୁଟିଂ ଆରମ୍ଭ ହେବା ପୂର୍ବରୁ ଏହାର ଟିମ୍ ପ୍ରଥମେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମାର କାହାଣୀରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଯାଉଛି । 'ଅମିୟ ପଟ୍ଟନାୟକ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ। ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି। ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଦମ୍‌ଦାର ଭୂମିକାରେ ନଜର ଆସିବେ । ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍ୱିତ ଦାଶମହାପାତ୍ର ମଧ୍ୟ ଏଥିରେ ଅଭିନୟ କରୁଛନ୍ତି । ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଥିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି । ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ୍ କ୍ରିଏଟର୍ ମିଷ୍ଟର ରାଉତଙ୍କୁ ବି ଫିଲ୍ମରେ ନିଆଯାଇଛି। ଚଳଚ୍ଚିତ୍ରରେ ଉଦୀୟମାନ ନବାଗତମାନଙ୍କ ଏକ ସୁନ୍ଦର ସମନ୍ୱୟ ରହିଛି। କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଓ ଅନୁପମ ପଟ୍ଟନାୟକ। ଏହାର ସଂଳାପ ରଚନା କରିଛନ୍ତି ପ୍ରଣବ ରଥ। ଚିତ୍ରନାଟ୍ୟ ଓ ସଂଳାପର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ନିଶାନ୍ତ ମାଜିଥିଆ। ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ପ୍ରମୁଖ ପାଞ୍ଚ ଜଣ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ। ଏହାର ମୁଖ୍ୟ ଚରିତ୍ର ଓ କାହାଣୀ ହାସ୍ୟରସ ଓ ରୋମାଞ୍ଚରେ ଭରପୂର। ଏହି ସିନେମାରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ ବଳିଷ୍ଠ କାହାଣୀ ରହିଛି।

# ଶେଷ ପର୍ଯ୍ୟାୟରେ 'ଲାଙ୍ଗୋ'



'ସତ୍ୟଭାମା ସିନେ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଙ୍ଗୋ-ମାଟିର ମଣିଷ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ସୁଟିଂ ପାଇଁ ପୂରା ୟୁନିଟ୍ ୨୫ ଦିନ ପର୍ଯ୍ୟନ୍ତ ନୟାଗଡ଼ ସହରରେ ଡେରା ପକେଇ ଥିଲା। ଏହି ୟୁନିଟ୍‌ରେ ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନଙ୍କ ସମେତ ମୋଟ ୭୫ ଜଣ ସଦସ୍ୟ ଥିଲେ। ଦଶପଲ୍ଲା, ସିଙ୍ଗପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ସମ୍ପନ୍ନ ହୋଇଥିଲା। ଏବେ ମାତ୍ର ପାଞ୍ଚ ଦିନର ପ୍ୟାଚ୍ ୱାର୍କ ବାକି ରହିଛି, ଯାହା ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳରେ ଅନୁଷ୍ଠିତ ହେବ। 'ଲାଙ୍ଗୋ' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ, ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି। ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନାୟକ ଭୂମିକାରେ ଅଛନ୍ତି ଶୁଭମ ସାଗର। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା ଓ ସଞ୍ଜନା ପ୍ରଧାନ। ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ବଡ୍ଡୁ ଭାଇ ଓ ରାଜଶ୍ରୀ। 'ଲାଙ୍ଗୋ'ର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବିଜୟ ରାଉଳ ସଂଳାପ ଲେଖିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ। ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥ୍‌ଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦୁ। ଏହା ଏକ ବ୍ୟୟବହୁଳ ସିନେମା ହୋଇଥିବା ବେଳେ ସୁଟିଂରେ କୌଣସି ପ୍ରକାର ଊଣା କରାଯାଇ ନ ଥିବା ଏହାର ନିର୍ଦ୍ଦେଶକ କହିଛନ୍ତି।

## ପରଦା ପଛର କାହାଣୀ



# ବାଥ୍‌ରୁମ୍‌ରେ ଫିଲ୍ମ ଗୀତ ରେକର୍ଡିଂ

ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ହୋଇଥାଏ। ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ, କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ। କିନ୍ତୁ କିଛି ଫିଲ୍ମ ଥାଏ, ଯାହା ଇତିହାସ ସୃଷ୍ଟି କରେ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିବା ସେଭଳି ଏକ ହିନ୍ଦୀ ଫିଲ୍ମ ହେଉଛି 'ମୁଗଲ-ଏ-ଆଜମ'। ଏହି ଫିଲ୍ମ ନିର୍ମାଣ ହେବାକୁ ପାଖାପାଖି ୧୬ ବର୍ଷ ସମୟ ଲାଗିଥିଲା। କେ. ଅସିଫ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। ସେଥିମଧ୍ୟରୁ ଗୋଟିଏ ହେଉଛି, 'ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା...'। ଏହି ଗୀତକୁ ଗାଇଥିଲେ ଲତା ମଙ୍ଗେସକର। ଆଜି ମଧ୍ୟ ଏହି ଗୀତ ଶୁଣିବାକୁ ଲୋକେ ବେଶ୍ ପସନ୍ଦ କରନ୍ତି। ନିର୍ଦ୍ଦେଶକ ଅସିଫ୍ ଗୀତକୁ ସୁପରହିଟ୍ କରିବା ପାଇଁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସେ ସମୟରେ ଗୀତ ମିକ୍ସିଂ ସୁବିଧା ନ ଥିବାରୁ ସଂଗୀତ ନିର୍ଦ୍ଦେଶକ ନୌସାଦ ଏଥିରେ ପ୍ରତିଧ୍ୱନି ସୃଷ୍ଟି କରିବା ପାଇଁ ଲତା ମଙ୍ଗେସକରଙ୍କୁ ଏହି ଗୀତ ଷ୍ଟୁଡିଓରେ ଥିବା ବାଥ୍‌ରୁମ୍‌ରେ ଗାଇବା ପାଇଁ କହିଥିଲେ। ଏହି ଗୀତକୁ ଶକୀଲ ବଦାୟୁନୀ ଲେଖିଥିଲେ। ସେ ଏହାକୁ ୧୦୫ ଥର ଲେଖିବା ପରେ ଗୀତଟିକୁ ଶେଷ କରିଥିଲେ। ଏହାପରେ ସଙ୍ଗୀତ ନିର୍ଦ୍ଦେଶକଙ୍କଠାରୁ ଏହି ଗୀତକୁ ସ୍ୱୀକୃତି ମିଳିଥିଲା। ଏହି ଗୀତ ମୁକ୍ତିଲାଭ କରିବା ପରେ ସୁପରହିଟ୍ ହୋଇଥିଲା। ଏହି ଯନ୍ତ୍ରଣାଦାୟକ ଗୀତ ଶୁଣି ଲୋକମାନେ ଦୁଃଖରେ କାନ୍ଦିଥିଲେ। 'ମୁଗଲ-ଏ-ଆଜମ' ହେଉଛି ଭାରତର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ।

## ସାକ୍ଷାତକାର

# "କଳାକାର ହେବା ପାଇଁ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ"

**ସମ୍ଭବ ମାନସିଂ, ଅଭିନେତା**



ନୃତ୍ୟ କେବଳ ଏକ କଳା ନୁହେଁ, ଏହା ହେଉଛି ଭାବ, ଅନୁଭୂତି ଓ ଆତ୍ମାର ଅଭିବ୍ୟକ୍ତି। ସେଥିପାଇଁ ସେ ନୃତ୍ୟକୁ ସବୁକିଛି ମାନି ନେଇଥିଲେ। ନୃତ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ହେଲେ ନୃତ୍ୟ ପରିବେଷଣ କରିବା ଭିତରେ ଅଭିନୟ କରିବା ତାଙ୍କ ପାଇଁ ପେସା ହୋଇଗଲା। ସେଭଳି ଜଣେ କଳାକାର ହେଉଛନ୍ତି ନୟାଗଡ଼ର ସମ୍ଭବ ମାନସିଂହ। ଓଡ଼ିଆ ସିନେମା 'ମିଠା ମିଠା'ରୁ କ୍ୟାରିୟର ଆରମ୍ଭ କରିଥିବା ସମ୍ଭବ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛନ୍ତି। 'ଆସିକ୍ ସରେଣ୍ଡର ହୁଆ' ଫିଲ୍ମରେ ଅଭିନୟ କରିବାକୁ ସେ ସୁଯୋଗ ପାଇଥିଲେ। ଏବେ ସେ 'ସୁନା ଝିଅ' ଧାରାବାହିକରେ ସମ୍ଭବ ଚରିତ୍ରରେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ତେବେ ନୃତ୍ୟଶିଳ୍ପୀରୁ ରଙ୍ଗିନ ଦୁନିଆକୁ ସେ କେମିତି ଆସିଲେ ଜାଣିବା ତାଙ୍କ ମୁହଁରୁ।

**ନୃତ୍ୟଶିଳ୍ପୀରୁ ଅଭିନୟର ଯାତ୍ରା କେମିତି ଥିଲା?**

- ପିଲାଦିନରୁ ମୁଁ ନୃତ୍ୟ କରୁଥିଲି। ମୁଁ ଜଣେ ପ୍ରଫେସନାଲ ନୃତ୍ୟଶିଳ୍ପୀ। ନୃତ୍ୟ ସହିତ ଅଭିନେତା ହେବାକୁ ଇଚ୍ଛା ଥିଲା। ଆଉ ନୃତ୍ୟ ମୋତେ ଅଭିନୟ କ୍ଷେତ୍ରକୁ ଟାଣି ଆଣିଲା। 'ମିଠା ମିଠା' ଓଡ଼ିଆ ଚଳଚ୍ଚିତ୍ର ମୋର ପ୍ରଥମ ଫିଲ୍ମ। ସୌଭାଗ୍ୟବଶତଃ ବିଭିନ୍ନ ପ୍ଲାଟଫର୍ମରେ ଅଡିସନ୍ ଦେଇ ଅନେକ ମ୍ୟୁଜିକ୍ ଭିଡ଼ିଓ ଏବଂ ଦୁଇଟି ସିନେମାରେ କାମ କରିପାରିଥିଲି। 'ଏ ମନ ମୋ ମନ', 'ଫଗୁଣ', 'ରେ ମନ', 'ଆଖିରେ ଆଖି' ଆଦି ଅନେକ ମ୍ୟୁଜିକ୍ ଭିଡିଓ ମୋତେ ଲୋକପ୍ରିୟତା ଦେଇଛି। ଏବେ ପ୍ରତି ସପ୍ତାହକୁ ମୋର ଦୁଇରୁ ତିନିଟି ମ୍ୟୁଜିକ ଭିଡିଓ ରିଲିଜ୍ ହେଉଛି। ନିକଟରେ ଦେବଜାନୀଙ୍କ ସହ 'ଭାରି ବେଇମାନି ଏହି ପୁରୁଷ ଜାତି' ମ୍ୟୁଜିକ ଭିଡିଓ ରିଲିଜ୍ ହୋଇଛି। ୭ ବର୍ଷ ପୂର୍ବରୁ ମୁଁ ଓ ପ୍ରକୃତି ମିଶ୍ର ମିଶି ପ୍ରଥମ ମ୍ୟୁଜିକ୍ ଭିଡ଼ିଓ 'ନଜଦିକିଆ' କରିଥିଲୁ। ସେତେବେଳେ ଏହା ବହୁତ ଟ୍ରେଣ୍ଡରେ ଥିଲା।

**'ସୁନାଝିଅ'ରେ କାମ କରିବାକୁ କାହିଁକି ମନ ବଳାଇଲେ?**

- ମୋ ମନ ଚାହୁଁଥିବା ପରି ସିନେମା ମିଳି ନ ଥିଲା, କି ଯେଉଁ ସିନେମା କରିଥିଲି ସେଥିରେ ସଫଳ ହେଲିନି। ହୃଦ୍‌ବୋଧ ହେଲା ଯେ, ଧାରାବାହିକରେ କାମ କରି ଓଡ଼ିଆ ଲୋକଙ୍କ ହୃଦୟରେ ରହିପାରିବି। ଆଗରୁ ଧାରାବାହିକରେ କାମ ପାଇଁ ଅଫର୍ ଥିଲା, ତେଣୁ ବିଳମ୍ବ ନ କରି 'ସୁନା ଝିଅ'ରେ ପିଢ଼ି ପରିବର୍ତ୍ତନ ହେବା ସମୟରେ ମୁଁ ମୁଖ୍ୟ ଚରିତ୍ରରେ କାମ ଆରମ୍ଭ କରିଥିଲି।

**ସମ୍ଭବ ଚରିତ୍ରକୁ ନେଇ କ'ଣ କହିବେ?**

- ଏଥିରେ ମୁଁ ଜଣେ କଲେଜ ପ୍ରଫେସର। ମୋ ଧର୍ମପତ୍ନୀଙ୍କୁ ସହଯୋଗ କରୁଛି, ଭୁଲ୍‌କୁ ପ୍ରଶ୍ରୟ ଦେଉନି। ବାସ୍ତବ ଜୀବନରେ ବି ସମ୍ଭବ ଭୁଲ୍ କଥାକୁ କେବେ ସମର୍ଥନ କରେନି। ଧାରାବାହିକ ନାଁରେ ଲୋକେ ଜଣେ ନାୟକକୁ ଚିହ୍ନୁଥିବାବେଳେ ଏହି ଧାରାବାହିକରେ ମୋ ଚରିତ୍ରର ନାଁ, ନିଜ ନାଁ ସହିତ ସମାନ ରହିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

- ସୁଟିଂ ନଥିଲେ ମୁଁ ମୋ ପରିବାର ସହ ସମୟ ବିତାଏ। ଧର୍ମପତ୍ନୀଙ୍କ ସହ ସିନେମା ଦେଖେ।

**ଏ କ୍ଷେତ୍ରରେ ତିଷ୍ଠି ରହିବାକୁ ପରିଶ୍ରମ କେତେ ଜରୁରି?**

- ସିନେମା କି ମ୍ୟୁଜିକ୍ ଭିଡିଓ କରିବା ପୂର୍ବରୁ ମୋ' ଜୀବନରେ ମୁଁ ବହୁତ ସଂଘର୍ଷ କରିଛି। କେବେ ବି କାମରେ ବିରକ୍ତି ପ୍ରକାଶ କରିନି। ବର୍ଷ ବର୍ଷ ଧରି ନିଜ ପ୍ରୋଫାଇଲ୍ ଧରି ମୁଁ ଧାଇଁଛି, ଝୁଣ୍ଟିଛି ଆଉ ତା' ଭିତରେ ବି ଆଗକୁ ବଢ଼ିବାକୁ ସାହାସ ପାଇଛି। ତେଣୁ ଜଣେ କଳାକାର ପାଇଁ ପରିଶ୍ରମ, ଧୈର୍ଯ୍ୟ ଆଉ ଅଭ୍ୟାସ ଏ ସବୁ ନିହାତି ଆବଶ୍ୟକ।

**ଡ୍ରିମ୍ ରୋଲ କ'ଣ?**

- କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ର ନୁହେଁ, ଅନେକ ଚରିତ୍ରରେ ମୋର ଅଭିନୟ କରିବାକୁ ଇଚ୍ଛା ଅଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ମା'ଙ୍କୁ ଦେଇ ଦେଇଥିଲି।

**ଆପଣଙ୍କ ଜୀବନର ଲକ୍ଷ୍ୟ?**

- ଗୋଟିଏ ସିନେମା କରିବି, ତାହା ପ୍ୟାନ୍ ଇଣ୍ଡିଆରେ ରିଲିଜ୍ ହେବ।

# ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ ଜିତିଲେ ଦୀପିକା

## ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ହକି ଖେଳାଳି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ଯୁବ ଫରୱାର୍ଡ ଦୀପିକା ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ହକି ଖେଳାଳି ଭାବେ ସମ୍ମାନଜନକ 'ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍' ଆୱାର୍ଡ ଜିତିଛନ୍ତି। ଶେଷ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଦୀପିକା ଚମତ୍କାର ଭାବେ ବଲ୍‌କୁ ଡ୍ରିବଲିଂ କରି ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଏକାକୀ ଗୋଲ୍‌ସ୍କୋର କରିଥିଲେ। ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ୩୫ତମ ମିନିଟ୍‌ରେ ୨୧ ବର୍ଷୀୟା ଦୀପିକା ବାମ ପାର୍ଶ୍ୱରୁ ଏକାକୀ ବଲ୍‌କୁ ଧରି ଅଗ୍ରସର ହୋଇଥିଲେ। ସେ ଏଭଳି ଚମତ୍କାର ଡ୍ରିବଲିଂ କୌଶଳ ପ୍ରଦର୍ଶିତ କରିଥିଲେ ଯେ ଏକାଧିକ ନେଦରଲାଣ୍ଡସ ଡିଫେଣ୍ଡର ଓ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ବଲ୍‌କୁ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ପରେ ସୁଟ୍‌ଆଉଟ୍‌ରେ ଭାରତ ମ୍ୟାଚକୁ ବାଜିମାତ୍ କରିନେଇଥିଲା।

ଉକ୍ତ ଦର୍ଶନୀୟ ଗୋଲ୍ ପାଇଁ ଦୀପିକାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକ ଭାଗନେଇ ଦୀପିକାଙ୍କ ଗୋଲ୍‌କୁ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତ ଭାବେ ବିବେଚିତ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୬ଜଣ ଖେଳାଳି ରହିଥିଲେ। ପୁରୁଷ ବିଭାଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଏହି ପୁରସ୍କାର ଜିତିଛନ୍ତି। ଉଲ୍ଲେଖଯୋଗ୍ୟ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ 'ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ' ଲିଗ୍‌ର ସବୁଠାରୁ ସୃଜନଶୀଳ ଓ କୁଶଳୀ ଗୋଲ୍ ମୁହୂର୍ତ୍ତକୁ ପ୍ରଦାନ କରାଯାଇଥାଏ। ପଲିଗ୍ରାସ ହକି ଟର୍ଫ ପ୍ରସ୍ତୁତ କରିଥାଏ। ଏହା ବିଶ୍ୱର ସର୍ବଶ୍ରେଷ୍ଠ ହକି ଟର୍ଫ ପ୍ରସ୍ତୁତ କରିବାରେ ଖ୍ୟାତି ଅର୍ଜନ କରିଛି। ଆଗାମୀ ୨୦୨୮ ଲସ୍ ଆଞ୍ଜେଲ ଅଲିମ୍ପିକ୍ସର ହକିରେ ମଧ୍ୟ ପଲିଗ୍ରାସ ଟର୍ଫ ବ୍ୟବହୃତ ହେବ।




# ଆରମ୍ଭ ହେଲା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



ଭୁବନେଶ୍ୱର, ୧୬।୭ (ସମିସ): ଜର୍ମାନୀର ଡୁଇସବର୍ଗ ସହରରେ ବୁଧବାର ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫଆଇଏସ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୨୭ରେ ଉଦ୍‌ଯାପିତ ହେବ। ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ଅସି ଚାଳିକା ଜଗମିତ୍ କୌର (ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ) ଓ ଅଭୟ ସିନ୍ଧେ (ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟ) ଭାରତୀୟ ପ୍ରତିନିଧି ଦଳର ପତାକା ବାହକ ରହିଥିଲେ। ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୩୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଭାରତୀୟ ଦଳର ଉପମୁଖ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କ ସହ ଜୁଲାଇ ୧୪ରେ ଜର୍ମାନୀ ଗସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି କିଟ୍ ନୋଡାଲ୍ ବିଶ୍ୱବିଦ୍ୟାଳୟ ରହିଥିଲା। ଏଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବଲ୍ ଟେନିସ, ଆଥ୍‌ଲେଟିକ୍ସ, ମହିଳା ଭଲିବଲ୍ ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଭାରତ-ଇଂଲଣ୍ଡ ପ୍ରଥମ ୟୁଥ୍ ଟେଷ୍ଟ ଡ୍ର

ବେକେନହାମ୍, ୧୬।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ଡ୍ର' ରହିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୟୁଥ୍ ଦଳ ଅନ୍ତିମ ତଥା ୪ର୍ଥ ଦିବସରେ ଅଧିନାୟକ ହାମଜା ଶେଖ୍‌ଙ୍କ ଶତକୀୟ ପାଳି ସତ୍ତ୍ୱେ ୬୩ ଓଭରରେ ୭ ୱିକେଟ୍ ହରାଇ ୨୭୦ ରନ କରିପାରିଥିଲା। ଭାରତୀୟ ବୋଲର ମଧ୍ୟ ଆଉ ୩ଟି ୱିକେଟ୍ ନେଇ ମ୍ୟାଚକୁ ଜିତିବାକୁ ଶତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଭାରତ ଏହି ମ୍ୟାଚର ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଥିଲା। ନିଜେ ଅଧିନାୟକ ଆୟୁଷ ମହାତ୍ରେ ୧୦୨ ରନର ପାଳି ଖେଳିଥିଲେ। ଜବାବରେ ଇଂଲଣ୍ଡ ୪୩୯ ରନରେ ପ୍ରଥମ ପାଳି ସୀମିତ ରହିଥିଲା। ୯୯ ରନରେ ଅଗ୍ରଣୀ ରହିଥିବା ଭାରତ ଏହାପରେ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୭୦ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସିରିଜର ଅନ୍ତିମ ତଥା ୨ୟ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ।

## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

# ଶୀର୍ଷକୁ ଫେରିଲେ ରୁଟ୍

ଦୁବାଇ, ୧୬।୭ (ଏଜେନ୍ସି):

ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି। ରୁଟ୍ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଗୋଟିଏ ପାହାଚ ଲମ୍ଫ ପ୍ରଦାନ କରି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଭାରତ ବିପକ୍ଷ ୩ୟ ଟେଷ୍ଟର ଉଭୟ ପାଳିରେ ରୁଟ୍ ଯଥାକ୍ରମେ ୧୦୪ ଓ ୪୦ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ୍ୟ ୩ୟରୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ବ୍ରୁକ୍ ଶୀର୍ଷ ସ୍ଥାନ ହରାଇବା ସହ ୩ୟକୁ ଖସିଯାଇଛନ୍ତି।

୩୪ ବର୍ଷୀୟ ରୁଟ୍ ତାଙ୍କ କ୍ୟାରିୟରରେ ୮ ମଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ବୟୋଜ୍ୟେଷ୍ଠ ଖେଳାଳି ଭାବେ କୁମାର ସାଙ୍ଗାକାରା ୨୦୧୪ରେ ୩୭ ବର୍ଷ ବୟସରେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଅପରପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩ୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହାଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନ ଲାଭ କରିଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କ ଗୋଟିଏ ସ୍ଥାନ ଉନ୍ନତି ହୋଇଛି। ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଟପ୍-୧୦ରେ ଆଉ ଦୁଇ ଭାରତୀୟ ଭାବେ ଉପଅଧିନାୟକ ଋଷଭ ପନ୍ତ ୮ମ ଓ ଅଧିନାୟକ ଶୁବମନ ଗିଲ୍ ୯ମ ସ୍ଥାନରେ ରହିଛନ୍ତି। ପନ୍ତ ଗୋଟିଏ ସ୍ଥାନ ଓ ଗିଲ୍ ୩ଟି ସ୍ଥାନ ହରାଇଛନ୍ତି। ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ୧୨ରୁ ୬ଷ୍ଠ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ବୋଲାଣ୍ଡଙ୍କ ସହ ୫ଜଣ ଅଷ୍ଟ୍ରେଲୀୟ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହାଜଲେଉଡ୍ (୪ର୍ଥ), ନାଥନ ଲାୟନ (୮ମ) ଓ ମିଚେଲ ଷ୍ଟାର୍କ (୧୦ମ)।



### ଇଂଲଣ୍ଡ ଦଳକୁ ଜରିମାନା

ଲର୍ଡ୍ସ, ୧୬।୭ (ଏଜେନ୍ସି): ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୩ୟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ରୋମାଞ୍ଚକ ଭାବେ ୨୨ ରନରେ ବିଜୟୀ ହୋଇଥିଲା। ତେବେ ଏହି ମ୍ୟାଚରେ ଧୀମା ବୋଲିଂ କରିଥିବାରୁ ଘରୋଇ ଇଂଲଣ୍ଡ ଦଳ ଉପରେ ଆଇସିସି ଜରିମାନା ଲଗାଇଛି। ଧାର୍ଯ୍ୟ ସମୟରେ ଇଂଲଣ୍ଡ ଦଳ ୨ ଓଭର କମ୍ ବୋଲିଂ କରିଥିଲା। ଫଳରେ ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟରୁ ଇଂଲଣ୍ଡର ୨ ପଏଣ୍ଟ କାଟିଦିଆଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି'ର ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଏହି ସୂଚନା ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ଦଣ୍ଡକୁ ସ୍ୱୀକାର କରିଛନ୍ତି। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ।

## ସାହାଣୀ କପ୍ ଉଦ୍‌ଘାଟିତ

# ଅସୀମଙ୍କ ଦୁଇଟି ଗୋଲ୍; ଭୁବନେଶ୍ୱର ବିଜୟୀ

କଟକ,୧୬।୭ (ସମିସ): ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଏବଂ ବୌଦ୍ଧ ଜୋନ୍‌ରେ ଏକ ସଙ୍ଗରେ ମ୍ୟାଚ୍ ଖେଳାଯାଉଛି। ପ୍ରତ୍ୟେକ ଜୋନ୍‌ରେ ଆଜି ୨ଟି ଲେଖାଏ ମ୍ୟାଚ୍ ଆୟୋଜନ ହୋଇଥିଲା।

ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସମ୍ବଲପୁର ୩-୦ ଗୋଲରେ କନ୍ଧମାଳକୁ ହରାଇଛି। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ନୂଆପଡାକୁ ହରାଇଥିଲା। ବୌଦ୍ଧ ତରଫରୁ ସମୀର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ। କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡା ୨-୧ ଗୋଲରେ ଜଗତସିଂହପୁରକୁ ଓ ଭଦ୍ରକ ୨-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ସେହିଭଳି କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ କେନ୍ଦୁଝର ବିଜୟୀ ହୋଇଥିଲେ। ଷ୍ଟିଲ ପ୍ଲାଣ୍ଟ ଦଳ ୪-୧ ଗୋଲରେ ଯାଜପୁରକୁ ଓ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ଭୁବନେଶ୍ୱରର ଅସୀମ ଡୁଙ୍ଗଡୁଙ୍ଗ ୨ଟି ଗୋଲ୍ ଦେଇଥିଲେ। ଏଠାରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। କେନ୍ଦୁଝର ଜୋନ୍‌ରେ ଜିଲ୍ଲାପାଳ ବିଶାଲ ସିଂହ, ଏସପି ନୀତିନ କୁଶଳ କର, ସାହାଣୀ କପ୍ ଆବାହକ ଗଣେଶ୍ୱର ମହାତୋ, କେନ୍ଦ୍ରାପଡ଼ା ଜୋନରେ ବିଧାୟକ ପ୍ରତାପ କେଶରୀ ଦେବ, ଅତିରିକ୍ତ ଏସପି ଦେବାଶିଷ ଧଳ, ଫାଓ ଉପସଭାପତି ବିଜୟ ଦାସ, ବ୍ରହ୍ମପୁର ଜୋନରେ ଏସ୍‌ପି ସୁବର୍ଣ୍ଣା ବିବେକ, ଫାଓ କୋଷାଧକ୍ଷ ଭକ୍ତ ବତ୍ସଳ ଦାସ, ସଦସ୍ୟ ନବକିଶୋର ମିଶ୍ର, ବୌଦ୍ଧ ଜୋନରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


କେନ୍ଦୁଝର ଜୋନ୍

## ସେପ୍ଟେମ୍ବରରେ ଭାରତ ଆସିବେ ବୋଲ୍ଟ

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ବିଶ୍ୱର ମହାନ ସ୍ପ୍ରିଣ୍ଟର ତଥା ଧାବକ ଉସେନ ବୋଲ୍ଟ ଆସନ୍ତା ସେପ୍ଟେମ୍ବର ୨୬ରେ ଭାରତ ଗସ୍ତରେ ଆସିବେ। ୮ ଥରର ଅଲିମ୍ପିକ ଚାମ୍ପିଅନ ବୋଲ୍ଟ ଏହି ୩ ଦିନିଆ ଗସ୍ତରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି ପ୍ରମୋସନାଲ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ବୋଲ୍ଟଙ୍କ ଏହା ଦ୍ୱିତୀୟ ଭାରତ ଗସ୍ତ ହେବ। ଏଥିପୂର୍ବରୁ ୨୦୧୪ରେ ସେ ଭାରତ ଗସ୍ତରେ ଆସିଥିଲେ। ସେହି ସମୟରେ ସେ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ।

## ଟି-୨୦ ସିରିଜ ଜିତିଲା ବାଂଲାଦେଶ

କଲମ୍ବୋ, ୧୬।୭ (ଏଜେନ୍ସି): ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ବାଂଲାଦେଶ ୮ ୱିକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୩୩ ରନର ଲକ୍ଷ୍ୟକୁ ବାଂଲାଦେଶ ୧୬.୩ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଓପନର୍ ତାନଜିଦ୍ ହାସନ ତାମିମଙ୍କ ଅପରାଜିତ ୭୩ ରନ ଓ ମେହଦୀ ହାସନଙ୍କ ୪ ୱିକେଟ୍ ସଫଳତା ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏଥିସହ ଭ୍ରମଣକାରୀ ବାଂଲାଦେଶ ଟି-୨୦ ସିରିଜକୁ ୨-୧ରେ ଜିତିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ବାଂଲାଦେଶ ୮୩ ରନରେ ଜିତିଥିଲା।

# ଦୌଡ଼କୁଦରେ ୧୫ ନୂଆ ଜାତୀୟ ରେକର୍ଡ

### ସ୍ମରଣୀୟ ୨୦୨୫

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି):

ବର୍ଷ ୨୦୨୫ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି। ଚଳିତ ବର୍ଷର ପ୍ରଥମ ୭ ମାସ ଅତିକ୍ରାନ୍ତ କରିବାକୁ ଥିବାବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ଏସୀୟ ଓ ବିଶ୍ୱସ୍ତରରେ ଉର୍ଜନେରୁ ଊର୍ଦ୍ଧ୍ୱ ୧୫ଟି ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ଏକ ସ୍ମରଣୀୟ ସଫଳତା ପାଇଛନ୍ତି। ଏଥିରେ ସ୍ପ୍ରିଣ୍ଟ ଇଭେଣ୍ଟ ସମେତ ଥ୍ରୋ ଓ ପୋଲ୍ ଉପରେ ଭାରତୀୟ ଆଥ୍‌ଲେଟ୍‌ମାନେ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ କରିଛନ୍ତି। ଏହି ବର୍ଷ ଭାରତୀୟ ଆଥ୍‌ଲେଟ୍‌ମାନେ ଦୌଡ଼କୁଦରେ ପ୍ରତିଷ୍ଠା କରିଥିବା ରେକର୍ଡ ଉପରେ ସଂକ୍ଷେପରେ ନଜର ପକାଇବା।

**ନୀରଜ ଚୋପ୍ରା:** ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ମଧ୍ୟ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ଜାଭେଲିନ ଫିଙ୍ଗି ଦେଶ ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଦୋହା ଡାଏମଣ୍ଡ ଲିଗରେ ସେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିଥିଲେ।

**ପୁରୁଷ ୮୦୦ ମିଟର:** ମେ ୯ରେ ଦୁବାଇରେ ଅନୁଷ୍ଠିତ ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଭାରତର ମହମ୍ମଦ ଅଫଜାଲ ୧ ମିନିଟ୍ ୪୫.୬୧ ସେକେଣ୍ଡରେ ୮୦୦ ମିଟରକୁ ଶେଷ କରି ନୂଆ ଜାତୀୟ ରେକର୍ଡ କରିଥିଲେ। ଏହାପରେ ଜୁଲାଇ ୫ରେ ପୋଲାଣ୍ଡରେ ଏକ ଇଭେଣ୍ଟରେ ଅଫଜାଲ୍ ୧ ମିନିଟ୍ ୪୪.୯୩ ସେକେଣ୍ଡରେ ଫିନିଶ କରି ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ।

**୧୦୦୦୦ ମିଟର:** ୨୯ ମାର୍ଚ୍ଚରେ ଗୁଲବୀର ସିଂହ ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ପୁରୁଣା (୨୭:୧୪.୮୮ ସେକେଣ୍ଡ) ରେକର୍ଡକୁ ପଛରେ ପକାଇଥିଲେ।

**୪ ଗୁଣା ୧୦୦ମି. ରିଲେ:** ଅନିମେଶ, ମଣିକାନ୍ତ, ଗୁରିନ୍ଦର ଓ ଅମ୍ଲାନଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସକୁ ୩୮.୬୯ ସେକେଣ୍ଡରେ ଫିନିଶ କରି ୧୫ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଥିଲେ।

**ପୁରୁଷ ପୋଲ୍ ଭଲ୍ଟ:** ଏପ୍ରିଲ ୨୨ରେ ଦେବ ମୀନା ପୁରୁଷ ପୋଲ୍ ଭଲ୍ଟରେ ୫.୩୫ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଥିଲେ। ଏଥିସହ ଦୁଇ ମାସ ପୂର୍ବରୁ ଜାତୀୟ କ୍ରୀଡ଼ାରେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡ (୫.୩୨ ମିଟର)କୁ ପଛରେ ପକାଇଥିଲେ।

**ଷ୍ଟିପଲେଚେଜ୍:** ମହିଳା ୩୦୦୦ ମିଟର ଷ୍ଟିପଲେଚେଜ୍‌ରେ ପାରୁଲ ଚୌଧୁରୀ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ କରିଛନ୍ତି। ପ୍ରଥମେ ୧୬ ମେ'ରେ ସେ ଏହି ଦୂରତାକୁ ୯ ମିନିଟ୍ ୧୩.୩୯ ସେକେଣ୍ଡରେ ଫିନିଶ କରି ଦୁଇ ବର୍ଷ ତଳେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ମେ ୩୦ରେ ଏସିଆନ ଚାମ୍ପିଅନସିପ୍‌ରେ ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡରେ ରେସ ଶେଷ କରି ପୁଣିଥରେ ନୂଆ ଜାତୀୟ ରେକର୍ଡ କରିଥିଲେ।

### ଅନିମେଶ କୁଜୁରଙ୍କ ସଫଳତା

ଓଡ଼ିଶାର ଧାବକ ଅନିମେଶ କୁଜୁର ଉଭୟ ୧୦୦ ଓ ୨୦୦ ମିଟରରେ ନିଜର ଶ୍ରେଷ୍ଠତ୍ୱ ନିକଟରେ ପ୍ରଦର୍ଶିତ କରିଛନ୍ତି। ୧୦୦ ମିଟରରେ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମେ ୨୮ରେ ଗୁରିନ୍ଦରବୀର ସିଂହ ୧୦.୨୦ ସେକେଣ୍ଡ ସମୟ ନେଇ ମଣିକାନ୍ତ ହୋବ୍ଲିଦାର (୨୦୨୩ରେ ୧୦.୨୩ ସେକେଣ୍ଡ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ତେବେ ଜୁଲାଇ ୫ରେ ଗ୍ରୀସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଅନିମେଶ ୧୦.୧୮ ସେକେଣ୍ଡରେ ୧୦୦ ମିଟରକୁ ଫିନିଶ କରି ଗୁରିନ୍ଦରଙ୍କୁ ପଛରେ ପକାଇ ନୂଆ ଜାତୀୟ ରେକର୍ଡ କରିଥିଲେ। ଅପରପକ୍ଷରେ ପୁରୁଷ ୨୦୦ ମିଟରରେ ଅନିମେଶ ଦୁଇଥରର ନୂଆ ରେକର୍ଡ କରିଛନ୍ତି। ଏପ୍ରିଲ ୨୪ରେ ସେ ୨୦.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ଫଳରେ ୨୦୨୨ରେ ଅମ୍ଲାନ ବୋରଗୋହେଁ (୨୦.୫୨ ସେକେଣ୍ଡ) ପ୍ରତିଷ୍ଠା କରିଥିବା ୨୦୦ ମିଟର ରେକର୍ଡକୁ ଅନିମେଶ ଭାଙ୍ଗିଥିଲେ। ଏହାର କିଛି ମାସ ପରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ।




## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

# ନ୍ୟୁଜିଲାଣ୍ଡର ବିଜୟ ଅଭିଯାନ

ହରାରେ, ୧୬।୭ (ଏଜେନ୍ସି): ଜିମ୍ବାୱେରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇଁ ନ୍ୟୁଜିଲାଣ୍ଡ ଖାତା ଖୋଲିଛି। ଅପରପକ୍ଷରେ ପ୍ରଥମ ମ୍ୟାଚରେ ଜିମ୍ବାୱେକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସିରିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜୁଲାଇ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।

ବୁଧବାର ଖେଳାଯାଇଥିବା ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଟିମ୍ ରବିନସନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୭୩ ରନ କରିଥିଲା। ରବିନସନ ୬ ଚୌକା ଓ ୩ ଛକା ସହ ୫୭ ବଲରୁ ୭୫ ରନ କରିଥିଲେ। ସେହିଭଳି ବେଭନ ଜାକବ୍ସ ମଧ୍ୟ ୩୦ ବଲରେ ୪୪ ରନ କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱିନା ମଫାକା ୨ଟି ୱିକେଟ ନେଇଥିଲେ। ଜବାବରେ ୬୨ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡେୱାଲ୍ଡ ବ୍ରେଭିସ ୩୫, ଜର୍ଜ ଲିଣ୍ଡେ ୩୦, ଲୁଆନ-ଡ୍ରି ପ୍ରିଟୋରିଅସ ୨୭, ରିଜା ହେଣ୍ଡ୍ରିକ୍ସ ୧୬ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ମ୍ୟାଟ୍ ହେନରୀ ଓ ଜାକବ ଡଫୀ ୩ଟି ଲେଖାଏ ଏବଂ ଇଶ୍ ସୋଧୀ ୨ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ଟିମ୍ ରବିନସନ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS